

ସ୍ୱ-ଶାସନର ପରିଭାଷା :

# ପଞ୍ଚାୟତିରାଜ



cysd
sowing the seeds
of change...

ସ୍ୱ-ଶାସନର ପରିଭାଷା:

# ପଞ୍ଚାୟତିରାଜ

(ଏକ ସୂଚନା ପୁସ୍ତିକା)

cysd

ପ୍ରସ୍ତୁତି : ସିୱାଇଏସ୍‌ଡି
ଭୁବନେଶ୍ୱର

# ସ୍ୱ-ଶାସନର ପରିଭାଷା: ପଞ୍ଚାୟତିରାଜ


| | | |
|---|---|---|
| ପ୍ରକାଶକ | : | ସିଓ୍ୱାଇଏସ୍‌ଡି |
| | | © ସିଓ୍ୱାଇଏସ୍‌ଡି, ୨୦୦୭ |
| ସଙ୍କଳନ | : | ଶ୍ରୀମତ୍ ରାୟ |
| | | ସୁରେନ୍ଦ୍ର ପାତ୍ର |
| ପରାମର୍ଶ | : | ଗୀତାଞ୍ଜଳୀ ଜେନା |
| ପ୍ରଥମ ସଂସ୍କରଣ | : | ଫେବୃୟାରୀ, ୨୦୦୭ |
| ମୁଦ୍ରଣ | : | ନିର୍ଭିକ ପ୍ରିଣ୍ଟର୍ସ ପ୍ରା.ଲି., ମଞ୍ଚେଶ୍ୱର, ଭୁବନେଶ୍ୱର |
| ପ୍ରଚ୍ଛଦ | : | ସୁଧାକର ବିଶ୍ୱାଳ |
| ସହାୟତା ରାଶି | : | ଟ. ୨୫.୦୦ ମାତ୍ର |



ଠିକଣା :

ଇ-୧ , ଇନ୍‌ଷ୍ଟିଚ୍ୟୁନାଲ୍ ଏରିଆ,

ଗଙ୍ଗାଧର ମେହେର ମାର୍ଗ,, ଭୁବନେଶ୍ୱର - ୭୫୧୦୧୩

# ମୁଖବନ୍ଧ

ମହାତ୍ମା ଗାନ୍ଧୀ କହିଥିଲେ ଯେ -କୋଡିଏ ଜଣ ଲୋକ ଦିଲ୍ଲୀରେ ବସି ଶାସନ କରିବାକୁ ଗଣତନ୍ତ୍ର କୁହାଯାଇ ନ ପାରେ । ପୁଣି ଭାରତ ଭଳି ଏକ ଗ୍ରାମବହୁଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସାମୁହିକ ତଥା ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ବ୍ୟସ୍ତ ରହୁଥିବାରୁ, ଗାଁ ଗହଳ ବା ସହରାଞ୍ଚଳର ସ୍ଥାନୀୟ ସମସ୍ୟାଗୁଡିକର ସଠିକ୍ ସମାଧାନ ହୋଇପାରେନାହିଁ । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ଶାସନ ରହିଛି । ଏହି ଶାସନ ବ୍ୟବସ୍ଥାରେ ଦେଶର ସବୁ ନାଗରିକ ଯେପରି ପ୍ରତ୍ୟକ୍ଷଭାବେ ଅଂଶଗ୍ରହଣ କରିପାରିବେ ଓ ଦେଶର ସମ୍ବଳ ତଥା କାର୍ଯ୍ୟାବଳୀକୁ ଯେପରି କେନ୍ଦ୍ରଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସଠିକ୍ ଭାବରେ ବଣ୍ଟନ କରାଯାଇପାରିବ ସେଥିପାଇଁ ନିଆଯାଉଥିବା ପଦକ୍ଷେପକୁ "କ୍ଷମତାର ବିକେନ୍ଦ୍ରୀକରଣ" ବୋଲି କୁହାଯାଇଥାଏ । ଭାରତବର୍ଷରେ ଏହି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବିଷୟଟି ଆଞ୍ଚଳିକ ସ୍ୱଶାସନ ବା ପଞ୍ଚାୟତିରାଜ ବ୍ୟବସ୍ଥାରେ ସନ୍ନିବେଶିତ ହୋଇଛି । ଏହାର ମୂଳତତ୍ତ୍ୱଟି ହେଉଛି ଯେ ସ୍ଥାନୀୟ ଲୋକମାନେ ନିଜ ଅଞ୍ଚଳର ଶାସନ ଦାୟିତ୍ୱ ନିଜେ ବହନ କରିବେ, ନିଜ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ନିଜ ଅଞ୍ଚଳର ଲୋକମାନଙ୍କର ଆବଶ୍ୟକ ମୁତାବକ ନୀତି ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବେ । ତା ସହିତ ନିଜ ଅଞ୍ଚଳର ବିକାଶମୂଳକ କାର୍ଯ୍ୟଗୁଡ଼ିକ ବିଷୟରେ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରାଇବେ । ମୋଟ ଉପରେ କହିଲେ ଲୋକେ ନିଜକୁ ନିଜେ ଶାସନ କରିବେ ।

ଦେଶ ସ୍ୱାଧୀନ ହେବା ପରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟାର ସଫଳ ରୂପାୟନପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅନେକ ପ୍ରଚେଷ୍ଟା କରିଛନ୍ତି ଓ କରୁଛନ୍ତି । ପଞ୍ଚାୟତିରାଜର ସଫଳ ରୂପାୟନ ପାଇଁ ଇତି ମଧ୍ୟରେ ବହୁ କମିଟି ଗଠିତ ହୋଇଛି, ବହୁ ଆଇନ ପ୍ରଣୟନ କରାଯାଇଛି, ଏବଂ ବହୁ ବିବରଣୀ ଲେଖାଯାଇ ସାରିଛି । ପରିଶେଷରେ ୭୩ତମ ସମ୍ବିଧାନ ସଂଶୋଧନ ତଥା ଅନୁସୂଚିତ ଅଞ୍ଚଳପାଇଁ ସମ୍ପ୍ରସାରଣ(ପେସା) ବ୍ୟବସ୍ଥାର ପୃଷ୍ଠଭୂମି ଉପରେ ଆଜିର ପଞ୍ଚାୟତିରାଜ ବ୍ୟବସ୍ଥା ବେଶ୍ ଦୃଢ ଭାବରେ ଛିଡ଼ା ହୋଇପାରିଛି । କିନ୍ତୁ ପଞ୍ଚାୟତିରାଜର ପ୍ରକୃତ ଲକ୍ଷ୍ୟ ଏଯାବତ୍ ପୂରଣ ହୋଇପାରିନାହିଁ । ଏଥି ପାଇଁ ଆହୁରି ସଚେତନତା, ଆହୁରି ଅନେକ ସଂଘର୍ଷର ଆବଶ୍ୟକତା ରହିଛି । ସ୍ୱାୟତ୍ତଶାସନ ବ୍ୟବସ୍ଥାର ବାସ୍ତବ ରୂପାୟନ ପାଇଁ ଜନସାଧାରଣଙ୍କର ସଚେତନତା ଓ ଭାଗିଦାରିତା ବହୁ ପରିମାଣରେ ଆବଶ୍ୟକ ।

ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାୟତ୍ତଶାସନ ବ୍ୟବସ୍ଥାର ସୁଦୃଢୀକରଣ ତଥା ଜନସାଧାରଣଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବା ଉପଲକ୍ଷେ ଏହି ପୁସ୍ତିକାଟିକୁ ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର କଳେବର ଦୃଷ୍ଟିରୁ ଏହାକୁ ବିଶେଷ ବର୍ଣ୍ଣନାତ୍ମକ ନକରି ଏଥିରେ କେବଳ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ସୂଚନା ଦିଆଯାଇଛି । ସାମାଜିକ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟରତ କର୍ମୀ ବିଶେଷତଃ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ତଥା ପରାଜିତ ନେତୃବୃନ୍ଦ, ଅନ୍ୟାନ୍ୟ କର୍ମୀମାନେ ଏଥିରେ ସନ୍ନିବେସିତ ତଥ୍ୟକୁ ପ୍ରଶିକ୍ଷଣ, ଆଲୋଚନା, ସଭାସମିତି ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ସମୟରେ ବ୍ୟବହାର କରିପାରିବେ ।

ଗୀତାଞ୍ଜଳୀ ଜେନା
ସିଓ୍ୱାଇଏସ୍‌ଡି

# ସୂଚୀପତ୍ର


| ବିଷୟ | | ପୃଷ୍ଠା |
| --- | --- | --- |
| ୧. | ମୁଖବନ୍ଧ | |
| ୨. | ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାର କ୍ରମବିକାଶ | ୧ |
| ୩. | ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ,୧୯୯୨ | ୩ |
| ୪ | ଓଡିଶାର ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତିରାଜ | ୫ |
| ୫. | ଗ୍ରାମ ପଞ୍ଚାୟତର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ | ୮ |
| ୬. | ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର | ୧୩ |
| ୭. | ଗ୍ରାମସଭା | ୨୦ |
| ୮. | ପଲ୍ଲୀସଭା | ୨୪ |
| ୯. | ପଞ୍ଚାୟତ ପ୍ରତିନିଧିଙ୍କର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ | ୨୬ |
| ୧୦. | ପଞ୍ଚାୟତ ସମିତିର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ | ୨୯ |
| ୧୧. | ଜିଲ୍ଲା ପରିଷଦର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ | ୩୧ |
| ୧୨. | ରାଜ୍ୟ ଗ୍ରାମପଞ୍ଚାୟତ ଅର୍ଥ କମିଶନ | ୩୩ |
| ୧୩. | ଏକାଦଶ ଅର୍ଥ କମିଶନ ଓ ପଞ୍ଚାୟତିରାଜ | ୩୫ |
| ୧୪. | ଗ୍ରାମପଞ୍ଚାୟତର ସମ୍ବଳ, ପରିଚାଳନା ଓ ଆୟବୃଦ୍ଧି | ୪୧ |
| ୧୫. | ବିକାଶମୂଳକ ଯୋଜନାରେ ପଞ୍ଚାୟତର ଭୂମିକା | ୪୩ |
| ୧୬. | ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଓ ପଞ୍ଚାୟତିରାଜ | ୪୬ |
| ୧୭. | ଗ୍ରାମପଞ୍ଚାୟତ ଓ ସୂଚନା ଅଧିକାର | ୪୯ |
| ୧୮. | ପଞ୍ଚାୟତ ଓ ପ୍ରାଥମିକ ଶିକ୍ଷା | ୫୧ |
| ୧୯. | ସାମାଜିକ ସମୀକ୍ଷା(ସୋସିଆଲ ଅଡିଟ) | ୫୩ |
| ୨୦. | ପଞ୍ଚାୟତିରାଜ ଓ ମହିଳା | ୫୫ |

# ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାର କ୍ରମବିକାଶ

**ପଞ୍ଚାୟତିରାଜର ବିକାଶ :**

ଭାରତରେ ସ୍ୱଶାସନ ବା ପଞ୍ଚାୟତିରାଜ ବ୍ୟବସ୍ଥା ବହୁ ଝଡ଼ଝଞ୍ଜା ଭିତର ଦେଇ ଏହାର ପ୍ରତିଷ୍ଠା ଜାହିର କରିଛି। ବିଭିନ୍ନ ଯୁଗ ଯେମିତିକି ବୈଦିକ ଯୁଗ, ପୌରାଣିକ ଯୁଗ, ପ୍ରାଚୀନ ଯୁଗ, ମଧ୍ୟ ଯୁଗ, ଇଂରେଜ ଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସବୁଯୁଗରେ ଏହାକୁ ବିଭିନ୍ନ ଅବସ୍ଥାରେ ଭିନ୍ନ ଭିନ୍ନ ରୂପରେ ଦେଖିବାକୁ ମିଳିଛି । ପରାଧୀନ ଭାରତ ଓ ସ୍ୱାଧୀନ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ବିଭିନ୍ନ ଅବସ୍ଥା ଦେଇ ଗତିକରି ଆଜିର ସ୍ଥିତିରେ ପହଞ୍ଚିଛି। ତେବେ ଆମ ଦେଶର ପ୍ରଚଳିତ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ 'ଗ୍ରାମ ସ୍ୱରାଜ'ର ଏକ ନିଚ୍ଛକ ରୂପାନ୍ତର ମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଗାନ୍ଧିଜୀଙ୍କ ଭାଷାରେ ବିକାଶ ପଥରେ ତଳେ ପଡ଼ିଥିବା ସବୁ ଗ୍ରାମଗୁଡ଼ିକର ଲୋକମାନଙ୍କୁ ନେଇ ହିଁ ଦେଶରେ ପ୍ରକୃତ ଗଣତନ୍ତ୍ର କାର୍ଯ୍ୟକାରୀ ହୋଇପାରିବ।

ଆଧୁନିକ ଭାରତରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର କ୍ରମବିକାଶକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଉଛି ପ୍ରାକ୍ ସ୍ୱାଧୀନତା କାଳ ଆଉଟି ହେଉଛି ସ୍ୱାଧୀନୋତ୍ତର କାଳ ।

**ପ୍ରାକ୍ ସ୍ୱାଧୀନତା କାଳ :**

**(୧) ଲର୍ଡ଼ ମାୟୋ ଆଇନ (୧୮୭୦) :** ସେତେବେଳକାର ଅର୍ଥ ବା ରାଜସ୍ୱ ସଂଗ୍ରହର ଢାଞ୍ଚା ଦେଶର ବର୍ଦ୍ଧିତ ଆବଶ୍ୟକତାପାଇଁ ଯଥେଷ୍ଟ ନଥିବାରୁ ୧୮୭୦ ମସିହାରେ ତତ୍କାଳୀନ ଭାଇସ୍‌ରାୟ ଲର୍ଡ଼ ମାୟୋଙ୍କ ଦ୍ୱାରା ସ୍ଥାନୀୟ ସ୍ୱଶାସନ ଆଇନ ଲାଗୁ କରାଯାଇଥିଲା।

**(୨) ବେଙ୍ଗଲ ଚୌକିଦାରୀ ଆଇନ (୧୮୭୦) :** ୧୮୭୦ ମସିହାରେ ଆସିଥିବା ଏହି ଆଇନରେ ଗାଁର ମନୋନୀତ ସଦସ୍ୟମାନଙ୍କୁ ନେଇ ପଞ୍ଚାୟତ ଗଠନ ପାଇଁ ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଗଲା। ପଞ୍ଚାୟତ ଲୋକଙ୍କଠାରୁ ଟିକସ ଆଦାୟ କରି ପଞ୍ଚାୟତରେ ନିଯୁକ୍ତ ଚଉକିଆମାନଙ୍କୁ ବେତନ ଦେଉଥିଲା।

**(୩) ରିପନ ଆଇନ (୧୮୮୧) :** ୩୦ ସେପ୍ଟେମ୍ବର ୧୮୮୧ରେ ଲର୍ଡ଼ ରିପନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଥମ ଯୋଜନାରେ ପଞ୍ଚାୟତକୁ ଆର୍ଥିକ କ୍ଷମତା ପ୍ରଦାନ କରାଯିବା କଥା ସ୍ଥାନ ପାଇଲା। ତଦନୁଯାୟୀ କେତେକ ପ୍ରାଦେଶିକ ସରକାର ଜିଲ୍ଲାକମିଟିମାନ ଗଠନ କରିଥିଲେ। ୧୮୮୨ରେ ଲର୍ଡ଼ ରିପନ ସୁପାରିଶ କରିଥିଲେ ଯେ ଉପଖଣ୍ଡ, ତାଲୁକ ଓ ତହସିଲ ସ୍ତରରେ ସାନ ସାନ ପ୍ରଶାସନିକ ମଣ୍ଡଳୀମାନ ରହିବ ଏବଂ ଏକ ସ୍ଥାନୀୟ ପରିଷଦ ସମସ୍ତ ଦାୟିତ୍ୱ ତୁଲାଇବେ। ଏହି ପରିଷଦର ଦୁଇ ତୃତୀୟାଂଶ ସଦସ୍ୟ ନିର୍ବାଚିତ ପ୍ରତିନିଧି ହେବେ। ପ୍ରାଦେଶିକ ସରକାରମାନେ ଇଚ୍ଛା କଲେ ଏହି ସ୍ଥାନୀୟ ପରିଷଦ ଉପରେ ଜିଲ୍ଲାସ୍ତରୀୟ ପରିଷଦ ଗଢି ପାରିବେ। ଏହି ପରିଷଦ ହାତରେ ସମନ୍ୱୟ ବା ନିୟନ୍ତ୍ରଣ କ୍ଷମତା ରହିବ। ସଦସ୍ୟମାନଙ୍କର କାର୍ଯ୍ୟକାଳ ଦୁଇବର୍ଷ ହେବ। ଚକ୍ରାନୁବର୍ତ୍ତୀଭାବେ କିଛି ସଦସ୍ୟଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବାପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ରହିଥିଲା।

**(୪) ରାଜକୀୟ ବିକେନ୍ଦ୍ରୀକରଣ ଆୟୋଗ (୧୯୦୧) :** ଏହି ଆୟୋଗ ସ୍ଥାନୀୟ ପରିଷଦ ଓ ଜିଲ୍ଲା ପରିଷଦଗୁଡ଼ିକର କାର୍ଯ୍ୟକାରିତାର ସମୀକ୍ଷା କଲାପରେ ସୁପାରିଶ କଲେ ଯେ ଗ୍ରାମପଞ୍ଚାୟତଗୁଡ଼ିକରୁ ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ନିର୍ବାଚିତ ହେବେ। ପ୍ରତ୍ୟେକ ପରିଷଦରେ ନିର୍ବାଚିତ ପ୍ରତିନିଧିମାନଙ୍କ ସଂଖ୍ୟାଗରିଷ୍ଠ ମତରେ ଜଣେ ମୁଖିଆ ନିର୍ବାଚିତ ହେବେ। ଏଥିରେ ସଂଖ୍ୟାଲଘୁ ବର୍ଗର ପ୍ରତିନିଧିତ୍ୱ ପାଇଁ ମନୋନୟନର ବ୍ୟବସ୍ଥା ରହିବ। ଗ୍ରାମପଞ୍ଚାୟତମାନ ଗଠନ ହେବ ଓ ଉଚ୍ଛେଦ ହୋଇଯାଇଥିବା ସ୍ଥାନୀୟ ପରିଷଦଗୁଡ଼ିକର ପୁର୍ନଗଠନ କରାଯିବ।

**(୫) ମଣ୍ଟେଗୁ-ଚେମ୍ସଫୋର୍ଡ଼ଙ୍କ ବିବରଣୀ (୧୯୧୮) :** ଏଥିରେ ବ୍ୟବସ୍ଥା ରଖାଯାଇଥିଲା ଯେ ଦେଶର ବିଭିନ୍ନ ପ୍ରଦେଶଗୁଡ଼ିକରେ ଥିବା ମନ୍ତ୍ରୀମାନଙ୍କ କର୍ତ୍ତୃତ୍ୱ ଅଧୀନରେ ସ୍ଥାନୀୟ ସ୍ୱଶାସନ ଗୋଟାପଣେ ଲୋକଙ୍କ ନିୟନ୍ତ୍ରଣରେ ରହିବ ଏବଂ ବାହାର ନିୟନ୍ତ୍ରଣରୁ ମୁକ୍ତ ରହିବା ପାଇଁ ଏହାକୁ ସର୍ବାଧିକ ସ୍ୱାଧୀନତା ଅର୍ପଣ କରାଯିବ।

**(୬) ଭାରତ ସରକାରଙ୍କ ଆଇନ (୧୯୧୮) :** ଏହି ଆଇନରେ ବାସ୍ତବରୂପେ ସଂଖ୍ୟାଗରିଷ୍ଠ ଭୋଟରେ ନିର୍ବାଚିତ ସଦସ୍ୟମାନଙ୍କ ପ୍ରତିନିଧିତ୍ୱକୁ ଗ୍ରହଣ କରାଯିବାର ବ୍ୟବସ୍ଥା ରଖାଗଲା। ସ୍ଥାନୀୟ ନିର୍ବାଚନମଣ୍ଡଳୀଗୁଡ଼ିକର ଗଣତନ୍ତ୍ରିକରଣ ପାଇଁ ଏକ ନିର୍ବାଚନ ନୀତି ଲାଗୁ

ଦିଆଯିବା ଉଚିତ। କ୍ଷମତା ବିକେନ୍ଦ୍ରୀକରଣର ପ୍ରଥମ ବିନ୍ଦୁ 'ବ୍ଲକ' ହେବା ଉଚିତ। ଜିଲ୍ଲା ପରିଷଦ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ହୋଇଥିବା ଉନ୍ନୟନ କାର୍ଯ୍ୟକ୍ରମର ରୂପାୟନପାଇଁ ଜିଲ୍ଲାପରିଷଦର ଏକ 'କାର୍ଯ୍ୟନିର୍ବାହୀ କମିଟି' ରହିବା ଉଚିତ। 'ମଣ୍ଡଳ ପଞ୍ଚାୟତ' ଗଠନ କରାଯିବା ଉଚିତ। ଏହି ମଣ୍ଡଳ ପଞ୍ଚାୟତ ମଣ୍ଡଳର ଏକ ପେଣ୍ଠ ସ୍ଥଳ, ଯେପରିକି ଏକ ବଡ଼ ଗାଁ, ବା ଏକ ସାନ ସହର ବା ମଝିଆ ମଝି ସ୍ଥାନରେ ଅଧିକାଂଶ ସ୍ଥାନକୁ ସଂଯୋଗ କରିପାରୁଥିବା ଭଳି ବ୍ୟବସ୍ଥା ଥିବା କୌଣସି ଗୋଟିଏ ଗାଁକୁ କେନ୍ଦ୍ର କରି ଗଢାଯିବା ଉଚିତ।

**(୩) ଜିଭିକେ ରାଓ କମିଟି (୧୯୮୫) :** ଏହି କମିଟି ତାଙ୍କ ପ୍ରସ୍ତାବରେ ଜିଲ୍ଲା ସ୍ତରରେ ପଞ୍ଚାୟତ ଗଠନ ପାଇଁ ସୁପାରିଶ କରିଥିଲେ।

**(୪) ଏଲ.ଏମ.ସିଂହ୍‌ଭୀ କମିଟି (୧୯୮୬):** ଏହି କମିଟି ଗ୍ରାମର ସମସ୍ତ ବାସିନ୍ଦାଙ୍କୁ ନେଇ 'ଗ୍ରାମସଭା' ଗଠନ ଓ ଏହାର ସୁଦୃଢ଼ୀକରଣ ଉପରେ ଅଧିକ ଗୁରୁତ୍ୱ ଦେଲା। ସିଂହ୍‌ଭୀ କମିଟିର ଅନ୍ୟ କେତେକ ସୁପାରିଶ ହେଲା ଯେ ପଞ୍ଚାୟତିରାଜକୁ ସାମ୍ବିଧାନିକ ମର୍ଯ୍ୟାଦା ଓ କେତୋଟି ଗାଁକୁ ନେଇ 'ନ୍ୟାୟ ପଞ୍ଚାୟତ' ଗଠନ ହେବା ଉଚିତ୍।

**(୫) ସରକାରିଆ କମିଶନ (୧୯୮୮) :** କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉଚିତ୍ ସମ୍ପର୍କ ସ୍ଥାପନପାଇଁ ଏହି କମିଶନ୍ ବସିଥିଲା। ଏହି କମିଶନ୍ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ପ୍ରସଙ୍ଗ ରାଜ୍ୟଗୁଡିକ ଉପରେ ନିର୍ଭର କରୁଛି ବୋଲି ମତ ପ୍ରଦାନ କରିଥିଲା।

**(୬) ୭୩ତମ ସମ୍ବିଧାନ ସଂଶୋଧନ (୧୯୯୨) :** ଭାରତୀୟ ସମ୍ବିଧାନର ନବମ ଭାଗରେ ଯୋଡା ହୋଇଥିବା ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଏକ ଐତିହାସିକ ପଦକ୍ଷେପ। ଏହି ଅଧିନିୟମରେ ଯେଉଁ ଦିଶାନିର୍ଦ୍ଦେଶ ଦିଆଯାଇଛି ତାହାକୁ ଅନୁଶୀଳନ କଲେ ଜଣାପଡେ ଯେପରି ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ପୁର୍ନଜନ୍ମ ହୋଇଛି। ଏହି ଅଧିନିୟମରେ ଯେଉଁ ବ୍ୟବସ୍ଥା ଦିଆଯାଇଛି ତା ଭିତରେ ସବୁଠାରୁ ମହତ୍ତ୍ୱପୂର୍ଣ ହେଉଛି 'ଗ୍ରାମସଭା' ଓ 'ପଲ୍ଲୀସଭା'। ପଞ୍ଚାୟତିରାଜ ବ୍ୟବସ୍ଥା ଓ ପଞ୍ଚାୟତିରାଜ ସଂସ୍ଥାଗୁଡିକୁ ସୁଦୃଢ କରିବାପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି ଯେ ପଞ୍ଚାୟତର କାର୍ଯ୍ୟକାଳ ନିଶ୍ଚିତ ଭାବେ ପାଞ୍ଚବର୍ଷ ହେବ। ଏହାର କାର୍ଯ୍ୟକାଳ ପୁରିବା ପୂର୍ବରୁ ପଞ୍ଚାୟତକୁ ଭାଙ୍ଗିଦେବାପାଇଁ ନିୟମରେ କୌଣସି ସଂଶୋଧନ କରାଯାଇ ପାରିବ ନାହିଁ। ତା ସହିତ ଏକଥା ମଧ୍ୟ କୁହାଯାଇଛି ଯେ ପଞ୍ଚାୟତର କାର୍ଯ୍ୟକାଳ ପୁରିବାର ଛଅ ମାସ ମଧ୍ୟରେ ସାନି ନିର୍ବାଚନ କରିବାକୁ ହେବ। ଏଥିରେ ପଞ୍ଚାୟତିରାଜ ସଂସ୍ଥାର ମୁଖ୍ୟ ପଦବୀଗୁଡିକରେ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା କଥା ମଧ୍ୟ ସ୍ପଷ୍ଟ କରିଦିଆଯାଇଛି। ଏଥିରେ ନୂଆ କରି ଏକାଦଶ ଅନୁସୂଚୀକୁ ଯୋଡାଯାଇଛି। ଯେଉଁଥିରେ କୁହାଯାଇଛି ଯେ ୨୯ଟି ବିଷୟରେ ପଞ୍ଚାୟତର କାର୍ଯ୍ୟ ଓ ଦାୟିତ୍ୱ ନିର୍ଦ୍ଧାରିତ ହେବ।

**(୭) ଅନୁସୂଚିତ ଅଞ୍ଚଳ ପାଇଁ ପଞ୍ଚାୟତିରାଜ ଆଇନ (ପେସା)-୧୯୯୭** : ଭୁରିଆ କମିଟିର ସୁପାରିଶ ଅନୁଯାୟୀ ୧୯୯୬ ମସିହାଠାରୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଖାସ୍ ଅନୁସୂଚିତ ଅଞ୍ଚଳ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ପ୍ରାବଧାନ କରାଯାଇଛି। ଏହା ମୁତାବକ ଓଡିଶାର ଅନୁସୂଚିତ ଅଞ୍ଚଳ ପାଇଁ ଓଡିଶା ପଞ୍ଚାୟତ ସମ୍ପ୍ରସାରଣ ଆଇନ-୧୯୯୭ (ଇଂରାଜୀରେ ପେସା) ମଧ୍ୟ ପ୍ରଣୟନ କରାଯାଇଛି। ଏହି ସ୍ୱତନ୍ତ୍ର ଆଇନ୍‌ଟି ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଥିବା ଧାରା ୪ରେ ହୋଇଥିବା ସଂଶୋଧନ ଅନୁଯାୟୀ ଅନୁସୂଚୀତ ଅଞ୍ଚଳରେ ଲାଗୁ ହେବ।

□□□

# ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ, ୧୯୯୨

ଭାରତୀୟ ସଂବିଧାନର ୭୩ତମ ସଂବିଧାନ ସଂଶୋଧନ ଅଧିନିୟମକୁ ଆମ ଦେଶର ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଐତିହାସିକ ପଦକ୍ଷେପ ଭାବେ ବିବେଚନା କରାଯାଏ। ଏହି ଅଧିନିୟମରେ ଉଲ୍ଲେଖିଥିବା ଦିଶାନିର୍ଦ୍ଦେଶକୁ ଅନୁଶୀଳନ କଲେ ଜଣାପଡେ ଯେପରି ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଏକ ପୁର୍ନଜନ୍ମ ହୋଇଛି।

ଏହି ଅଧିନିୟମଟି ରାଷ୍ଟ୍ରପତିଙ୍କ ସମ୍ମତି ପାଇବାପରେ ୧୯୯୩ ମସିହା ଏପ୍ରିଲ ୨୪ ତାରିଖରୁ ଦେଶରେ ଲାଗୁ ହୋଇଛି। ଏହାକୁ ସମ୍ବିଧାନର ଭାଗ ୯ ରୂପେ ଯୋଡାଯାଇଛି। ଏହି ସଂଶୋଧନର କେତୋଟି ପ୍ରଧାନ ଦିଗ ହେଉଛି -

- ❖ ରାଜ୍ୟ ବିଧାନମଣ୍ଡଳ ଯେମିତିକି ଓଡିଶା ବିଧାନସଭା ଦ୍ୱାରା ପ୍ରଣୀତ ବିଧି ଅନୁସାରେ 'ଗ୍ରାମସଭା' ତା'ର କ୍ଷମତା ପ୍ରୟୋଗ କରିବ ଓ ଦାୟିତ୍ୱ ସମ୍ପନ୍ନ କରିବ। (ଧାରା ୨୪୩-ଏ)।
- ❖ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ । ପଞ୍ଚାୟତର କାର୍ଯ୍ୟକାଳକୁ କମାଇବାପାଇଁ ବା କାର୍ଯ୍ୟକାଳ ପୁରିବା ପୂର୍ବରୁ ପଞ୍ଚାୟତ ଭାଙ୍ଗିଦେବାପାଇଁ ନିୟମରେ କୌଣସି ସଂଶୋଧନ କରାଯାଇପାରିବ ନାହିଁ। ପଞ୍ଚାୟତର କାର୍ଯ୍ୟକାଳ ପୁରିବା ତାରିଖର ଛଅ ମାସ ମଧ୍ୟରେ ସାନି ନିର୍ବାଚନ କରିବାକୁ ହେବ। (୨୪୩-ଡି(ଇ)।
- ❖ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ଅଧକ୍ଷ ବା ସଭାପତି ପଦବୀଗୁଡିକ ସମ୍ପୃକ୍ତ ପଞ୍ଚାୟତର ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ନିର୍ବାଚନ କରି ପୂରଣ କରାଯିବ। (୨୪୩-ସି)
- ❖ ପଞ୍ଚାୟତର ସଦସ୍ୟ ଓ ମୁଖ୍ୟ ପଦଗୁଡିକପାଇଁ ଅନୁସୂଚିତ ଜାତି ବା ଅନୁସୂଚିତ ଉପଜାତିର ପ୍ରାର୍ଥୀଙ୍କ ନିମନ୍ତେ ଯେଉଁ ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ, ତାହା ମୋଟ ଆସନ ସଂଖ୍ୟାର ଏକ ତୃତୀୟାଂଶରୁ କମ ହେବ ନାହିଁ। ଏଥିରେ ସଂପୃକ୍ତ ଜାତି ଓ ଉପଜାତିର ମହିଳା ପ୍ରାର୍ଥୀଙ୍କପାଇଁ ମଧ୍ୟ ଆସନ ସଂରକ୍ଷିତ ରହିବ(୨୪୩ଡି(୨))।
- ❖ ପଞ୍ଚାୟତର ମୁଖ୍ୟ ପଦଗୁଡିକର ଏକ ତୃତୀୟାଂଶ ଆସନ ମହିଳାମାନଙ୍କପାଇଁ ସଂରକ୍ଷିତ ରହିବ ଏବଂ ଏହି ସଂରକ୍ଷଣ ବ୍ୟବସ୍ଥା ପରବର୍ତ୍ତୀ ନିର୍ବାଚନଗୁଡିକରେ ଅନ୍ୟ ପଞ୍ଚାୟତମାନଙ୍କରେ ଲାଗୁ ହେବ। (୨୪୩ଡି୪)।
- ❖ ପଞ୍ଚାୟତର କେତେକ ସାଧାରଣ ସଦସ୍ୟ ପଦ ଓ ମୁଖ୍ୟ ପଦକୁ ପଛୁଆ ବର୍ଗର ନାଗରିକମାନଙ୍କପାଇଁ ସଂରକ୍ଷିତ କରିବାକୁ ରାଜ୍ୟ ସରକାର ନିର୍ଦ୍ୱନ୍ଦରେ ଆଇନ ପ୍ରଣୟନ କରିପାରିବେ। (୨୪୩ଡି-୬)
- ❖ ଏହି ଅଧିନିୟମରେ କୁହାଗଲା ଯେ ଏହାର କୌଣସି ଭାଗ ଅନୁସୂଚିତ ଅଞ୍ଚଳ ବା ସମ୍ବିଧାନର ୨୪୪(୨)ରେ ବର୍ଣ୍ଣିତ ଆଦିବାସୀ ଅଞ୍ଚଳରେ ଲାଗୁ ହେବ ନାହିଁ । ସଂସଦ ଅନୁସୂଚିତ ଅଞ୍ଚଳ ତଥା ଆଦିବାସୀ ବହୁଳ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଭାବରେ ଆଇନ ବ୍ୟବସ୍ଥା କରିପାରିବେ।

ଏହି ସଂଶୋଧନରେ ନୂଆ କରି ଏକାଦଶ ଅନୁସୂଚୀକୁ ଯୋଡା ଯାଇଛି । ଅନୁଚ୍ଛେଦ ୨୪୩(ଜି)ର ଅନୁଦେଶ ଅନୁଯାୟୀ ନିମ୍ନୋକ୍ତ ବିଷୟ ଗୁଡିକରେ ପଞ୍ଚାୟତର କାର୍ଯ୍ୟ ଓ ଦାୟିତ୍ୱ ନିର୍ଦ୍ଧାରିତ ହେବ।

୧. କୃଷି ଓ କୃଷିର ସମ୍ପ୍ରସାରଣ।
୨. ଭୂ-ଉନ୍ନୟନ, ଭୂ-ସଂସ୍କାର, ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା।
୩. କ୍ଷୁଦ୍ର ଜଳସେଚନ, ଜଳ ଯୋଗାଣ ଓ ଅବବାହିକାର ଉନ୍ନୟନ।
୪. ପଶୁପାଳନ।
୫. ମାଛ ଚାଷ।

୬. ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ବନୀକରଣ।
୭. ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ।
୮. ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ କ୍ଷୁଦ୍ରଶିଳ୍ପ।
୯. ଖଦୀ, ଗ୍ରାମ୍ୟ ଓ କୁଟୀର ଶିଳ୍ପ।
୧୦. ଗ୍ରାମ୍ୟ-ବାସଗୃହ।
୧୧. ପାନୀୟ ଜଳ।
୧୨. ଜାଳେଣୀ, ଘାସପତ୍ର ଆଦି ପଶୁଖାଦ୍ୟ ଚାଷ।
୧୩. ରାସ୍ତା, ନାଳ, ପୋଲ, ଘାଟ, ଜଳପଥ ଓ ଗମନାଗମନର ସୁବିଧା କରାଇବା।
୧୪. ବିଦ୍ୟୁତ ବଣ୍ଟନ ସମେତ ଗ୍ରାମ୍ୟ ବିଦ୍ୟୁତୀକରଣ।
୧୫. ଅଣପାରମ୍ପରିକ ଶକ୍ତି ଉତ୍ସ।
୧୬. ଦାରିଦ୍ର୍ୟ ଦୂରୀକରଣ ଯୋଜନା।
୧୭. ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା।
୧୮. ବୈଷୟିକ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ଶିକ୍ଷା।
୧୯. ଉଚ୍ଚଶିକ୍ଷା ଏବଂ ଅଣଆନୁଷ୍ଠାନିକ ଶିକ୍ଷା।
୨୦. ପାଠାଗାର।
୨୧. ସାଂସ୍କୃତିକ କାର୍ଯ୍ୟକ୍ରମ।
୨୨. ବଜାର ଏବଂ ମେଳା।
୨୩. ହସ୍‌ପିଟାଲ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡିସ୍‌ପେନ୍‌ସାରୀ ସମେତ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମ।
୨୪. ପରିବାର କଲ୍ୟାଣ।
୨୫. ମହିଳା ଓ ଶିଶୁ ବିକାଶ।
୨୬. ଶାରୀରିକ ଏବଂ ମାନସିକଭାବେ ଭିନ୍ନକ୍ଷମ ବ୍ୟକ୍ତିଙ୍କର କଲ୍ୟାଣ ସମେତ ସମାଜ ମଙ୍ଗଳ,
୨୭. ଦୁର୍ବଳ ଶ୍ରେଣୀ ବିଶେଷତଃ ଅନୁସୂଚିତ ଜାତି ଓ ଉପଜାତିର କଲ୍ୟାଣ।
୨୮. ସାଧାରଣ ବଣ୍ଟନ ବ୍ୟବସ୍ଥା।
୨୯. ସାମୂହିକ ସମ୍ପତ୍ତିର ରକ୍ଷଣାବେକ୍ଷଣ।

□□□

# ଓଡିଶାର ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତିରାଜ

ଭୁରିଆ କମିଟିର ସୁପାରିଶ ଅନୁଯାୟୀ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ୧୯୯୬ରେ ଖାସ୍ ଅନୁସୂଚିତ ଅଞ୍ଚଳପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ପ୍ରାବଧାନ କରାଯାଇଛି । ଏହି ସ୍ୱତନ୍ତ୍ର ଆଇନ ଅନୁଯାୟୀ ଓଡିଶାରେ ଯେଉଁ ଆଇନ ପ୍ରଣୟନ କରାଯାଇଛି ତାର ନାମ ରଖାଯାଇଛି- ଅନୁସୂଚିତ ଅଞ୍ଚଳ ପାଇଁ ଓଡିଶା ପଞ୍ଚାୟତ ସମ୍ପ୍ରସାରଣ ଆଇନ-୧୯୯୭ । ଇଂରାଜୀରେ ଏହାକୁ ପେସା (PESA) ଆଇନ ବୋଲି କୁହାଯାଉଛି ।

ଏହି ଆଇନ ଅନୁଯାୟୀ ଯେତେଦିନ ପର୍ଯ୍ୟନ୍ତ ଅନୁସୂଚିତ-ଅଞ୍ଚଳ-ଆୟୋଗ ସମ୍ପୃକ୍ତ ଅଞ୍ଚଳପାଇଁ ଅନ୍ୟ କୌଣସି ନିଷ୍ପତ୍ତି ନ ନେଇଛନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ଅଞ୍ଚଳଗୁଡିକ ସମ୍ବିଧାନର ଅନୁସୂଚୀଭୁକ୍ତ ହୋଇ ରହିଥିବେ ।

ଏହି ସ୍ୱତନ୍ତ୍ର ଆଇନଟି ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଥିବା ଧାରା ୪ ରେ ହୋଇଥିବା ସଂଶୋଧନ ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଲାଗୁ ହେବ ।

ଏଥିରେ ସ୍ପଷ୍ଟ କୁହାଯାଇଛି ଯେ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଯାହାସବୁ ଲେଖା ଅଛି ତା ଉପରେ କୌଣସି ରାଜ୍ୟର ବିଧାନସଭା ବା ବିଧାନ ମଣ୍ଡଳ ଏପରି କୌଣସି ଆଇନ କରିବେ ନାହିଁ ଯାହାକି ନିମ୍ନଲିଖିତ ବିଷୟଗୁଡିକର ବିରୋଧ କରିବ । ଯେମିତିକି-

(କ) ରାଜ୍ୟ ବିଧାନସଭା ବା ବିଧାନମଣ୍ଡଳ ପଞ୍ଚାୟତ ସମ୍ବନ୍ଧିତ ଯେଉଁ ସବୁ ଆଇନ କରିବ ତାହା ସ୍ଥାନୀୟ ପରମ୍ପରା, ସାମାଜିକ ତଥା ଧାର୍ମିକ ରୀତିନୀତି ଓ ସାମାଜିକ ସମ୍ପତ୍ତିର ଜଗାରଖା ଇତ୍ୟାଦି ବିଷୟ ଉପରେ ପୂର୍ବରୁ ଚାଲିଆସିଥିବା ବ୍ୟବସ୍ଥା ଆଧାରରେ ହିଁ ହେଉଥିବ ।

(ଖ) ଗାଁ ଅର୍ଥାତ୍ ଲୋକଙ୍କର ନିଜ ଗାଁ, ବସ୍ତି ବା କେତୋଟି ବସ୍ତି ଯାହାର ସବୁ ବାସିନ୍ଦା ନିଜକୁ ଗାଁ ସମାଜର ଅଂଶ ବୋଲି ଭାବୁଥିବେ ଓ ନିଜର ସମସ୍ତ କାର୍ଯ୍ୟ ଗାଁ ସମାଜର ପ୍ରଚଳିତ ପରମ୍ପରା ମୁତାବକ କରୁଥିବେ ।

(ଗ) ଉପରେ(ଖ ରେ) କୁହାଯାଇଥିବା ଅନୁସାରେ ପ୍ରତ୍ୟେକ ପାରମ୍ପରିକ ଗ୍ରାମପାଇଁ ଗୋଟିଏ ଲେଖାଁଏ ଗ୍ରାମସଭା ପ୍ରତିଷ୍ଠିତ ହେବ ଯେଉଁଥିରେ କି ପଞ୍ଚାୟତର ଭୋଟର ତାଲିକାରେ ନାମଥିବା ସବୁ ବାସିନ୍ଦା ସଦସ୍ୟଭୁକ୍ତ ହୋଇଥିବେ ।

(ଘ) ପ୍ରତ୍ୟେକ ଗ୍ରାମସଭା ଜନସାଧାରଣଙ୍କ ପରମ୍ପରା, ସାଂସ୍କୃତିକ ପରିଚୟ, ନିଜର ଗ୍ରାମସୀମା ଭିତରେ ଥିବା ସବୁ ସମ୍ପଦ ପ୍ରତି ଧ୍ୟାନ ଦେବା ସହିତ ଗ୍ରାମ ବା ଗ୍ରାମ ସମାଜର ପ୍ରତ୍ୟେକ ବିବାଦକୁ ନିଜ ପରମ୍ପରା ଅନୁଯାୟୀ ଫଇସଲା କରିବାକୁ ସକ୍ଷମ ହେବ ।

(ଙ) (୧) ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରାମସ୍ତରରେ ଗାଁର ସାମାଜିକ, ଆର୍ଥିକ ବିକାଶପାଇଁ କୌଣସି ପ୍ରକାରର କାର୍ଯ୍ୟକ୍ରମ ଆରମ୍ଭ କରାଯିବା ପୂର୍ବରୁ ଗ୍ରାମସଭାର ସ୍ୱୀକୃତି ନେବା ଆବଶ୍ୟକ ।

(୨) ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବା ସେହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ନାମ ତଥା ହିତାଧିକାରୀଙ୍କ ତାଲିକାଗୁଡିକ ଗ୍ରାମସଭା ପ୍ରସ୍ତୁତ କରିବ ।

(ଚ) ବିଭିନ୍ନ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଯେଉଁ ଟଙ୍କାପଇସା ଖର୍ଚ୍ଚ କରିବ ତା'ର ସମ୍ପୂର୍ଣ୍ଣ ହିସାବ ଗ୍ରାମସଭା ନିକଟରେ ଉପସ୍ଥାପିତ କରାଯିବ । ସେସବୁ ଖର୍ଚ୍ଚ ଠିକ୍‌ଠାକ୍ ହୋଇଛି କି ନାହିଁ ତା'ର ପ୍ରମାଣପତ୍ର ଗ୍ରାମସଭାଠାରୁ ନେବାକୁ ହେବ ।

(ଛ) ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଯେଉଁ ଜନସମୁଦାୟପାଇଁ ସଂରକ୍ଷଣ ବ୍ୟବସ୍ଥା ରଖା ଯାଇଛି ସେଥିରେ ସବୁ ସ୍ତରର ପଞ୍ଚାୟତ (ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ)ପାଇଁ ମୋଟ ଜନସଂଖ୍ୟାର ଅନୁପାତ ଅନୁସାରେ ସଂରକ୍ଷଣ ବ୍ୟବସ୍ଥା କରାଯିବ । ତେବେ କୌଣସି ପରିସ୍ଥିତିରେ ଅନୁସୂଚିତ ଉପଜାତିଙ୍କପାଇଁ ଲାଗୁ ହୋଇଥିବା ସଂରକ୍ଷଣ ଅଧାରୁ କମ ହେବ ନାହିଁ । ଏହା ବ୍ୟତୀତ ସବୁ ସ୍ତରର ପଞ୍ଚାୟତର ଅଧକ୍ଷ, ସରପଞ୍ଚ,ସଭାପତି ଆଦି ପଦଗୁଡିକ ଉପଜାତିଙ୍କ ପାଇଁ ସଂରକ୍ଷିତ ରହିବ ।

(ଜ) ଯଦି ଜିଲ୍ଲା ପରିଷଦ ବା ପଞ୍ଚାୟତ ସମିତିକୁ ସମ୍ପୃକ୍ତ କୌଣସି ଜନଜାତିର ବାସିନ୍ଦା ନିର୍ବାଚିତ ହୋଇ ଆସି ନପାରନ୍ତି ତେବେ ରାଜ୍ୟ ସରକାର ସମ୍ପୃକ୍ତ ପଞ୍ଚାୟତର ଜନଜାତି ସଦସ୍ୟଙ୍କୁ ମନୋନୀତ କରିବେ। ତେବେ ଏପରି ଭାବରେ ମନୋନୀତ ସଦସ୍ୟଙ୍କ ସଂଖ୍ୟା କୌଣସି ପରିସ୍ଥିତିରେ ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟାର ଦଶ ଭାଗରୁ ବେଶୀ ହେବ ନାହିଁ।

(ଝ) ଅନୁସୂଚିତ ଅଞ୍ଚଳରେ କୌଣସି ପ୍ରକାରର ଯୋଜନାପାଇଁ ଜମି ଅଧିଗ୍ରହଣ ପୂର୍ବରୁ ବା ସେହିପରି ଅନ୍ୟ ଯୋଜନା ଦ୍ୱାରା ପ୍ରଭାବିତ ଲୋକଙ୍କୁ ନିଜ ଭିଟାମାଟିରୁ ହଟାଇବା ଏବଂ ସେମାନଙ୍କୁ ଅନ୍ୟ ଯାଗାରେ ଥଇଥାନ କରିବା ପୂର୍ବରୁ ସମ୍ପୃକ୍ତ ଗ୍ରାମସଭା କିମ୍ବା ବା ଉଚିତ ସ୍ତରର ପଞ୍ଚାୟତ ସମିତିର ପରାମର୍ଶ ଲୋଡ଼ିବା ଜରୁରୀ। ତେବେ ଏହି ଅଞ୍ଚଳର ସମସ୍ତ ପ୍ରକଳ୍ପ ସମ୍ବନ୍ଧିତ ଯୋଜନା ପ୍ରସ୍ତୁତ କରିବା ବା ଲାଗୁ କରିବା ରାଜ୍ୟ ସ୍ତରୀୟ ସଂସ୍ଥା ଉପରେ ନ୍ୟସ୍ତ ହେବ।

(ଞ) ଅନୁସୂଚିତ ଅଞ୍ଚଳରେ ଥିବା ପୋଖରୀ, ମୁଣ୍ଡା, ବନ୍ଧ ଇତ୍ୟାଦି ପାଣି ସମ୍ବନ୍ଧୀୟ ଯୋଜନା ପ୍ରସ୍ତୁତ କରିବା କାମ ସଠିକ ସ୍ତରର ପଞ୍ଚାୟତ ଉପରେ ନ୍ୟସ୍ତ ହେବ।

(ଟ) ଅନୁସୂଚିତ ଅଞ୍ଚଳରେ ମାଟି, ପଥର, ବାଲି ପରି ଲଘୁ ଖଣିଜ ଦ୍ରବ୍ୟଗୁଡ଼ିକର ସର୍ବେକ୍ଷଣ କରିବାପାଇଁ ଅନୁମତି ଦେବା, ଖଣି ଖନନ ପାଇଁ ପଟ୍ଟା ଦେବା ପାଇଁ ଗ୍ରାମସଭା କିମ୍ବା ଉଚିତ ସ୍ତରର ପଞ୍ଚାୟତର ସୁପାରିଶ ନିଆଯିବା ଆବଶ୍ୟକ।

(ଠ) କୌଣସି ଲଘୁ ଖଣିଜ ଦ୍ରବ୍ୟର ଖନନପାଇଁ ନିଲାମ ଦିଆଯିବା ନିମନ୍ତେ ଅଗ୍ରୀମ ରଖିବାବେଳେ ଗ୍ରାମସଭା ବା ଉଚିତ ସ୍ତରର ପଞ୍ଚାୟତର ସୁପାରିଶ ଆବଶ୍ୟକ।

(ଡ) ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତଗୁଡ଼ିକ ନିଜକୁ ନିଜେ ଚଳାଇବାପାଇଁ ଯେପରି ସକ୍ଷମ ହୋଇପାରିବେ ସେଥିପାଇଁ ଆବଶ୍ୟକ କର୍ତ୍ତୃତ୍ୱ ବା ଅଧିକାର ଦେବାପାଇଁ ନିୟମ ତିଆରି କଲାବେଳେ ଉପରୋକ୍ତ ସଂସ୍ଥାଗୁଡ଼ିକୁ ଯେପରି ନିଶ୍ଚିତ ଭାବରେ କର୍ତ୍ତୃତ୍ୱ ଓ ଅଧିକାର ମିଳିବ ତାହା ଦେଖିବା ରାଜ୍ୟ ବିଧାନସଭାର କର୍ତ୍ତବ୍ୟ ହେବ।

ଏହା ସହିତ ନିମ୍ନ ଲିଖିତ କର୍ତ୍ତୃତ୍ୱ ଓ ଅଧିକାର ପ୍ରତି ଧ୍ୟାନ ଦେବାକୁ ହେବ :-

୧. କୌଣସି ନିଶା ଦ୍ରବ୍ୟର ବ୍ୟବହାର ଏବଂ ତାହାର ବିକ୍ରୀବଟାପାଇଁ ନିୟମ ତିଆରି କରିବା, ସେହି ନିୟମକୁ ଲାଗୁ କରିବା, ସେଗୁଡ଼ିକର ବ୍ୟବହାର ଓ ବିକ୍ରୀବଟା ଉପରେ କଟକଣା ଲଗାଇବା ଓ ସମ୍ପୂର୍ଣ୍ଣ ନିଶାନିବାରଣ କରିବା,

୨. ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା ସତ୍ତ୍ୱ ଜାହିର କରିବା,

୩. ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ହସ୍ତାନ୍ତରକୁ ରୋକିବା ଓ ଏପରି ଭାବରେ ଯେଉଁମାନେ ଜମି ହରାଇଥିବା ଲୋକଙ୍କୁ ଜମି ଫେରାଇଦେବା,

୪. ଗାଁରେ ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା କରିବା,

୫. ସମାଜସେବାରେ ନିୟୋଜିତ ସମସ୍ତ ପ୍ରକାରର ସଂସ୍ଥା, ଅନୁଷ୍ଠାନ ଏବଂ ଏହାର କର୍ମକର୍ତ୍ତାଙ୍କ ଉପରେ ନିୟନ୍ତ୍ରଣ ରଖିବା,

୬. ଆଦିବାସୀ ଉପଯୋଜନା ସହିତ ସ୍ଥାନୀୟ ତଥା ଅନ୍ୟାନ୍ୟ ଯୋଜନାଗୁଡ଼ିକପାଇଁ ଆସୁଥିବା ଟଙ୍କାପଇସା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା।

(ଢ) ନିଜ କାମ ନିଜେ କରାଇ ପାରୁଥିବା ପରି ଏକ ସଂସ୍ଥାରେ ପଞ୍ଚାୟତକୁ ପହଞ୍ଚାଇବାପାଇଁ ରାଜ୍ୟ ବିଧାନସଭା ଆଇନ କଲାବେଳେ ସେଥିରେ ଏପରି ବ୍ୟବସ୍ଥା ରଖିବେ ଯାହା ଫଳରେ ଉଚ୍ଚ ସ୍ତରର କୌଣସି ପଞ୍ଚାୟତ ଦ୍ୱାରା ତଳ ସ୍ତରର କୌଣସି ପଞ୍ଚାୟତ ବା ଗ୍ରାମସଭାକୁ ଦିଆଯାଇଥିବା କର୍ତ୍ତୃତ୍ୱ ବା ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ।

(ଣ) ଅନୁସୂଚିତ ଅଞ୍ଚଳରେ ଲାଗୁ ହୋଇଥିବା ପଞ୍ଚାୟତ ସମ୍ବନ୍ଧୀୟ କୌଣସି ଆଇନ ବା ତା'ର କୌଣସି ଧାରା ଯଦି ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଥିବା ନୂଆ ଆଇନ ସହିତ ମେଳ ଖାଉନଥାଏ, ତେବେ ସେହି ଅମେଳ ଆଇନ ବା ଧାରା ବିଧାନସଭା ବା ଅନ୍ୟ କୌଣସି ଜଣେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସଂଶୋଧନ କରାଯିବା ବା ସମାପ୍ତ କରାଯିବା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଯଦି ବିଧାନସଭା ବା ଉପଯୁକ୍ତ ଅଧିକାରୀ ନୂଆ ଆଇନକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବାର ବର୍ଷକ ଭିତରେ ପୁରୁଣା ଆଇନର ସଂଶୋଧନ ବା ଉଚ୍ଛେଦ ନକରନ୍ତି ତେବେ ବର୍ଷେ ପୂରିବା ମାତ୍ରେ ମେଳ ଖାଉନଥିବା ଏହି ଆଇନ ଗୁଡ଼ିକ ଆପେ ଆପେ ରଦ୍ଦ ହୋଇଗଲା ବୋଲି ଧରି ନିଆଯିବ।

ଯଦି ନୂଆ ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ତାରିଖ ବେଳକୁ କୌଣସି ପଞ୍ଚାୟତ କ୍ଷମତାରେ ଥାଏ, ତେବେ ସେସବୁ ପଞ୍ଚାୟତ ନିଜ କାର୍ଯ୍ୟକାଳ ପୂରିବା ପର୍ଯ୍ୟନ୍ତ କ୍ଷମତାରେ ରହିବେ। ମାତ୍ର ସମ୍ପୃକ୍ତ ରାଜ୍ୟର ବିଧାନସଭା ବା ବିଧାନ ମଣ୍ଡଳ ଚାହିଁଲେ ଗୋଟିଏ ପ୍ରସ୍ତାବ ଗ୍ରହଣ କରି ଏହି ପଞ୍ଚାୟତଗୁଡ଼ିକୁ ଭାଙ୍ଗି ଦେଇ ପାରିବେ।

□□□

# ଗ୍ରାମ ପଞ୍ଚାୟତର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ

**ଗ୍ରାମ ପଞ୍ଚାୟତର ଗଠନ :**

ରାଜ୍ୟ ବିଧାନମଣ୍ଡଳ (ଓଡିଶାରେ ବିଧାନସଭା)ର ପ୍ରଣୀତ ବିଧି ଅନୁଯାୟୀ ଗ୍ରାମ ପଞ୍ଚାୟତ ଗଠିତ ହୋଇଥାଏ। ପଞ୍ଚାୟତ ଲୋକସଂଖ୍ୟାର ଯେତିକି ପ୍ରତିଶତ ଅନୁସୂଚିତ ଜାତି / ଉପଜାତିର ହୋଇଥିବେ ମୋଟ ଆସନର ସେତିକି ପ୍ରତିଶତ ସେହି ଜାତି / ଉପଜାତିଙ୍କ ପାଇଁ ସଂରକ୍ଷିତ ରହିବ। ଏହି ସଂରକ୍ଷିତ ଆସନ ବ୍ୟବସ୍ଥା ଚକ୍ରାନୁବର୍ତ୍ତୀଭାବେ ପରବର୍ତ୍ତୀ ନିର୍ବାଚନରେ ଅନ୍ୟ ପଞ୍ଚାୟତଗୁଡ଼ିକ ଉପରେ ଲାଗୁ ହେବ। ପଞ୍ଚାୟତର କେତେକ ସାଧାରଣ ସଦସ୍ୟପଦ ଓ ମୁଖ୍ୟ ପଦ ପଛୁଆବର୍ଗର ନାଗରିକମାନଙ୍କପାଇଁ ସଂରକ୍ଷିତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦିଦରେ ଆଇନ ପ୍ରଣୟନ କରିପାରିବେ। ପଞ୍ଚାୟତର ସଦସ୍ୟ ଓ ମୁଖ୍ୟପଦଗୁଡ଼ିକପାଇଁ ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ନିମନ୍ତେ ଯେଉଁ ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ ତାହା ମୋଟ ଆସନ ସଂଖ୍ୟାର ଏକ ତୃତୀୟାଂଶରୁ କମ ହେବନାହିଁ। ମୁଖ୍ୟ ପଦବୀର ଏକ ତୃତୀୟାଂଶ ମହିଳା ପ୍ରାର୍ଥୀଙ୍କପାଇଁ ସଂରକ୍ଷିତ ହେବ ଓ ଏହି ସଂରକ୍ଷଣ ବ୍ୟବସ୍ଥା ପରବର୍ତ୍ତୀ ନିର୍ବାଚନଗୁଡ଼ିକରେ ଅନ୍ୟ ପଞ୍ଚାୟତରେ ମଧ ଲାଗୁ ହେବ।

**ଗ୍ରାମ ପଞ୍ଚାୟତର କାର୍ଯ୍ୟକାଳ :**

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ। କାର୍ଯ୍ୟକାଳକୁ କମାଇବାପାଇଁ ବା କାର୍ଯ୍ୟକାଳ ପୂରିବା ପୂର୍ବରୁ ପଞ୍ଚାୟତ ଭାଙ୍ଗିଦେବାପାଇଁ କୌଣସି ନିୟମର ସଂଶୋଧନ କରାଯାଇପାରିବ ନାହିଁ। ପଞ୍ଚାୟତର କାର୍ଯ୍ୟକାଳ ପୂରିବା ତାରିଖର ଛଅମାସ ମଧରେ ସାନି ନିର୍ବାଚନ ହେବ। କାର୍ଯ୍ୟକାଳ ପୁରିବା ପୂର୍ବରୁ କୌଣସି ପଞ୍ଚାୟତକୁ ଭାଙ୍ଗିଦିଆଯାଇ ନିର୍ବାଚନ କରାଯାଇଥିଲେ, ନିର୍ବାଚିତ ପଞ୍ଚାୟତଟି ଭାଙ୍ଗିଥିବା ପଞ୍ଚାୟତର ଅବଶିଷ୍ଟ କାର୍ଯ୍ୟକାଳ ପର୍ଯ୍ୟନ୍ତ ହିଁ କ୍ଷମତାରେ ରହିପାରିବେ।

**ଗ୍ରାମ ପଞ୍ଚାତର ବୈଠକ :**

**ସ୍ଥାନ :** ନିୟମ ୨୨୪ ଅନୁଯାୟୀ ଗ୍ରାମ ପଞ୍ଚାୟତର ବୈଠକ ସାଧାରଣତଃ ପଞ୍ଚାୟତ ଅଫିସ କିମ୍ବା ସରପଞ୍ଚଙ୍କ ଦ୍ୱାରା ନିରୁପିତ ସ୍ଥାନରେ ବସିବ। ତେବେ ସ୍ଥାନଟି ପଞ୍ଚାୟତର ସ୍ଥାନୀୟ ଅଞ୍ଚଳରେ ଥିବା କୌଣସି ଏକ ସର୍ବସାଧାରଣ ସ୍ଥାନ ହୋଇଥିବା ଉଚିତ୍।

**ସମୟ :** ନିୟମ ୨୨୫ ଅନୁଯାୟୀ ଏହି ବୈଠକ ପ୍ରତି ମାସରେ ଅନ୍ତତଃ ଥରେ ବସିବ ଏବଂ ପ୍ରତ୍ୟେକ ବୈଠକରେ ସ୍ଥିର କରାଯିବ ଯେ ଆଗାମୀ ବୈଠକ କେଉଁ ତାରିଖରେ କରାଯିବ। ଯଦି ନିର୍ଦ୍ଧାରିତ କୌଣସି ଏକ ତାରିଖରେ ବୈଠକ ହୋଇ ନପାରିଲା ତେବେ ନିର୍ଦ୍ଧାରିତ ତାରିଖଠାରୁ ୧୫ ଦିନ ମଧରେ ସରପଞ୍ଚଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କୌଣସି ଏକ ଦିନ ବୈଠକ ବସିବ।

**ସ୍ୱତନ୍ତ୍ର ବୈଠକ :** ନିୟମ ୨୨୬ ଅନୁଯାୟୀ ଗୋଟିଏ ଗ୍ରାମ ପଞ୍ଚାୟତର ମୋଟ ସଭ୍ୟ ସଂଖ୍ୟାର ଅନ୍ୟୁନ ଏକ ତୃତୀୟାଂଶ ସଭ୍ୟ/ସଭ୍ୟା ଯଦି ବରାଦ(ରିକ୍ୟୁଜିସନ) ଦିଅନ୍ତି ତେବେ ସରପଞ୍ଚ ଏକ ସ୍ୱତନ୍ତ୍ର ବୈଠକ ଡକାଇ ପାରିବେ। ଏପରି ନୋଟିସ ପାଇବା ପରେ ପଞ୍ଚାୟତ ସମ୍ପାଦକ ଏହି ବୈଠକ ପାଇଁ ପ୍ରକ୍ରିୟା ଆରମ୍ଭ କରିବେ। କିନ୍ତୁ ଏପରି ବରାଦ ପାଇବାର ୩୦ ଦିନ ମଧରେ ଯଦି ସରପଞ୍ଚ ବୈଠକ ନ ଡକାନ୍ତି ତେବେ ବରାଦୀ ବୈଠକ ପାଇଁ ବରାଦ ଦେଇଥିବା ସଭ୍ୟ ସଭ୍ୟାମାନେ ସେବିଷୟ ଉପଜିଲ୍ଲାପାଳଙ୍କୁ ଜଣାଇବେ ଓ ଉପଜିଲ୍ଲାପାଳ ଏପରି ରିପୋର୍ଟ ପାଇବାର ସାତ ଦିନ ମଧରେ ବୈଠକ ଡକାଇବେ।

**ବୈଠକର ନୋଟିସ :** ଗ୍ରାମ ପଞ୍ଚାୟତର ସାଧାରଣ ବୈଠକ ପାଇଁ ଅନ୍ତତଃ ସାତ ଦିନ ପୂର୍ବରୁ ନୋଟିସ ଦେବାକୁ ହେବ। ନିୟମ ୨୨୭ ମୁତାବକ ଏହି ନୋଟିସର ଏକ ନକଲ ସମ୍ପୃକ୍ତ ବି.ଡି.ଓ ଙ୍କ ନିକଟକୁ ପଠାଯିବ। ନିୟମ ୨୨୮ ମୁତାବକ ବୈଠକ ପାଇଁ ପଞ୍ଚାୟତର ପ୍ରତ୍ୟେକ ସଭ୍ୟଙ୍କୁ ନୋଟିସ୍ ଦିଆଯିବ। ସରପଞ୍ଚଙ୍କ ଅନୁମୋଦନ ଓ ସମସ୍ତ ସଦସ୍ୟଙ୍କ ସ୍ୱାକ୍ଷର ସହ ସରପଞ୍ଚ ଏହି ନୋଟିସକୁ ବୋର୍ଡରେ ଲଗାଇବେ। ଯଦି ପଞ୍ଚାୟତ ସମ୍ପାଦକ ବୈଠକର ନୋଟିସ ବିତରଣ କରିବାକୁ ଅମଙ୍ଗ ହୁଅନ୍ତି ତେବେ ସରପଞ୍ଚ ଅନ୍ୟ ଉପାୟରେ ସଭ୍ୟ /ସଭ୍ୟା ମାନଙ୍କୁ ନୋଟିସ୍ ଦେବେ। ଯଦି କୌଣସି ୱାର୍ଡ ମେମ୍ବର ଅନୁପସ୍ଥିତ ଥିବେ ତେବେ ତାଙ୍କ ନିକଟକୁ ସାର୍ଟିଫିକେଟ୍ ଅଫ ପୋଷ୍ଟିଙ୍ଗ ଜରିଆରେ

ନୋଟିସ ପଠାଯିବ। ତେବେ କୌଣସି ସଭ୍ୟ ଦୁର୍ଘଟଣା ବଶତଃ ନୋଟିସ ପାଇ ନ ଥିଲେ ବୈଠକର କାର୍ଯ୍ୟାନୁଷ୍ଠାନ ଅସିଦ୍ଧ ହେବ ନାହିଁ। ବୈଠକରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟାବଳୀର ପୂର୍ଣ୍ଣ ବିବରଣୀ ନୋଟିସରେ ସ୍ଥାନ ପାଇବ; ନୋଟିସରେ ସ୍ଥାନ ପାଇ ନ ଥିବା ଯେ କୌଣସି ପ୍ରସ୍ତାବ ସରପଞ୍ଚ ଆଗତ କରିପାରିବେ।( ନିୟମ-୨୨୯)

**ବୈଠକର କୋରମ :** ନିୟମ-୨୩୦ ଅନୁଯାୟୀ ବୈଠକରେ ମୋଟ ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ଉପସ୍ଥିତ ରହିଲେ ବୈଠକ କରିବା ପାଇଁ କୋରମ ହେବ। ଯଦି କୋରମ ନ ହୁଏ ତେବେ ଆଉ ଦିନେ ବୈଠକ କରିବାକୁ ନିଷ୍ପତ୍ତି ନିଆଯିବ ଓ ସେଦିନର ବୈଠକରେ ଯେତିକି ସଭ୍ୟ ଉପସ୍ଥିତ ରହିବେ ତାଙ୍କୁ ନେଇ ବୈଠକ କରାଯିବ। ଏହି ବୈଠକ ପାଇଁ ତିନି ଦିନ ପୂର୍ବରୁ ନୋଟିସ୍ ଦିଆଯିବ। ସୂଚନା ଯୋଗ୍ୟ ଯେ ଗ୍ରାମ ପଞ୍ଚାୟତର ମହିଳା ପ୍ରତିନିଧିଙ୍କର କୌଣସି ସମ୍ପର୍କୀୟ ବ୍ୟକ୍ତି ଗ୍ରାମ ପଞ୍ଚାୟତ ବୈଠକରେ ଭାଗନେଇ ପାରିବେ ନାହିଁ ଏବଂ ଗ୍ରାମ ପଞ୍ଚାୟତରେ ଦୈନନ୍ଦିନ କାର୍ଯ୍ୟାବଳୀରେ ହସ୍ତକ୍ଷେପ କରିବେ ନାହିଁ।

**ବୈଠକରେ ଅଧକ୍ଷତା :** ନିୟମ ୨୩୧ ଅନୁସାରେ ଗ୍ରାମ ପଞ୍ଚାୟତର ସବୁ ବୈଠକରେ ସରପଞ୍ଚ ଅଧକ୍ଷତା କରିବେ। ତାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ବୈଠକରେ ଅଧକ୍ଷତା କରିବେ। ଉଭୟଙ୍କ ଅନୁପସ୍ଥିତିରେ ବୈଠକରେ ଉପସ୍ଥିତ ଥିବା ସଭ୍ୟ / ସଭ୍ୟାବୃନ୍ଦ ସେହି ବୈଠକରେ ଅଧକ୍ଷତା କରିବାପାଇଁ ଜଣେ ସଭ୍ୟ ବା ସଭ୍ୟାଙ୍କୁ ମନୋନୀତ କରିବେ।

**ବୈଠକର ବିବରଣୀ :** ପଞ୍ଚାୟତ ବୈଠକରେ ସବୁକଥା ଓଡିଆ ଭାଷାରେ ଆଲୋଚନା କରାଯିବ ଓ ବୈଠକର ବିବରଣୀ ମଧ ଓଡିଆରେ ଲେଖାଯିବ। ସଭା ବିବରଣୀ ଲେଖିବା ପାଇଁ ପଞ୍ଚାୟତ ଅଫିସରେ ଗୋଟିଏ ମୋଟା ଓ ବନ୍ଧେଇ ହୋଇଥିବା ରେଜିଷ୍ଟର ଖାତା ରହିବ। ସମ୍ପାଦକ ସଭାର ପ୍ରତ୍ୟେକ ବିବରଣୀ ସେଥିରେ ଲେଖିବେ ଓ ସଭାପତି ସେଥିରେ ଦସ୍ତଖତ କରିବେ।

**ଗ୍ରାମ ପଞ୍ଚାୟତର କ୍ଷମତା :** କ୍ଷମତାର ବିକେନ୍ଦ୍ରୀକରଣ ତଥା ସ୍ୱଶାସନ ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ଥିବା କେତେକ କ୍ଷମତାକୁ ଗ୍ରାମ ପଞ୍ଚାୟତକୁ ଦିଆଯାଇଛି। ସେଗୁଡିକ ହେଉଛି -

(୧) ଗାଁ ଲୋକଙ୍କ ଦ୍ୱାରା ବ୍ୟବହୃତ ସ୍ଥାନ ଓ ଯିବା ଆସିବା ରାସ୍ତା ଉପରେ ଅନଧିକାର ଦଖଲକୁ ବନ୍ଦ କରିବା,

(୨) ରାସ୍ତା ଉପରକୁ ମାଡି ଆସିଥିବା ଗଛର ଡାଳ ଓ ବାଡକୁ କାଟିବା,

(୩) ଗାଁ ଲୋକମାନେ ପିଇବା ଓ ରନ୍ଧାରନ୍ଧି କରିବାପାଇଁ ବ୍ୟବହାର କରୁଥିବା ପୋଖରୀ ବା ଜଳାଶୟର ପାଣିରେ ଶୌଚ ହେବା, ଗାଇଗୋରୁ ଗାଧୋଇ ଦେବା, ଲୁଗା ସଫା କରିବା କିମ୍ବା ପାଣିକୁ ଦୂଷିତ କରୁଥିବା ଅନ୍ୟ କୌଣସି କାର୍ଯ୍ୟକୁ ବନ୍ଦ କରିବା।

(୪) ବ୍ୟକ୍ତିଗତ ପାଇଖାନା, ପରିସ୍ରାଗାର, ପାଣିଟାଙ୍କି, ନାଳ, ମଇଳା କୂଅ ଇତ୍ୟାଦିର ମଇଳାକୁ ବନ୍ଦ କରିବା ପାଇଁ ଓ ପରିଷ୍କାର କରିବା ପାଇଁ ଆଦେଶ ଦେବା,

(୫) ହାଟ, ମେଳା, ଯାନିଯାତ୍ରା, ଉତ୍ସବ, ବଜାର ଇତ୍ୟାଦିରେ ସାଇକେଲ, ଶଗଡ଼ ଗାଡ଼ି ଷ୍ଟାଣ୍ଡ ସ୍ଥାପନ କରି ସେସବୁର ରକ୍ଷଣାବେକ୍ଷଣ କରିବା,

(୬) ଗ୍ରାମ ପଞ୍ଚାୟତର ବିନାନୁମତିରେ କୌଣସି ଲୋକ ପଞ୍ଚାୟତ ଅଧୀନରେ ଥିବା କୌଣସି ହାଟରେ ଗୃହପାଳିତ ପଶୁ କିମ୍ବା ଅନ୍ୟ କିଛି ଜିନିଷପତ୍ର ବିକ୍ରୀ କରିବେ ନାହିଁ।

(୭) ଅନିଷ୍ଟକର ଓ ମାରାତ୍ମକ ବାଣିଜ୍ୟ ବ୍ୟବସାୟକୁ ନିୟନ୍ତ୍ରଣ ତଥା ବନ୍ଦ କରିବା।

(୮) ସର୍ବସାଧାରଣ ରାସ୍ତା କଡରେ ଜିନିଷପତ୍ରର ବିକ୍ରୀ ବନ୍ଦ କରିବା,

(୯) ବୁଲା ତଥା ପାଗଳା କୁକୁରଙ୍କୁ ନିୟନ୍ତ୍ରଣ କରିବା,

(୧୦) ଶବ ସତ୍କାର କରିବା,

(୧୧) ଜୁଆଖେଳ ନିଷିଦ୍ଧ କରିବା।

**ଗ୍ରାମ ପଞ୍ଚାୟତର କର୍ତ୍ତବ୍ୟ:**

ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ :ଗ୍ରାମ ପଞ୍ଚାୟତର କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯେମିତିକି ବାଧ୍ୟତାମୂଳକ କାର୍ଯ୍ୟ ଓ ସ୍ୱେଚ୍ଛାକୃତ କାର୍ଯ୍ୟ।

**ବାଧ୍ୟତାମୂଳକ କାର୍ଯ୍ୟ (ଧାରା ୪୪) :**

(କ) ବିଭିନ୍ନ ନିର୍ମାଣ ତଥା ରକ୍ଷଣା ବେକ୍ଷଣ କାର୍ଯ୍ୟ, ଯେମିତିକି - ରାସ୍ତା, ନାଳ, ଜଳଭଣ୍ଡାର, ପ୍ରାଥମିକ ବିଦ୍ୟାଳୟ ଏବଂ ଗ୍ରାମ୍ୟଗୃହର ନିର୍ମାଣ ଓ ରକ୍ଷଣା ବେକ୍ଷଣ।

(ଖ) ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଆଲୋକ, ଜଳ ଓ ପରିଷ୍କାର ପରିଛନ୍ନ ରଖିବାର ବ୍ୟବସ୍ଥା କରିବା।

(ଗ) ମଇଳା ପାଣି ଯେପରିକି ନର୍ଦ୍ଦମା ପାଣି, ସର୍ବସାଧାରଣ ପାଇଖାନା, ପରିସ୍ରାଗାର ଏବଂ ଅନ୍ୟାନ୍ୟ ଅପରିଷ୍କାର ସ୍ଥାନକୁ ପରିଷ୍କାର କରି ପ୍ରଦୂଷଣ ମୁକ୍ତ କରିବା।

(ଘ) ସଂକ୍ରାମକ ରୋଗ ଯେମିତିକି ହଇଜା, ବସନ୍ତ, ମିଳିମିଳା ଇତ୍ୟାଦି ମାରାତ୍ମକ ରୋଗ ଯେପରି ନ ବ୍ୟାପେ ସେଥିପାଇଁ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା କରିବା।

(ଙ) ପଞ୍ଚାୟତରେ ହେଉଥିବା ଜନ୍ମ, ମୃତ୍ୟୁ ଓ ବିବାହର ପଞ୍ଜିକରଣ କରିବା।

(ଚ) ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଓ ଏହାର ରକ୍ଷଣା ବେକ୍ଷଣ ପାଇଁ ଆବଶ୍ୟକ ସହାୟତା ଦେବା।

(ଛ) କୃଷି ଓ କୃଷକର ଉନ୍ନତି କରାଇବା, ଉନ୍ନତ କୃଷି ପ୍ରଣାଳୀ ଏବଂ କୀଟ ନିୟନ୍ତ୍ରଣର ବ୍ୟବସ୍ଥା କରିବା।

(ଜ) ପଞ୍ଚାୟତରେ ଥିବା ଗୋଚର ଜମି ଓ ପଡ଼ିଆର ସଂରକ୍ଷଣ, ତାହାର ପରିଚାଳନା ଏବଂ ତଦାରଖ କରିବା।

(ଝ) ଜନସଂଖ୍ୟା ଓ ଗୋମହିଷାଦି ପଶୁଙ୍କ ସଂଖ୍ୟାର ରେକର୍ଡର ରକ୍ଷଣା ବେକ୍ଷଣ କରିବା।

(ଞ) ଗୋରୁ ବିକ୍ରୟର ପଞ୍ଜିକରଣ ବ୍ୟବସ୍ଥା କରିବା।

(ଟ) ଗୋମହିଷାଦି ଯିବା ଆସିବା ବେଳେ ଫସଲ ଯେପରି ନଷ୍ଟ ହେବ ନାହିଁ ତାର ବ୍ୟବସ୍ଥା କରିବା।

(ଠ) ଗ୍ରାମ ଜମି ଏବଂ ଗ୍ରାମ ସୀମା ନିର୍ଦ୍ଧାରଣର ପର୍ଯ୍ୟବେକ୍ଷଣ, ରକ୍ଷଣାବେକ୍ଷଣ ଓ ଗ୍ରାମ ରେକର୍ଡପତ୍ରର ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବା।

(ଡ଼) ମୃତ୍ତିକା ସଂରକ୍ଷଣ କାର୍ଯ୍ୟଗୁଡିକର ତଦାରଖ ଓ ତତ୍ତ୍ୱାବଧାନ ତଥା ମାନସିକ ରୋଗ ଗ୍ରସ୍ତ ଲୋକଙ୍କ କଲ୍ୟାଣର ବ୍ୟବସ୍ଥା କରିବା।

(ଢ) ସାଧାରଣ ଯୋଗାଣ ବ୍ୟବସ୍ଥା ଯେପରି କଣ୍ଟ୍ରୋଲ ଦୋକାନର ତଦାରଖ କରିବା।

(ଣ) ଲୋକଙ୍କ କୋଠ (ବା ଗୋଷ୍ଠୀର) ସମ୍ପତ୍ତି ଯେମିତିକି ପୋଖରୀ, ଜଙ୍ଗଲ, ଶ୍ମଶାନ ଏବଂ ଗୋଚର ଜମିର ରକ୍ଷଣା ବେକ୍ଷଣ କରିବା ।

(ତ) କ୍ଷୁଦ୍ରଶିଳ୍ପର ବିକାଶ ପାଇଁ ଉଦ୍ୟମ କରିବା।

**ସ୍ୱେଚ୍ଛାକୃତ କାର୍ଯ୍ୟ (ଧାରା ୪୫) :**

(କ) ଗ୍ରାମ ପଞ୍ଚାୟତ ହାତରେ ଯେଉଁ ସବୁ ରାସ୍ତା ଓ ସ୍ଥାନ ଅଛି ସେଥିରେ ଏବଂ ତା ଚାରି ପାଖରେ ବୃକ୍ଷରୋପଣ କରି ତା'ର ରକ୍ଷଣାବେକ୍ଷଣ କରିବା।

(ଖ) ରାଜ୍ୟ ସରକାର ପଞ୍ଚାୟତର ଯେଉଁ ସବୁ ଜଙ୍ଗଲକୁ ଗ୍ରାମ୍ୟ ଜଙ୍ଗଲ ଘୋଷଣା କରିବେ ତାହାର ରକ୍ଷଣାବେକ୍ଷଣ କରିବା।

(ଗ) ଆଧୁନିକ ପ୍ରଣାଳୀରେ ପ୍ରଜନନ କରାଇ ଉନ୍ନତ ପ୍ରଜାତିର ଗୋମହିଷାଦି ଜୀବଜନ୍ତୁ ସୃଷ୍ଟି କରାଇବା ଓ ସେସବୁର ରକ୍ଷଣାବେକ୍ଷଣ କରିବା।

(ଘ) ସମବାୟ ସମିତି ଗଠନ ଓ ଉନ୍ନତ ଧରଣର ବିହନ, ଯନ୍ତ୍ରପାତି ପାଇଁ ସମବାୟ ଭଣ୍ଡାର ନିର୍ମାଣ କରିବା। ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର ସାମୁହିକ ପରିଚାଳନା, ସାମୁହିକ ଗୋଶାଳା ତଥା ଡାଏରୀ ଫାର୍ମ ପ୍ରତିଷ୍ଠା କରିବା।

(ଙ) ସର୍ବସାଧାରଣଙ୍କ ପାଇଁ ପୁସ୍ତକାଗାର, ପାଠାଗାରର ପ୍ରତିଷ୍ଠା, ଚିତ୍ତ ବିନୋଦନ ପାଇଁ ବାଦ୍ୟଯନ୍ତ୍ର ତଥା ଅନ୍ୟାନ୍ୟ ସରଞ୍ଜାମ ଯୋଗାଣ ଓ ସେସବୁର ରକ୍ଷଣାବେକ୍ଷଣ।

(ଚ) ନାରୀ ଓ ଶିଶୁମାନଙ୍କ ମଙ୍ଗଳ ପାଇଁ କେନ୍ଦ୍ର ସ୍ଥାପନ ଓ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା।

(ଛ) ରୋଜଗାର ବୃଦ୍ଧି ପାଇଁ ବାଣିଜ୍ୟ, କୁଟୀର ଶିଳ୍ପର ବିକାଶ ଓ ଅନ୍ୟାନ୍ୟ ଅର୍ଥ ଉପାର୍ଜନ ବ୍ୟବସ୍ଥା କରିବା।

(ଜ) ଗ୍ରାମପଞ୍ଚାୟତକୁ ସାହାଯ୍ୟ କରିବାପାଇଁ ସ୍ୱେଚ୍ଛାସେବକ ଦଳ ଗଠନ।

(ଝ) ଦୁର୍ଭିକ୍ଷ ତଥା ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସହାୟତା ଯୋଗାଇ ଦେବା।

(ଞ) ପଞ୍ଚାୟତରେ ଡଙ୍ଗା ଘାଟ, ଖରାଦିନିଆ ଅସ୍ଥାୟୀ ରାସ୍ତା ଓ କାଞ୍ଜିଆହୁଡା ପ୍ରସ୍ତୁତ କରି ସେସବୁରୁ ମାସୁଲ ଆଦାୟ କରିବା ଓ ସେସବୁର ରକ୍ଷଣାବେକ୍ଷଣ କରିବା।

(ଟ) ଆମୋଦ ପ୍ରମୋଦ ଓ ଖେଳ କସରତପାଇଁ କେନ୍ଦ୍ର ସ୍ଥାପନ କରି ତାହାର ରକ୍ଷଣାବେକ୍ଷଣ କରିବା।

(ଠ) ଧର୍ମଶାଳା, ଚଟିଘର ବା ଅନ୍ୟାନ୍ୟ ଆଶ୍ରୟସ୍ଥଳ ନିର୍ମାଣକରି ତା'ର ରକ୍ଷଣା ବେକ୍ଷଣ କରିବା।

(ଡ) ମଣିଷ ଓ ଗୋମହିଷାଦି ପ୍ରାଣୀମାନଙ୍କୁ ଟୀକା ଦାନ ବ୍ୟବସ୍ଥା କାରିବା।

(ଢ) ନିଜ ପଞ୍ଚାୟତରେ ପ୍ରୌଢଶିକ୍ଷାର ବ୍ୟବସ୍ଥା କରିବା ସହିତ ଅନ୍ୟ ଗ୍ରାମପଞ୍ଚାୟତ ସହିତ ମିଶି ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା।

(ଣ) କୃଷି ଓ ଗ୍ରାମ୍ୟଶିଳ୍ପଭିତ୍ତିକ ପ୍ରଦର୍ଶନୀମାନ ଆୟୋଜିତ କରି ତା'ର ପରିଚାଳନା କରିବା।

(ତ) ପଞ୍ଚାୟତରେ କଂସେଇଖାନା ନିର୍ମାଣ କରି ତା'ର ରକ୍ଷଣାବେକ୍ଷଣ ତଥା ପରିଚାଳନା କରିବା।

(ଥ) ପଞ୍ଚାୟତର ବେକାରୀ ସଂଖ୍ୟାର ଗଣନା କରାଇବା।

(ଦ) ଭେଜାଲ ବା ଅପମିଶ୍ରିତ ହୋଇ ସ୍ୱାସ୍ଥ୍ୟହାନୀ ଘଟାଉଥିବା ଖାଦ୍ୟ ସାମଗ୍ରୀର ବିକ୍ରୀକୁ ନିୟନ୍ତ୍ରଣ କରିବା ଓ ସେ ବିଷୟରେ କର୍ତ୍ତୃପକ୍ଷଙ୍କୁ ଜଣାଇବା।

**ଅତିରିକ୍ତ କ୍ଷମତା ଓ କାର୍ଯ୍ୟ :**

୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ଗ୍ରାମ ପଞ୍ଚାୟତକୁ କେତେକ ଅତିରିକ୍ତ କ୍ଷମତା ଓ କାର୍ଯ୍ୟ ଦିଆଯାଇଛି। ଧାରା ୨୪୩ ମୁତାବକ ସେଗୁଡିକ ହେଉଛି :

୧. କୃଷି ସମ୍ପ୍ରସାରଣ,

୨. ଉନ୍ନୟନ, ଭୂ-ସଂସ୍କାର, ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣ,

୩. କ୍ଷୁଦ୍ର ଜଳସେଚନ, ଚାଷ ଜମିକୁ ଜଳ ଯୋଗାଣ ଓ ଅବବାହିକାର ଉନ୍ନୟନ,

୪. ପଶୁପାଳନ,

୫. ମତ୍ସ୍ୟପାଳନ,

୬. ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ବନୀକରଣ,

୭. ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ,

୮. ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ,

୯. ଖଦି, ଗ୍ରାମ୍ୟ ଓ କୁଟୀର ଶିଳ୍ପ,

୧୦. ଗ୍ରାମ୍ୟ ବାସଗୃହ,

୧୧. ପାନୀୟ ଜଳ ଯୋଗାଣ,

୧୨. ଜାଳେଣି, ଘାସ, ତୃଣାଦି ପଶୁ ଖାଦ୍ୟ,

୧୩. ରାସ୍ତା, ନାଳ, ପୋଲ,ଡଙ୍ଗା ଘାଟ, ଜଳପଥ ଏବଂ ଗମନାଗମନର ଅନ୍ୟାନ୍ୟ ଉପାୟ,

୧୪. ବିଦ୍ୟୁତ ବଣ୍ଟନ, ଗ୍ରାମ୍ୟ ବିଦ୍ୟୁତୀକରଣ,

୧୫. ଅଣପାରମ୍ପରିକ ଶକ୍ତି ଉତ୍ସ,

୧୬. ଦାରିଦ୍ର୍ୟ ଦୂରୀକରଣ ଯୋଜନା,

୧୭. ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା,

୧୮. ବୈଷୟିକ ପ୍ରଶିକ୍ଷଣ ଓ ବୃତ୍ତିଗତ ଶିକ୍ଷା ସୁବିଧା ପ୍ରଦାନ,

୧୯. ପ୍ରୌଢ ଓ ଅଣଆନୁଷ୍ଠାନିକ ଶିକ୍ଷା,

୨୦. ପାଠାଗାର,

୨୧. ସାଂସ୍କୃତିକ କାର୍ଯ୍ୟକ୍ରମ

୨୨. ବଜାର ଓ ମେଳା,

୨୩. ସ୍ୱାସ୍ଥ୍ୟରକ୍ଷା ପାଇଁ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡିସପେନ୍ସାରୀ ପ୍ରତିଷ୍ଠା ଓ ପରିଚାଳନା,

୨୪. ପରିବାର କଲ୍ୟାଣ,

୨୫. ମହିଳା ଓ ଶିଶୁବିକାଶ,

୨୬. ଶାରୀରିକ ଅକ୍ଷମ ଏବଂ ମାନସିକ ଦୁର୍ବଳ ବ୍ୟକ୍ତିଙ୍କର କଲ୍ୟାଣ ସମେତ ସମାଜ ମଙ୍ଗଳ,

୨୭. ଦୁର୍ବଳଶ୍ରେଣୀ, ବିଶେଷତଃ ତପସିଲଭୁକ୍ତ ଜାତି ଓ ଉପଜାତିର କଲ୍ୟାଣ,

୨୮. ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଓ ପଦ୍ଧତିର ପରିଚାଳନା,

୨୯. ଗୋଷ୍ଠୀ ବା କୋଠ ସମ୍ପତ୍ତିର ରକ୍ଷଣା ବେକ୍ଷଣ ।

□□□

# ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର

ଭାରତରେ ୭୩ ତମ ସମ୍ବିଧାନ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବାପରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ସ୍ୱୟଂଶାସିତ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବାର ସୁଯୋଗ ଦେବାପାଇଁ ସମ୍ବିଧାନର ୨୪୩(ଜି) ଧାରାରେ ବ୍ୟବସ୍ଥା କରାଯାଇଛି ଯେ ରାଜ୍ୟ ବିଧାନସଭା ଆଇନ ପ୍ରଣୟନ କରି ପଞ୍ଚାୟତ ମାନଙ୍କୁ ଏପରି କ୍ଷମତା ଓ କର୍ତ୍ତୃତ୍ୱ ପ୍ରଦାନ କରିବେ ଯାହା ଦ୍ୱାରା ଏହି ଅନୁଷ୍ଠାନଗୁଡିକ ସ୍ୱୟଂ ଶାସିତ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବାପାଇଁ ସକ୍ଷମ ହୋଇପାରିବେ। କେଉଁ କେଉଁ ବିଷୟଗୁଡ଼ିକ ପଞ୍ଚାୟତିରାଜ ଅନୁଷ୍ଠାନଙ୍କୁ ହସ୍ତାନ୍ତର କରାଯିବ ତାହା ସମ୍ବିଧାନର ଏକାଦଶ ପରିଚ୍ଛେଦରେ ଉଲ୍ଲେଖ ରହିଛି। ସେଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ଓଡିଶା ଜିଲ୍ଲା ପରିଷଦ ଅଧିନିୟମର ଧାରା ୩(୩)କୁ ସଂଶୋଧନ କରାଯାଇଛି ଏବଂ ଅନ୍ୟ ସ୍ତର ଗୁଡ଼ିକରେ ମଧ୍ୟ ପଦକ୍ଷେପ ନିଆଯାଉଛି । ଏବେସୁଦ୍ଧା ୧୧ଟି ବିଭାଗର ୨୧ଟି ବିଷୟବସ୍ତୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର ହୋଇସାରିଛି । ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ଉପରେ କାର୍ଯ୍ୟକାରୀ କରିବା ଓ ସେଥିପାଇଁ ସମ୍ପୃକ୍ତ ଅଧିକାରୀ / କ୍ଷେତ୍ର କର୍ମଚାରୀମାନଙ୍କୁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ କର୍ତ୍ତୃତ୍ୱାଧିନକୁ ଆଣିବା ନିମନ୍ତେ ସରକାର ଏହିପରି ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ହେଉଛି –

**୧. କୃଷି ବିଭାଗ :**

୧.୧। ଏହି ବିଭାଗରେ ହେବାକୁ ଥିବା ଖରିଫ ଓ ରବି ଚାଷର ବିଭିନ୍ନ କାର୍ଯ୍ୟ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ଓ ଜଳଛାୟା ପ୍ରକଳ୍ପ ନିର୍ମାଣ ଆଦି କାର୍ଯ୍ୟକୁ ଗ୍ରାମପଞ୍ଚାୟତ ଜିଲ୍ଲାର କୃଷି ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ଦେଖାରେଖାରେ କାର୍ଯ୍ୟକାରୀ କରାଇବେ।

୧.୨। ଜିଲ୍ଲାସ୍ତରୀୟ ଖରିଫ ଓ ରବି କାର୍ଯ୍ୟକ୍ରମ ଗୁଡିକର ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲା ପରିଷଦ ନିକଟରେ ଦାୟୀ ରହିବେ। ଜିଲ୍ଲାଶ ମୃତ୍ତିକା ଅଧିକାରୀ ଓ ଜିଲ୍ଲା କୃଷି ଉଦ୍ୟାନ ଅଧିକାରୀ ମୃତ୍ତିକା ସଂରକ୍ଷଣ, ଜଳଛାୟା ଏବଂ କୃଷି ଉଦ୍ୟାନ କାର୍ଯ୍ୟକ୍ରମ ସମ୍ପର୍କିତ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲା ପରିଷଦର ଦାୟିତ୍ୱାଧିନ ରହିବେ।

୧.୩। ଉପରୋକ୍ତ ଅଧିକାରୀମାନଙ୍କର ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ। ଏହି ଅଧିକାରୀମାନେ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟ ଗୁଡିକରେ କର୍ମଚାରୀମାନଭ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୧.୪। ଜିଲ୍ଲା ପରିଷଦ ସଭାପତି ଉପରୋକ୍ତ ସ୍କିମ ଗୁଡିକର ପର୍ଯ୍ୟବେକ୍ଷଣ କରିବେ। ସେ(ସଭାପତି) ମଧ୍ୟ ସେମାନଙ୍କ କାର୍ଯ୍ୟ ସମ୍ପାଦନା ବିଷୟରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ପ୍ରଦାନ କରିବେ। ବିଭାଗୀୟ ମୁଖ୍ୟ ଜିଲ୍ଲା ପରିଷଦଙ୍କ ଏହି ରିପୋର୍ଯ ଉପରେ ଆବଶ୍ୟକ ପଦକ୍ଷେପ ନେବେ।

୧.୫। ଖରିଫ ଓ ରବି କାର୍ଯ୍ୟକ୍ରମଗୁଡିକର ପ୍ରସ୍ତୁତି ତଥା ଅନୁମୋଦନ ନିମନ୍ତେ କନିଷ୍ଠ କୃଷି ଅଧିକାରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ। ପଞ୍ଚାୟତ ସମିତି ଅଧକ୍ଷ ଏହି କାର୍ଯ୍ୟକ୍ରମଗୁଡିକୁ ସମୀକ୍ଷା କରିବେ ଓ କାର୍ଯ୍ୟ ସମ୍ପାଦନ ବିଷୟରେ ଜିଲ୍ଲା ପରିଷଦକୁ ରିପୋର୍ଟ ପ୍ରଦାନ କରିବେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ପରିଷଦର ପଦ ପ୍ରଯୁକ୍ତ ନିର୍ବାହୀ ଅଧିକାରୀ ସମ୍ପୃକ୍ତ ରିପୋର୍ଟ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟିକୁ ଆଣିବେ।

୧.୬। ପଞ୍ଚାୟତ ସମିତି ଅଧକ୍ଷ, କନିଷ୍ଠ କୃଷି ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ଗ୍ରାମ୍ୟ କୃଷି କର୍ମୀ, ଗ୍ରାମ ପଞ୍ଚାୟତ ବୈଠକରେ ଯୋଗ ଦେବେ। ଗ୍ରାମ ପଞ୍ଚାୟତର ସରପଞ୍ଚ ଗ୍ରାମ୍ୟ କୃଷି କର୍ମୀକେନ୍ଦ୍ର ପରିଦର୍ଶନ କରିବେ ଏବଂ ତାଙ୍କର କାର୍ଯ୍ୟ ସମ୍ପାଦନ ଉପରେ ରିପୋର୍ଟ କରିବେ। ଏହି ରିପୋର୍ଟ ବ୍ଲକ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ସମିତି ଅଧକ୍ଷଙ୍କ ନିକଟକୁ ପଠାଯିବ। ସେମାନେ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**୨. ସମବାୟ ବିଭାଗ**

୨.୧। ସମବାୟ ସମିତି ଉପନିବନ୍ଧକ / ସହକାରୀ ନିବନ୍ଧକ କୃଷି ଋଣ ପ୍ରସ୍ତୁତି ଓ ମଞ୍ଜୁରି ବିଷୟରେ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ (accountable) ରହିବେ। ଜିଲ୍ଲା ପରିଷଦ ସଭାପତି ପ୍ରାଥମିକ ସମବାୟ ସମିତିଗୁଡ଼ିକୁ ପରିଦର୍ଶନ କରି ସମବାୟ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ନିମନ୍ତେ ପରାମର୍ଶ ଓ ସୁପାରିଶ କରିବେ।

୨.୨। ସମବାୟ ସମିତି ଉପନିବନ୍ଧକ / ସହକାରୀ ନିବନ୍ଧକଙ୍କୁ ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ କିନ୍ତୁ ଉପନିବନ୍ଧକ / ସହକାରୀ ନିବନ୍ଧକ ସେମାନଙ୍କ ଅଧସ୍ତନ କର୍ମଚାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୨.୩। ଜିଲ୍ଲା ପରିଷଦ ସଭାପତି ଉପନିବନ୍ଧକ / ସହକାରୀ ନିବନ୍ଧକଙ୍କ କାର୍ଯ୍ୟ ସମ୍ପାଦନ ଉପରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ଦେବେ। ବିଭାଗୀୟ ମୁଖ୍ୟ ଏହି ରିପୋର୍ଟ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୨.୪। ପଞ୍ଚାୟତ ସମିତି ସ୍ତରରେ କୃଷିଋଣ ପ୍ରସ୍ତୁତି ଓ ମଞ୍ଜୁରି ପାଇଁ ସମବାୟ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ (accountable) ରହିବେ। ପଞ୍ଚାୟତ ସମିତି ଅଧକ୍ଷ ପ୍ରାଥମିକ ସମବାୟ ସମିତି ପରିଦର୍ଶନ କରିପାରିବେ ଏବଂ କୃଷି ଋଣ କାର୍ଯ୍ୟକାରିତା ପାଇଁ ପରାମର୍ଶ ଦେଇ ପାରିବେ। ସରପଞ୍ଚ ପ୍ରାଥମିକ ସମବାୟ ସମିତି କାର୍ଯ୍ୟକ୍ରମ ଉପରେ ପଞ୍ଚାୟତ ସମିତି ଅଧକ୍ଷ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ କରିପାରିବେ।

**୩। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।**

୩.୧। ପ୍ରାଥମିକ ଶିକ୍ଷା, ଅଣଆନୁଷ୍ଠାନିକ ଶିକ୍ଷା ଓ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ (Circle Inspector of Schools) / ଜିଲ୍ଲା ଶିକ୍ଷା ନିରୀକ୍ଷକ (District Inspector of Schools)), ଜିଲ୍ଲା ପରିଷଦର ଦାୟିତ୍ୱାଧୀନ ରହିବେ।

୩.୨। ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ / ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କର ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ। ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ / ଜିଲ୍ଲା ଶିକ୍ଷା ନିରୀକ୍ଷକ ସେମାନଙ୍କ ଅଧିନରେ ଥିବା ଅନ୍ୟ ଅଧିକାରୀ ମାନଙ୍କ ଛୁଟି ମଞ୍ଜୁର କରିବେ।

୩.୩। ଜିଲ୍ଲା ପରିଷଦ ସଭାପତିଙ୍କ ମତାମତ ଓ ରିପୋର୍ଟକୁ ବିଭାଗୀୟ ମୁଖ୍ୟ ବିଚାର କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୩.୪। ପ୍ରାଥମିକ ଶିକ୍ଷା, ପ୍ରୌଢ଼ ଶିକ୍ଷା ଓ ଅଣଆନୁଷ୍ଠାନିକ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ବିଦ୍ୟାଳୟର ଉପନିରୀକ୍ଷକ(Sub-Inspector of Schools) ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ। ପ୍ରାଥମିକ ଶିକ୍ଷକମାନଙ୍କର ବେତନ ଆହରଣ ଓ ବିତରଣ ନିମନ୍ତେ ସେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ସାହାଯ୍ୟ କରିବେ।

୩.୫। ପଞ୍ଚାୟତ ସମିତିର ଅଧକ୍ଷ, ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କୁ ନେଇ ଗଠିତ ଏକ କମିଟି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ପଞ୍ଚାୟତ ସମିତି ମଧ୍ୟରେ ବଦଳି କରିପାରିବେ। ପଞ୍ଚାୟତ ସମିତି ମଧ୍ୟରେ ବଦଳି କ୍ଷେତ୍ରରେ ସରପଞ୍ଚଙ୍କ ସୁପାରିଶକୁ ଆବଶ୍ୟକୀୟ ଗୁରୁତ୍ୱ ଦିଆଯିବ। ଯଦି ଗୋଟିଏ ପଞ୍ଚାୟତ ସମିତିରୁ ଆଉ ଗୋଟିଏ, ପଞ୍ଚାୟତ ସମିତିକୁ ଜଣେ ଶିକ୍ଷକଙ୍କୁ ବଦଳି କରାଯିବା ନିମନ୍ତେ ବିଚାର କରାଯାଏ, ତେବେ ଉପରୋକ୍ତ କମିଟି ଉକ୍ତ ବିଷୟକୁ ଜିଲ୍ଲା ପରିଷଦକୁ ସୁପାରିଶ କରିବେ। ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ ଓ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କୁ ନେଇ ଗଠିତ କମିଟି ଶିକ୍ଷା ଜିଲ୍ଲା ମଧ୍ୟରେ ଗୋଟିଏ ପଞ୍ଚାୟତ ସମିତିରୁ ଆଉ ଗୋଟିଏ ପଞ୍ଚାୟତ ସମିତିକୁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ସଂକ୍ରାନ୍ତରେ ନିଷ୍ପତ୍ତି ନେବେ।

୩.୬ । ବିଦ୍ୟାଳୟଗୁଡ଼ିକର ପରିଦର୍ଶନ : ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ସରପଞ୍ଚ ପ୍ରାଥମିକ ବିଦ୍ୟାଳୟ, ଅଣଆନୁଷ୍ଠାନିକ ଶିକ୍ଷା ଓ ପ୍ରୌଢ ଶିକ୍ଷା କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିପାରିବେ ।

୩.୭ । ସରପଞ୍ଚ କେବଳ ପ୍ରାଥମିକ ବିଦ୍ୟାଳୟମାନଙ୍କର ପ୍ରଧାନ ଶିକ୍ଷକ ବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ । ସରପଞ୍ଚ ଶିକ୍ଷକମାନଙ୍କ ଉପସ୍ଥାନ ଯାଞ୍ଚ କରିପାରିବେ ଓ ସେମାନଙ୍କ ଅନୁପସ୍ଥିତି ସମ୍ପର୍କରେ ରିପୋର୍ଟ କରିପାରିବେ । ଏହି ରିପୋର୍ଟ ଅନୁସାରେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ / ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସହକାରୀ ଶିକ୍ଷକମାନଙ୍କର ଛୁଟି ମଞ୍ଜୁର କରିବେ ।

**୪. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ।**

୪.୧ । ସାଧାରଣ ଯୋଗାଣ ବ୍ୟବସ୍ଥା ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ(accountable) ରହିବେ ।

୪.୨ । ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ । ଜିଲ୍ଲା ଯୋଗାଣ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ ।

୪.୩ । ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦର ସଭାପତି ଦେଇଥିବା ରିପୋର୍ଟକୁ ବିଭାଗୀୟ ମୁଖ୍ୟ ଗୁରୁତ୍ୱ ପ୍ରଦାନ କରିବେ ।

୪.୪ । ସାଧାରଣ ବଣ୍ଟନ ବ୍ୟବସ୍ଥା ନିମନ୍ତେ ଯୋଗାଣ ନିରୀକ୍ଷକ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ(accountable) ରହିବେ ।

୪.୫ । ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରିପୋର୍ଟ ଦେଇ ପାରିବେ । ସେ ଏହି ରିପୋର୍ଟ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ପଦ-ପ୍ରଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଓ ଜିଲ୍ଲା ପରିଷଦ ସଭାପତିଙ୍କ ନିକଟକୁ ପଠାଇ ପାରିବେ । ଏହି ରିପୋର୍ଟ ଉପରେ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**୫. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ।**

୫.୧ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା କଲ୍ୟାଣ ଅଧିକାରୀ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ(accountable) ରହିବେ ।

୫.୨ । ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ । ଜିଲ୍ଲା କଲ୍ୟାଣ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ ।

୫.୩ । ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତି ବିଭାଗୀୟ ମୁଖ୍ୟଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ କରିପାରିବେ ।

୫.୪ । କଲ୍ୟାଣ ସମ୍ପ୍ରସାରଣ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ନିମନ୍ତେ ସେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ ।

୫.୫ । ସରପଞ୍ଚ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ସେବାଶ୍ରମ ପରିଦର୍ଶନ କରିପାରିବେ, ଏଗୁଡ଼ିକର ଉନ୍ନତି ନିମନ୍ତେ ପ୍ରସ୍ତାବ ଦେଇପାରିବେ ଏବଂ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଓ ସେବାଶ୍ରମ ଶିକ୍ଷକମାନଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିପାରିବେ । ଏହି ରିପୋର୍ଟ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ପଦପ୍ରଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଓ ଜିଲ୍ଲା ପରିଷଦ ସଭାପତିଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବେ ।

୫.୬। ସରପଞ୍ଚ କେବଳ ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କର ସାମୟିକ ଛୁଟି ମଞ୍ଜୁର କରିବେ। ପ୍ରଧାନ ଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ୟ ସହକାରୀ ଶିକ୍ଷକମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

**୬. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ।**

୬.୧। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ(accountable) ରହିବେ। ଜିଲ୍ଲା ପରିଷଦ ସଭାପତି ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରି ତାଙ୍କ ସୁପାରିଶ ବିଭାଗୀୟ ମୁଖ୍ୟଙ୍କୁ ପଠାଇ ପାରିବେ। ଜିଲ୍ଲା ପରିଷଦ ସଭାପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ କରିପାରିବେ। ବିଭାଗୀୟ ମୁଖ୍ୟ ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୬.୨। ଜିଲ୍ଲା ପରିଷଦ ସଭାପତି , ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କ ଅଧୀନରେ ଥିବା ଅନ୍ୟ ଡାକ୍ତରମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୬.୩। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲ ଡାକ୍ତରମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲ ଗୁଡିକୁ ପରିଦର୍ଶନ କରିପାରିବେ।

୬.୪। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁର କରିବେ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲର ଭାରପ୍ରାପ୍ତ ଅଧିକାରୀ ଅନ୍ୟ ଡାକ୍ତରମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୬.୫। ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ଉପସ୍ଥିତି ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

୬.୬। ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ ଓ ଏ.ଏନ୍.ଏମ୍‌ମାନେ ଗ୍ରାମ ପଞ୍ଚାୟତ ବୈଠକରେ ଯୋଗଦେବେ ଓ ଗ୍ରାମ୍ୟ ସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ଗ୍ରାମ ପଞ୍ଚାୟତର ଦାୟିତ୍ୱାଧୀନ ରହିବେ।

୬.୭। ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ /ଏ.ଏନ.ଏମ ମାନଙ୍କର ସାମୟିକ ଛୁଟି ମଞ୍ଜୁର କରିବେ।

୬.୮। ଆବଶ୍ୟକ ସ୍ଥଳେ ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ ଓ ଏ.ଏନ.ଏମମାନଙ୍କର ଉପସ୍ଥାନ ସମ୍ପର୍କରେ ସରପଞ୍ଚ / ନାଏବ ସରପଞ୍ଚ (ଯିଏ ମହିଳା ହୋଇଥିବେ) ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲ ଚିକିତ୍ସା ଅଧିକାରୀ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟକୁ ରିପୋର୍ଟ ପଠାଇବେ।

**୭. ମହିଳା ଓ ଶିଶୁ ବିକାଶ ବିଭାଗ।**

୭.୧। ସାମାଜିକ ନିରାପତ୍ତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ (accountable) ରହିବେ।

୭.୨। ଜିଲ୍ଲା ପରିଷଦ ସଭାପତି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୭.୩। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ବନ୍ଧରେ ଜିଲ୍ଲା ପରିଷଦ ସଭାପତିଙ୍କ ରିପୋର୍ଟକୁ ବିଭାଗୀୟ ମୁଖ୍ୟ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରିବେ।

୭.୪। ସାମାଜିକ ନିରାପତ୍ତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସାମାଜିକ ଶିକ୍ଷା ସଙ୍ଗଠକ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ(accountable) ରହିବେ।

୭.୫। ପଞ୍ଚାୟତ ସମିତି ଅଧ୍ୟକ୍ଷ / ଉପାଧ୍ୟକ୍ଷଙ୍କ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଛୁଟି ମଞ୍ଜୁର କରିବେ।

୭.୬। ପଞ୍ଚାୟତ ସମିତି ଅଧ୍ୟକ୍ଷ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ପ୍ରସ୍ତାବ ତଥା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସାମାଜିକ ଶିକ୍ଷା ସଙ୍ଗଠକଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ରିପୋର୍ଟ ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇ ପାରିବେ।

୭.୭। ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥାନ ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ରିପୋର୍ଟ କରିବେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏହାକୁ ବିଚାରକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

**୮. ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ।**

୮.୧। ଜିଲ୍ଲାରେ ଗୋପାଳନ ଓ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ , ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ ରହିବେ।

୮.୨। ଉପରୋକ୍ତ ଅଧିକାରୀମାନଙ୍କର ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ। ଏହି ଅଧିକାରୀମାନେ ନିଜ ନିଜ କାର୍ଯ୍ୟାଳୟର ଅଧସ୍ତନ ଅଧିକାରୀମାନଙ୍କର ସାମୟିକ ଛୁଟି ମଞ୍ଜୁର କରିବେ।

୮.୩। ଉପରୋକ୍ତ ଅଧିକାରୀମାନଙ୍କର କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତି ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ପଠାଇ ପାରିବେ। ବିଭାଗୀୟ ମୁଖ୍ୟ ଏହି ରିପୋର୍ଟକୁ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରିବେ।

୮.୪। ବ୍ଲକ ସ୍ତରରେ ଗୋପାଳନ ଓ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ନିମନ୍ତେ ସହକାରୀ ପଶୁ ଚିକିତ୍ସକ ଓ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୮.୫। ସହକାରୀ ପଶୁ ଚିକିତ୍ସକଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁର କରିବେ।

୮.୬। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଶୁ ଚିକିତ୍ସା କେନ୍ଦ୍ର ଓ ପଶୁ ଚିକିତ୍ସା ସହାୟକ କେନ୍ଦ୍ର(Livestock Aid Center) ପରିଦର୍ଶନ କରିପାରିବେ।

୮.୭। ସହକାରୀ ପଶୁ ଚିକିତ୍ସକ ଏବଂ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ରିପୋର୍ଟକୁ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପଯୁକ୍ତ ଗୁରୁତ୍ୱ ଦେବେ।

୮.୮। ସରପଞ୍ଚ, ପଶୁଧନ ନିରୀକ୍ଷକ(Livestock Inspector)ଙ୍କ ଉପସ୍ଥାନ ସମ୍ପର୍କରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ସହକାରୀ ପଶୁ ଚିକିତ୍ସକଙ୍କୁ ରିପୋର୍ଟ କରିପାରିବେ। ଏହି ରିପୋର୍ଟ ସକ୍ରାନ୍ତରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**୯. ଗ୍ରାମ୍ୟ ଉନ୍ନୟନ ବିଭାଗ ।**

୯.୧। ଗ୍ରମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ /ସହକାରୀ ଯନ୍ତ୍ରୀ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ(accountable) ରହିବେ।

୯.୨। ଜିଲ୍ଲା ପରିଷଦ ସଭାପତି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ନିର୍ବାହୀ ଯନ୍ତ୍ରୀ ତାଙ୍କ କାମକରୁଥିବା ଅନ୍ୟ ଅଧିକାରୀମାନଙ୍କ ଛୁଟି ମଞ୍ଜୁର କରିବେ।

୯.୩। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ / ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ନିର୍ବାହ କରାଯାଉଥିବା କାର୍ଯ୍ୟକୁ ସମ୍ପାଦନ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପ୍ରେରଣ କରିପାରିବେ।

୯.୪। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ପାନୀୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୯.୫। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧକ୍ଷ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

**୧୦. ପଞ୍ଚାୟତିରାଜ ବିଭାଗ ।**

୧୦.୧। ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଏବଂ ସମ୍ପ୍ରସାରଣ ଅଧିକାରୀମାନେ ସେମାନଙ୍କ ଉପରେ ନ୍ୟସ୍ତ କାର୍ଯ୍ୟ ନିମନ୍ତେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ(accountable) ରହିବେ।

୧୦.୨। ପଞ୍ଚାୟତ ସମିତି ଅଧକ୍ଷ, ବ୍ଲକ ଉନ୍ନୟନ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ପଞ୍ଚାୟତ ସମିତିରେ କାର୍ଯ୍ୟରତ ଅନ୍ୟ ଅଧିକାରୀମାନଙ୍କ ସାମୟିକ ଛୁଟି ବ୍ଲକ ଉନ୍ନୟନ ଅଧିକାରୀ ମଞ୍ଜୁର କରିବେ ।

୧୦.୩। ଗ୍ରାମ ସେବକଙ୍କ ଉପସ୍ଥାନ ସମ୍ପର୍କରେ ସରପଞ୍ଚ ରିପୋର୍ଟ ପ୍ରଦାନ କରିପାରିବେ। ପଞ୍ଚାୟତ ସମିତି ଅଧକ୍ଷ ଓ ବ୍ଲକ ଉନ୍ନୟନ ଅଧିକାରୀ ଏହି ରିପୋର୍ଟକୁ ଯଥାଯଥ ବିଚାର କରିବେ।

**୧୧. ଜଳ ସମ୍ପଦ ବିଭାଗ।**

୧୧.୧। ୧୦୦ ଏକର ଆୟକଟ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଚାଳନା ନିମନ୍ତେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଜିଲ୍ଲା ପରିଷଦର ଦାୟିତ୍ୱାଧୀନ(accountable) ରହିବେ।

୧୧.୨। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ। ନିର୍ବାହୀ ଯନ୍ତ୍ରୀ ତାଙ୍କ ଅଧସ୍ତନ ଅଧିକାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୧୧.୩। କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦର ସଭାପତିଙ୍କ ରିପୋର୍ଟକୁ

୧୧.୪। ୧୦୦ ଏକର ଆୟକଟ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପରିଚାଳନା ନିମନ୍ତେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୧୧.୫। କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧକ୍ଷ ମଞ୍ଜୁର କରିବେ। କନିଷ୍ଠ ଯନ୍ତ୍ରୀ ମାନଙ୍କର ସାମୟିକ ଛୁଟି ସହକାରୀ ଯନ୍ତ୍ରୀ ମଞ୍ଜୁର କରିବେ।

୧୧.୬। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କର କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତିର ଅଧକ୍ଷ ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

**୧୨. କାର୍ଯ୍ୟ ନିର୍ବାହୀ ଅଧିକାରୀ-**

୧୨.୧। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ପୂର୍ବବତ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପୂର୍ବବତ୍ ଜିଲ୍ଲା ପରିଷଦର ଯଥାକ୍ରମେ ନିର୍ବାହୀ ଅଧିକାରୀ ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରିବେ।

୧୨.୨। ବ୍ଲକ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିବେ।

୧୨.୩। ଗ୍ରାମସେବକ ଓ ଗ୍ରାମ୍ୟ କୃଷି କର୍ମୀମାନେ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ହେବେ। ଏଥିପାଇଁ ପଞ୍ଚାୟତ ସମିତି ଗ୍ରାମ୍ୟ କୃଷି କର୍ମୀ କିମ୍ବା ଗ୍ରାମ ସେବକଙ୍କୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅବସ୍ଥାପନ କରିବାପାଇଁ ନିର୍ଦ୍ଦିଷ୍ଟ ଆଦେଶ ଦେବେ। ଗ୍ରାମ୍ୟ କୃଷି କର୍ମୀ କିମ୍ବା ଗ୍ରାମ ସେବକମାନେ ନିର୍ବାହୀ ଅଧିକାରୀ ଭାବରେ ସରକାରଙ୍କ ସ୍ଥିରୀକୃତ ଜବ ଚାର୍ଟ(Job-Chart) ଅନୁସାରେ କର୍ତ୍ତବ୍ୟ ସମ୍ପାଦନ କରିବେ।

୧୨.୪। ସରପଞ୍ଚ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

**୧୩. ଦାୟିତ୍ୱାଧୀନତା(accountablity)**

୧୩.୧। ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ହସ୍ତାନ୍ତର ହୋଇଥିବା କାର୍ଯ୍ୟକ୍ରମ ଗୁଡିକ ନିମନ୍ତେ ସମ୍ପୃକ୍ତ ଜିଲ୍ଲା, ବ୍ଲକ୍, ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ବୈଠକମାନଙ୍କରେ ଯୋଗଦେବେ।

୧୩.୨। ସେମାନେ ଯେଉଁ ବିଭାଗ ଦ୍ୱାରା ନିଯୁକ୍ତି ପାଇଛନ୍ତି, ସେହି ବିଭାଗର କର୍ମଚାରୀ ହିସାବରେ କାର୍ଯ୍ୟ କରିବେ ମାତ୍ର ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନର ଦାୟିତ୍ୱାଧୀନ ରହିବେ।

୧୩.୩। ସେମାନେ ସେମାନଙ୍କର ପ୍ଲାନ ଓ ସ୍କିମ୍ ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ବୈଠକରେ ଆଲୋଚନା ଓ ଅନୁମୋଦନ ପାଇଁ ଉପସ୍ଥାପନ କରିବେ।

୧୩.୪। ସମୁଚିତ ସ୍ତରରେ କାର୍ଯ୍ୟରତ ଅଧିକାରୀ / କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା କ୍ଷମତା ଜିଲ୍ଲା ପରିଷଦର ସଭାପତି, ପଞ୍ଚାୟତ ସମିତିର ଅଧକ୍ଷ ଓ ଗ୍ରାମ ପଞ୍ଚାୟତର ସରପଞ୍ଚ ଉପରେ ନ୍ୟସ୍ତ କରାଯାଇଛି। ସେମାନେ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆବଶ୍ୟକ ହେଉଥିବା ତଥ୍ୟ ଓ ରିପୋର୍ଟ ମାଗି ପାରିବେ। ସେମାନେ (ସଭାପତି / ଅଧକ୍ଷ /ସରପଞ୍ଚ) ସମୁଚିତ ପଞ୍ଚାୟତିରାଜ ଅନୁଷ୍ଠାନସ୍ତରୀୟ ଅଧିକାରୀମାନଙ୍କ ବିଶୃଙ୍ଖଳା ବା ଅନିୟମିତତା ତଥା ଅନ୍ୟାନ୍ୟ ତୃଟି ସମ୍ବନ୍ଧରେ ପୂର୍ବରୁ କୁହାଯାଇଥିବା ଅନୁସାରେ ଉପଯୁକ୍ତ ସ୍ତରକୁ ପଠାଇ ପାରିବେ।

୧୩.୫। ଜିଲ୍ଲା ପରିଷଦ ସଭାପତି ପର୍ଯ୍ୟବେକ୍ଷଣ କରିପାରିବେ। ସେ (ସଭାପତି) ନିର୍ବାହୀ ଯନ୍ତ୍ରୀ / ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପ୍ରେରଣ କରିପାରିବେ।୧୬.୫। ସେମାନେ ତାଙ୍କର ଅନୁଷ୍ଠାନରେ କାର୍ଯ୍ୟକରୁଥିବା ଅଧିକାରୀ / କ୍ଷେତ୍ର କର୍ମଚାରୀମାନଙ୍କର କାର୍ଯ୍ୟର ମାନବୃଦ୍ଧି ପାଇଁ ପ୍ରସ୍ତାବ / ସୁପାରିଶ ପଠାଇବେ।

୧୩.୬। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଭାବେ ଜିଲ୍ଲା ପରିଷଦ ତରଫରୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଠାରୁ ରିପୋର୍ଟ ମାଗିପାରିବେ ଏବଂ ତାହା ଜିଲ୍ଲା ପରିଷଦ ସଭାପତିଙ୍କ ନିକଟରେ ଉପସ୍ଥାପନ କରିବେ। ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପରିଷଦ ବୈଠକରେ ଏହି ବିଷୟରେ ବୁଝାଇବାପାଇଁ କୁହାଯାଇପାରିବ।

୧୩.୭। ବିଭିନ୍ନ ବିଭାଗର କାର୍ଯ୍ୟାବଳୀକୁ ବିଚାରକୁ ନେଇ ଜିଲ୍ଲାପରିଷଦ ସଭାପତି ବିଭାଗୀୟ ମୁଖ୍ୟ ଓ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବେ। ଜିଲ୍ଲାପରିଷଦରୁ ଆସିଥିବା ପ୍ରସ୍ତାବଗୁଡିକ ଉପରେ ବିଭାଗୀୟ ମୁଖ୍ୟ ଓ ସମ୍ପୃକ୍ତ ବିଭାଗ ଦ୍ୱାରା ଯଥୋଚିତ ବିଚାର କରାଯିବ ଏବଂ ତାହା ଉପରେ ନିଆଯାଇଥିବା ନିଷ୍ପତ୍ତିକୁ ପଞ୍ଚାୟତିରାଜ ଅନୁଷ୍ଠାନକୁ ଜଣାଇ ଦିଆଯିବ।

ସମସ୍ତ ବିଭାଗ ଏହି ନିର୍ଦ୍ଦେଶଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ନିଶ୍ଚିତ ଭାବରେ ଆନ୍ତରିକତା ସହ ପଦକ୍ଷେପ ନେବେ। ଫଳରେ ରାଜ୍ୟରେ ଗ୍ରାମାଞ୍ଚଳ ଲୋକମାନଙ୍କର ଜୀବନଧାରଣ ମାନରେ ଉନ୍ନତି ହୋଇପାରିବ ବୋଲି ରାଜ୍ୟ ସରକାର ପଦକ୍ଷେପ ନେଇସାରିଛନ୍ତି ।

❑❑❑

# ଗ୍ରାମସଭା

## ଗ୍ରାମସଭା ଓ ଗଠନ :

ଗୋଟିଏ ଗ୍ରାମପଞ୍ଚାୟତ ଅଞ୍ଚଳରେ ଥିବା ଗ୍ରାମଗୁଡିକର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଲୋକମାନଙ୍କର ସଂଘକୁ ନେଇ ବସୁଥିବା ସଭାକୁ ହିଁ 'ଗ୍ରାମସଭା' କୁହାଯାଏ । ସମ୍ପୃକ୍ତ ଗ୍ରାମପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା ସବୁ ଗ୍ରାମର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ସବୁ ପ୍ରାପ୍ତବୟସ୍କ ଗ୍ରାମବାସୀ ହେଉଛନ୍ତି ଗ୍ରାମସଭାର ସଦସ୍ୟ । ଗ୍ରାମସଭା ବୈଠକରେ ଯୋଗ ଦେଇ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ପାଇଁ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତିରେ ଭାଗ ନେବାର ଅଧିକାର ଏ ସମସ୍ତଙ୍କର ରହିଛି । ସେଥିପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସଭାକୁ 'ପ୍ରାଣକେନ୍ଦ୍ର' ବୋଲି କୁହାଯାଇଥାଏ । ପଞ୍ଚାୟତର ଉନ୍ନତି ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ନିଆ ଯାଉଥିବା ବିଭିନ୍ନ ନିଷ୍ପତ୍ତି, ବିକାଶମୂଳକ କାର୍ଯ୍ୟରେ ସମସ୍ତଙ୍କ ଭାଗିଦାରୀ, ସମସ୍ୟା ସମାଧାନରେ ସମସ୍ତଙ୍କ ଯୋଗଦାନକୁ ନିଶ୍ଚିତ କରାଇବା ହିଁ ଗ୍ରାମସଭାର ମୂଳ ଉଦ୍ଦେଶ୍ୟ ।

## ଗ୍ରାମସଭାର ବୈଠକ :

ଓଡିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪ର ଧାରା ୫(୧)ରେ ଏକଥା ସ୍ପଷ୍ଟ କରିଦିଆଯାଇଛି ଯେ ଗ୍ରାମସଭା ବର୍ଷକୁ ଦୁଇଥର ନିଶ୍ଚିତ ଭାବରେ ବସିବ କିନ୍ତୁ ରାଜ୍ୟ ସରକାରଙ୍କ ପତ୍ରସଂଖ୍ୟା ୧୨୬୯୪(୩୦)/ ଗ୍ରାପ, ଭୁବନେଶ୍ୱର, ତାରିଖ ୦୮.୦୮.୧୯୯୭ ଏଲଏସଆଇ ୭୫/୯୭ ଅନୁଯାୟୀ ଗ୍ରାମପଞ୍ଚାୟତମାନେ ଆବଶ୍ୟକ ସ୍ଥଳେ ଅଧିକ ସଂଖ୍ୟକ ଗ୍ରାମସଭା ଡାକିବା ଉଚିତ । ନିୟମ ଅନୁସାରେ ଗ୍ରାମସଭାର ବୈଠକ ଫେବୃଆରୀ ଓ ଜୁନ୍ ମାସରେ ବସିବ । ଏହି ବୈଠକର ତାରିଖ ଏବଂ ସମୟ ସରପଞ୍ଚ ନିରୂପଣ କରିବେ । ଗ୍ରାମସଭାର ବୈଠକପାଇଁ ଅତି କମରେ ୧୫ ଦିନ ପୂର୍ବରୁ ସଦସ୍ୟମାନଙ୍କୁ ନୋଟିସ ଦିଆଯିବ । ଏହି ନୋଟିସକୁ ସର୍ବସାଧାରଣରେ ଟଙ୍ଗାଯିବ ଓ ଡେଙ୍ଗୁରା ମାଧ୍ୟମରେ ଜଣାଇ ଦିଆଯିବ । ନୋଟିସର ଏକ ଅବିକଳ ନକଲ ମଧ୍ୟ ବିଡିଓଙ୍କ ପାଖକୁ ପଠାଇ ଦିଆଯିବ । ବୈଠକରେ ଆଲୋଚନା କରାଯିବାକୁ ରଖାଯାଇଥିବା ବିଷୟବସ୍ତୁ ଓ କାର୍ଯ୍ୟକ୍ରମକୁ ନୋଟିସରେ ସ୍ପଷ୍ଟଭାବରେ ଲେଖାଯିବ । ତେବେ ଯଦି ନୋଟିସରେ କୌଣସି ବିଷୟ ସ୍ଥାନ ପାଇନଥିବ ତେବେ ସରପଞ୍ଚ ଚାହିଁଲେ ସେସବୁକୁ ଆଗତ କରିପାରିବେ । ସରପଞ୍ଚଙ୍କୁ ଏଥିପାଇଁ କ୍ଷମତା ଦିଆଯାଇଛି । ସରକାରଙ୍କ ପକ୍ଷରୁ କ୍ଷମତା ପାଇଥିବା ସରପଞ୍ଚ କିମ୍ବା ଜିଲ୍ଲାପାଳ ବା ଅନ୍ୟ କୌଣସି ବ୍ୟକ୍ତିବିଶେଷ ଆବଶ୍ୟକତା ଅନୁସାରେ ଗ୍ରାମସଭାର ସ୍ୱତନ୍ତ୍ର ବୈଠକ ଡକାଇ ପାରିବେ । ଏଥିପାଇଁ ସରପଞ୍ଚଙ୍କର ଅନୁମୋଦନ ମିଳିବାପରେ ସ୍ୱତନ୍ତ୍ର ବୈଠକପାଇଁ ପଞ୍ଚାୟତ ସମ୍ପାଦକଙ୍କୁ ରିକ୍ୟୁଜିସନ ଦିଆଯିବ । ସରପଞ୍ଚଙ୍କର ଅନୁମତି ପାଇଲାପରେ ପଞ୍ଚାୟତ ସଭାପତି ଉକ୍ତ ବୈଠକପାଇଁ ନୋଟିସ ଦେବେ ।

## କୋରମ :

ଗ୍ରାମସଭା ବୈଠକରେ କୋରମ ପାଇଁ ଅନ୍ତତଃ ଏକ ଦଶମାଂଶ ବା ଦଶ ଭାଗରୁ ଏକ ଭାଗ ସଦସ୍ୟଙ୍କୁ ଉପସ୍ଥିତ ରହିବାକୁ ହେବ । ସେଥିରୁ ଏକ ତୃତୀୟାଂଶ ସଦସ୍ୟ ହେବେ ମହିଳା । କୋରମ ଅଭାବ ହେଲେ ସରପଞ୍ଚ କିମ୍ବା ବୈଠକର ସଭାପତିଙ୍କ ନିଷ୍ପତ୍ତି କ୍ରମେ ଆଉ ଥରେ ନୋଟିସ ଦିଆଯାଇ ଅନ୍ୟ ଏକ ଦିନ ବୈଠକ କରାଯିବ । ଏଥିପାଇଁ ନିର୍ଦ୍ଧାରିତ ପ୍ରଣାଳୀରେ ସଭ୍ୟ/ସଭ୍ୟାମାନଙ୍କୁ ନୋଟିସ ଦିଆଯିବ । ତେବେ ସ୍ଥଗିତ ହୋଇଥିବା ବୈଠକକୁ ପୁଣି ଥରେ ଡାକିବାପାଇଁ ଅତି କମରେ ତିନି ଦିନ ପୂର୍ବରୁ ନୋଟିସ ଦିଆଯିବ ।

## ଅଧ୍ୟକ୍ଷତା :

ନିୟମ ଅନୁଯାୟୀ ଗ୍ରାମସଭା ବୈଠକରେ ମୁଖ୍ୟତଃ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ହିଁ ଅଧ୍ୟକ୍ଷତା କରିବେ । ସେ ଯଦି ଅନୁପସ୍ଥିତ ରହନ୍ତି ତେବେ ନାଏବ ସରପଞ୍ଚ ଅଧ୍ୟକ୍ଷତା କରିବେ । ଯଦି ଏ ଦୁଇଜଣଯାକ ଅନୁପସ୍ଥିତ ରହନ୍ତି ତେବେ ସେମାନେ ମନୋନୀତ କରିଥିବା ବ୍ୟକ୍ତି ସଭାପତିତ୍ୱ କରିବେ । ନଚେତ ଉପସ୍ଥିତ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତିରୂପେ ବାଛିବେ । ଯଦି ସଭାପତି କୌଣସି କାରଣରୁ ଅସ୍ଥାୟୀ ରୂପେ ସଭାପତି ଦାୟିତ୍ୱରୁ ଅନୁପସ୍ଥିତ ରହିବା ଦରକାର ପଡେ, ତେବେ ସେ ଅନ୍ୟ କୌଣସି ସଭ୍ୟଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ଅନୁରୋଧ କରିପାରିବେ ।

**ବିବରଣୀ :**

ସମ୍ପୃକ୍ତ ଗ୍ରାମପଞ୍ଚାୟତର ସମ୍ପାଦକ ବୈଠକର ବିବରଣୀ ଲେଖିବେ। ବିଡିଓଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ, ୱାର୍ଡ ମେମ୍ବର ଓ ସରପଞ୍ଚ ଏଥିରେ ଦସ୍ତଖତ କରିବେ। ପୂର୍ବରୁ ହୋଇଥିବା ପଲ୍ଲୀସଭାର ବିବରଣୀ ଓ ପ୍ରକଳ୍ପ ରିପୋର୍ଟ, ତଥା ହିତାଧିକାରୀ ତାଲିକାକୁ ପ୍ରତ୍ୟେକ ସଦସ୍ୟ ପାଇଗଲାପରେ ଗ୍ରାମପଞ୍ଚାୟତ ଗ୍ରାମସଭା କରାଇବେ।

**କାର୍ଯ୍ୟ କଳାପ :**

ଗ୍ରାମସଭା ବୈଠକରେ ପଞ୍ଚାୟତ ଉପରେ ଥିବା ଦାୟିତ୍ୱ ଓ କାର୍ଯ୍ୟକ୍ରମ ଉପରେ ହିଁ ଆଲୋଚନା କରାଯିବ। ଏହି ସବୁ କାର୍ଯ୍ୟକ୍ରମ ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତୁତ ହେବ। ଯେଉଁ କାର୍ଯ୍ୟାବଳୀପାଇଁ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିବ ସେଠାରେ କେବଳ ସେହି ବିଷୟଗୁଡିକୁ ହିଁ ବିଚାରକୁ ନିଆଯିବ। ଗ୍ରାମସଭା ବୈଠକରେ କେଉଁ କେଉଁ ବିଷୟ ଗୁଡ଼ିକୁ ନେଇ ବିଚାର ବିମର୍ଷ କରାଯିବ ଓ ତଦନୁଯାୟୀ କାର୍ଯ୍ୟ କରାଯିବ ସେକଥା ନିର୍ଦ୍ଦିଷ୍ଟ ହୋଇଛି। ସେଗୁଡିକ ହେଉଛି :-

- ପ୍ରତି ବର୍ଷ ଫେବୃଆରୀ ମାସରେ ହେଇଥିବା ବୈଠକରେ ଆଗାମୀ ବର୍ଷ ପାଇଁ ଗ୍ରାମ ପଞ୍ଚାୟତର କାର୍ଯ୍ୟକ୍ରମଗୁଡିକ କ'ଣ ତାହା ଠିକ କରାଯିବ। କେଉଁ କେଉଁ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ବିଷୟରେ ନିଷ୍ପତ୍ତି କରାଯିବା ସହିତ ଗ୍ରାମପଞ୍ଚାୟତର ଚଳିତ ବର୍ଷପାଇଁ ବାର୍ଷିକ ଖର୍ଚ୍ଚ ଅଟକଳ ବା ବଜେଟ୍ ଉପରେ ବିଚାର କରାଯିବ।
- ପ୍ରତି ବର୍ଷ ଜୁନମାସରେ ବସୁଥିବା ବୈଠକରେ ଗ୍ରାମପଞ୍ଚାୟତ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ଓ ଯୋଜନା ଗୁଡିକର ରିପୋର୍ଟ ଏବଂ ସରପଞ୍ଚଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବାର୍ଷିକ ରିପୋର୍ଟ ସହିତ ଆସନ୍ତା ବର୍ଷ ଏହା କିପରି କାର୍ଯ୍ୟକାରୀ କରାଯାଇପାରିବ ତା ଉପରେ ଆଲୋଚନା କରାଯିବ।
- ଗ୍ରାମସଭା ବୈଠକରେ ଯଦି ଟିକସ ହାର, ଖଜଣା, ଓ ଫିସ ଧାର୍ଯ୍ୟ ପାଇଁ କିମ୍ବା କୃଷିଜାତ ଦ୍ରବ୍ୟ ବା ଫସଲ ଉପରେ କୌଣସି ଯୋଜନା ତିଆରି କରାଯିବାପାଇଁ କିମ୍ବା ଅନ୍ୟାନ୍ୟ ବିଷୟରେ କୌଣସି ପ୍ରସ୍ତାବ ଆସେ ତାହେଲେ ସେ ସବୁ ଉପରେ ଆଲୋଚନା କରାଯିବ। ଯଦି କୌଣସି ଗ୍ରାମ ନିମନ୍ତେ କୌଣସି ଅତିରିକ୍ତ ବଜେଟ ବା ସଂଶୋଧନ ପ୍ରସ୍ତାବ ଥାଏ ଗ୍ରାମସଭା ସେ ବିଷୟରେ ବିଚାର କରିବେ ଏବଂ ଗ୍ରାମ ପଞ୍ଚାୟତକୁ ସେ ବିଷୟରେ ସୁପାରିଶ କରିବେ।
- ଉପଦଫା (୧)ର ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଗ୍ରାମସଭାର ବୈଠକକୁ ପଦ୍ଧତି ଅନୁଯାୟୀ ନିର୍ଦ୍ଧାରିତ ସମୟ ଓ ବ୍ୟବଧାନରେ ଡକାଇବେ।
- ଗ୍ରାମସଭା ବୈଠକରେ ଗ୍ରାମପଞ୍ଚାୟତର କାର୍ଯ୍ୟକଳାପକୁ ନିର୍ବାହ କରାଯିବ। ସଭାର କାର୍ଯ୍ୟ ବିବରଣୀମାନ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଲିପିବଦ୍ଧ କରାଯାଇ ଏହାର ସଠିକ ରକ୍ଷଣାବେକ୍ଷଣ କରାଯିବ।
- ବୈଠକରେ ଉପସ୍ଥିତ ପଞ୍ଚାୟତ ସଦସ୍ୟମାନେ ଦସ୍ତଖତ କରିବାପରେ ବୈଠକର କାର୍ଯ୍ୟ ବିବରଣୀକୁ ଚୁଡାନ୍ତ ବୋଲି ଧରାଯିବ।

**ଗ୍ରାମସଭାର ଦାୟିତ୍ୱ :**

- ପଲ୍ଲୀସଭାରେ ପ୍ରସ୍ତୁତ କରାଯାଇଥିବା ବିକାଶମୂଳକ ଯୋଜନାଗୁଡିକୁ ଗ୍ରାମପଞ୍ଚାୟତ ଗ୍ରାମସଭାସମ୍ମୁଖରେ ବିଚାର ପାଇଁ ରଖିବେ।
- ବିଭିନ୍ନ ପଲ୍ଲୀସଭାରୁ ଆସିଥିବା ପ୍ରସ୍ତାବିତ ଯୋଜନାଗୁଡିକ ଉପରେ ଗ୍ରାମସଭାରେ ବିଚାର ବିମର୍ଷ କରାଯିବା ପରେ ସେସବୁର ଅନୁମୋଦନ କରାଯିବ।

- ଯଦି ଗ୍ରାମସଭା କୌଣସି ପଲ୍ଲୀସଭାର ପ୍ରସ୍ତାବକୁ ସ୍ପଷ୍ଟ ବୁଝିନପାରେ ତେବେ ତୁରନ୍ତ ସମ୍ପୃକ୍ତ ପଲ୍ଲୀର ପଲ୍ଲୀସଭା ଡକାଯାଇ ସେ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯିବ।
- ଗ୍ରାମସଭା ଦ୍ୱାରା ଅନୁମୋଦନ ଲାଭ କରିଥିବା ଯୋଜନା ଗୁଡିକୁ ଚୁଡାନ୍ତ ବୋଲି ଧରାଯିବ।
- ଗ୍ରାମସଭାର ପ୍ରସ୍ତାବଗୁଡିକ ଗ୍ରାମପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ରେଜିଷ୍ଟରରେ ଲିପିବଦ୍ଧ କରି ରଖାଯିବ। ସେଥିରେ ଉପସ୍ଥିତ ଥିବା ଗ୍ରାମସଭାର ସମସ୍ତ ସଦସ୍ୟ ଦସ୍ତଖତ କରିବେ।
- ଗ୍ରାମସଭାରେ ଅନୁମୋଦିତ ଯୋଜନାଗୁଡ଼ିକୁ କୌଣସି ସ୍ତରରେ ଓଲଟ ପାଲଟ କରାଯାଇ ପାରିବ ନାହିଁ। ଏପରି କରାଗଲେ ତାହାକୁ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଭାବେ ଗଣନା କରାଯିବ। ଏଥିପାଇଁ ସମ୍ପୃକ୍ତ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

**ଗ୍ରାମସଭାର କ୍ଷମତା :**

୧୯୯୭ ମସିହା ଡିସେମ୍ବର ୨୨ ତାରିଖରେ ହୋଇଥିବା ଓଡିଶା ପଞ୍ଚାୟତ ସଂଶୋଧିତ ନିୟମ ଅନୁଯାୟୀ ଗ୍ରାମସଭାକୁ ଆଉ କେତେକ କ୍ଷମତା ପ୍ରଦାନ କରାଯାଇଛି। ଯେମିତିକି -

(କ) ଗ୍ରାମପଞ୍ଚାୟତ ଦ୍ୱାରା ପ୍ରସ୍ତୁତ କୌଣସି ଯୋଜନା କାର୍ଯ୍ୟକାରୀ କରାଯିବା ପୂର୍ବରୁ ଗ୍ରାମ ଶାସନର ଅନୁମୋଦନ ଆବଶ୍ୟକ।

(ଖ) ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରିବ।

(ଗ) ଗ୍ରାମପଞ୍ଚାୟତର ବାର୍ଷିକ ବଜେଟକୁ ଅନୁମୋଦନ କରିବ।

(ଘ) କୌଣସି ଟିକସ ବା ଫିସ ଲାଗୁ କରିବା ପୂର୍ବରୁ ଗ୍ରାମସଭାର ଅନୁମୋଦନ ନେବାକୁ ହେବ।

**ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର କ୍ଷମତା :**

ତଫସିଲଭୁକ୍ତ ଅଞ୍ଚଳ ବା ଅନୁସୂଚିତ ଅଞ୍ଚଳ ନିମନ୍ତେ କେନ୍ଦ୍ର ସରକାର ଗ୍ରାମସଭାକୁ କେତେକ ବିଶେଷ କ୍ଷମତା ଦେଇଛନ୍ତି। ଯାହାକି ୨୪.୧୨.୧୯୯୬ ତାରିଖରୁ ଲାଗୁ ହୋଇ ସାରିଛି। ତା'ର କେତେକ ମୁଖ୍ୟ ଅଂଶ ହେଉଛି–

(କ) ଗ୍ରାମସଭା ଜନସାଧାରଣଙ୍କ ପରମ୍ପରା, ରୀତିନୀତି, ସାଂସ୍କୃତିକ ପରିଚୟ, ସାମୂହିକ ସମ୍ପଦ ଏବଂ ବିବାଦ ସମାଧାନ ନିମନ୍ତେ ପ୍ରଚଳିତ ପାରମ୍ପରିକ ରୀତିର ସଂରକ୍ଷଣ ତଥା ଏସବୁ ବଜାୟ ରଖିବାକୁ ସକ୍ଷମ ହେବ।

(ଖ) ଗ୍ରାମବାସୀଙ୍କ ସଂସ୍କୃତି, ଚାଲିଚଳନ, ରୀତିନୀତି ଉପରେ ବାହାର ସଂସ୍କୃତିକୁ ଜବରଦସ୍ତ ଲଦି ଦିଆଯାଇ ପାରିବ ନାହିଁ।

**ଗ୍ରାମସଭାର କ୍ଷମତାର କେତୋଟି ବିଶେଷ ବ୍ୟବସ୍ଥା :**

୧. ସାମାଜିକ – ମଦ ନିଷିଦ୍ଧ, ମାଦକ ଦ୍ରବ୍ୟର ବିକ୍ରୀ ଏବଂ ବ୍ୟବହାର ବନ୍ଦ କରିବା କିମ୍ବା ନିୟନ୍ତ୍ରଣ କରିବା।

୨. ଗାଁ ଜମିବାଡିର ସୁରକ୍ଷା – ଜବର ଦଖଲ ଉପରେ ନିୟନ୍ତ୍ରଣ, ବେଆଇନ ଭାବରେ କେହି ଜମି ହରାଇଥିଲେ ଫେରସ୍ତ ଦେବା,

୩. ଭୂ-ଅର୍ଜନ– ସରକାର କୌଣସି ଯୋଜନାରେ ଗାଁର କାହାରି ଜମି ଅଧିଗ୍ରହଣ କରୁଥିଲେ ଗ୍ରାମସଭାର ପରାମର୍ଶ ନେବା ବାଧ୍ୟତାମୂଳକ ହେବ।

୪. ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରୟ ଉପରେ ଗ୍ରାମସଭାର ସମ୍ପୂର୍ଣ୍ଣ ମାଲିକାନା,

୫. ଜଳସମ୍ପଦ– ଛୋଟ ଛୋଟ ଜଳ-ଯୋଜନାର ନିର୍ମାଣ ଓ ପରିଚାଳନା,

୬. ଗୌଣ ଖଣିଜ ପଦାର୍ଥର ସର୍ବେକ୍ଷଣ କରିବା, ଉତ୍ତୋଳନ କରିବା ପାଇଁ ପଟ୍ଟା ଦେବା, ନିଲାମ କରିବା ଠାରୁ ଖଣି ଖୋଲିବା ପର୍ଯ୍ୟନ୍ତ ଗ୍ରାମସଭାର ସୁପାରିଶ ତଥା ଅନୁମତି ନେବାକୁ ହେବ।

୭. ଗାଁ ବଜାରର ପରିଚାଳନା ଏବଂ ନିୟନ୍ତ୍ରଣ କରିବାର ପୂର୍ଣ୍ଣ ଅଧିକାର ଗ୍ରାମସଭାର ରହିଛି।

୮. କରଜ-ଋଣ ଆଦାନ ପ୍ରଦାନ ପାଇଁ (ବିଶେଷ କରି ଆଦିବାସୀଙ୍କ କ୍ଷେତ୍ରରେ) ଗ୍ରାମସଭାର ପୂର୍ଣ୍ଣ ନିୟନ୍ତ୍ରଣ ରହିବ।

୯. ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପୂର୍ବରୁ ମଞ୍ଜୁରୀ ଦେବା, ଉପକୃତ ହେବାକୁ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ତଥା ବିସ୍ଥାପିତ ହେଉଥିବା ବ୍ୟକ୍ତିଙ୍କୁ ଥଇଥାନ ପାଇଁ ପରାମର୍ଶ ଦେବା।

୧୦. ଆର୍ଥିକ କ୍ଷମତା - ସ୍ଥାନୀୟ ଯୋଜନା ନିମନ୍ତେ ଆସୁଥିବା ଅର୍ଥ ଉପରେ ଗ୍ରାମସଭାର ପୂର୍ଣ୍ଣ ନିୟନ୍ତ୍ରଣ ଏବଂ ଗ୍ରାମରେ ହେଉଥିବା ପ୍ରତ୍ୟେକ ଖର୍ଚ୍ଚ ପାଇଁ ଗ୍ରାମସଭାର ପ୍ରମାଣପତ୍ର ନେବା ଜରୁରୀ।

୧୧. ସଂସ୍ଥା ଉପରେ ନିୟନ୍ତ୍ରଣ - ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ସଂସ୍ଥା ଓ କର୍ମକର୍ତ୍ତାଙ୍କ ଉପରେ ଗ୍ରାମସଭାର ନିୟନ୍ତ୍ରଣ ରହିବ।

# ପଲ୍ଲୀସଭା

## ପଲ୍ଲୀସଭା କ'ଣ ?

ଗୋଟିଏ ରାଜସ୍ୱ ମୌଜାରେ ଥିବା ଛୋଟ ଛୋଟ ଗାଁ ବା ବସ୍ତିକୁ ପଲ୍ଲୀ କୁହାଯାଏ। ପ୍ରତ୍ୟେକ ରାଜସ୍ୱ ମୌଜାର ସମସ୍ତ ଭୋଟର ମିଶି ଯେଉଁ ସଭା କରନ୍ତି ତାକୁ ପଲ୍ଲୀସଭା କୁହାଯାଇଥାଏ। ପ୍ରତ୍ୟେକ ରାଜସ୍ୱ ମୌଜାପାଇଁ ଗୋଟିଏ ପଲ୍ଲୀସଭା ଗଢାଯାଏ। ଯଦି କେତୋଟି ରାଜସ୍ୱ ମୌଜାକୁ ନେଇ ଗୋଟିଏ ୱାର୍ଡ ଗଠିତ ହୋଇଥିବ, ସେଭଳି ଏକାଧିକ ରାଜସ୍ୱ ମୌଜା ବିଶିଷ୍ଟ ୱାର୍ଡ ପାଇଁ ଗୋଟିଏ ମାତ୍ର ପଲ୍ଲୀସଭା ଗଠିତ ହେବ। ସ୍ୱଶାସନ ବ୍ୟବସ୍ଥାରେ ଅଧିକରୁ ଅଧିକ ଲୋକଙ୍କର ଯୋଗଦାନ ଓ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ହେଉଛି ପଲ୍ଲୀସଭା ଗଠନର ମୂଳ ଉଦ୍ଦେଶ୍ୟ। ସ୍ଥାନୀୟ ସ୍ୱଶାସନ ବ୍ୟବସ୍ଥାରେ ଯୋଜନା ପ୍ରଣୟନର ପ୍ରଥମ ସୋପାନ ହେଉଛି ପଲ୍ଲୀସଭା। ଗ୍ରାମପଞ୍ଚାୟତ ଅଧିନିୟମର ଧାରା ୫ ଓ ୬ ଏବଂ ତତସଂଲଗ୍ନ ନିୟମାବଳୀର ନିୟମ ୩ ଠାରୁ ୨୬ ମଧ୍ୟରେ ପଲ୍ଲୀସଭା ଓ ଗ୍ରାମସଭା କେବେ ଓ କିପରି ବସିବ, ଏହାର କ୍ଷମତା ଓ ଦାୟିତ୍ୱ କ'ଣ ହେବ ସେ ବିଷୟରେ ପ୍ରାଞ୍ଜଳ ଭାବରେ ଉଲ୍ଲେଖ କରାଯାଇଛି।

## ପଲ୍ଲୀସଭାର ଗଠନ ଓ ବୈଠକ :

ପଲ୍ଲୀସଭା ଗଠନ କରିବାର କ୍ଷମତା ହେଉଛି ରାଜ୍ୟ ସରକାରଙ୍କର। ତେଣୁ ସରକାରଙ୍କ ପ୍ରଦତ୍ତ କ୍ଷମତା ବଳରେ ଜିଲ୍ଲାପାଳ ପଲ୍ଲୀସଭା ଗଠନ କରିଥାଆନ୍ତି। ସମ୍ପୃକ୍ତ ପଲ୍ଲୀସଭା ଅଞ୍ଚଳରେ ଭୋଟର ତାଲିକାରେ ନାମ ଥିବା ସମସ୍ତ ସାବାଳକ (ପୁରୁଷ ଓ ମହିଳା) ପଲ୍ଲୀସଭାର ସଭ୍ୟ ହେବେ। ପଲ୍ଲୀସଭାର ବୈଠକ ଗ୍ରାମପଞ୍ଚାୟତ ଡାକିବେ। ନିୟମ ୬ ଅନୁସାରେ ପଲ୍ଲୀସଭାର ବୈଠକ ପ୍ରତିମାସର ଫେବୃଆରୀ ମାସର ପ୍ରଥମ ସପ୍ତାହରେ ହିଁ ବସିବ। ଗ୍ରାମପଞ୍ଚାୟତ ଚାହିଁଲେ ଏହାକୁ ଅନ୍ୟ ସମୟରେ ମଧ୍ୟ ଡାକି ପାରିବେ।

ପଲ୍ଲୀସଭା ବୈଠକ ଡାକିବାର ଦାୟିତ୍ୱ ହେଉଛି ଗ୍ରାମପଞ୍ଚାୟତର। ଗ୍ରାମପଞ୍ଚାୟତ ବୈଠକ ବସିବାର ଛଅମାସ ପୂର୍ବରୁ ବୈଠକର ତାରିଖ,ସମୟ ଓ ସ୍ଥାନ ସ୍ଥିର କରିବେ। ବୈଠକ ବସିବାର ପନ୍ଦର ଦିନ ମଧ୍ୟରେ ସର୍ବସାଧାରଣ ସ୍ଥାନରେ ନୋଟିସ ଲଗାଯାଇ ଓ ଡେଙ୍ଗୁରା ଦିଆଯାଇ ବୈଠକ ବିଷୟରେ ସୂଚନା ଦିଆଯିବ। ଯଦି ଗ୍ରାମପଞ୍ଚାୟତ ଆବଶ୍ୟକ ମନେ କରନ୍ତି ତେବେ ପଲ୍ଲୀସଭାର ଏକ ପଞ୍ଚମାଂଶ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ପଲ୍ଲୀସଭାର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ପାରିବ। ସେପରି ବୈଠକର ସ୍ଥାନ, ତାରିଖ, ସମୟ, ଏବଂ ଆଲୋଚ୍ୟ ବିଷୟବସ୍ତୁ ବୈଠକ ହେବାର ଅନ୍ତତଃ ପନ୍ଦର ଦିନ ପୂର୍ବରୁ ଗ୍ରାମପଞ୍ଚାୟତ ସ୍ଥିର କରିବେ। ଏହି ସ୍ୱତନ୍ତ୍ର ବୈଠକ ଡକାଇବାପାଇଁ ପଲ୍ଲୀସଭାର ସଭ୍ୟମାନେ ବୈଠକରେ ସ୍ଥାନ, ତାରିଖ, ଓ ସମୟ ଲେଖି ସରପଞ୍ଚଙ୍କୁ ୩୦ ଦିନ ପୂର୍ବରୁ ଜଣାଇବେ। ସଭ୍ୟମାନେ ସ୍ଥିର କରିଥିବା ତାରିଖରେ ଯଦି ଗ୍ରାମପଞ୍ଚାୟତ ବୈଠକ ଡକାଇ ନପାରିଲା ତେବେ ସେମାନେ ନିଜେ ଠିକ କରିଥିବା ତାରିଖ ଓ ସ୍ଥାନରେ ବୈଠକ ଡକାଇ ପାରିବେ। ବୈଠକରେ ଯେତିକି ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିବେ ତାଙ୍କୁ ନେଇ କୋରମ ହେବ। ସଭାରେ ଯେପରି ଏକ ଦଶମାଂଶ ମହିଳା ଉପସ୍ଥିତ ରହିବେ ସେଥିପାଇଁ ଉଦ୍ୟମ କରିବାକୁ ହେବ।

## ସଭାପତିତ୍ୱ :

ଯେଉଁ ମୌଜାରେ ପଲ୍ଲୀସଭା ହେଉଥିବ ସେହି ମୌଜାର ୱାର୍ଡମେମ୍ବର ସଭାରେ ସଭାପତିତ୍ୱ କରିବେ। ଯଦି ଏକାଧିକ ୱାର୍ଡମେମ୍ବର ଥାଆନ୍ତି ତେବେ ସେମାନେ ପର୍ଯ୍ୟାୟ କ୍ରମେ ସଭାରେ ସଭାପତିତ୍ୱ କରିବେ। ଯଦି କୌଣସି କାରଣରୁ ୱାର୍ଡମେମ୍ବର ଅନୁପସ୍ଥିତ ରହନ୍ତି ତେବେ ପଲ୍ଲୀସଭା ଦ୍ୱାରା ସର୍ବସମ୍ମତି କ୍ରମେ ବଛା ଯାଇଥିବା ବ୍ୟକ୍ତି ସଭାପତିତ୍ୱ କରିବେ। ଏହି ବୈଠକ ସମୟରେ ସେହି ଗ୍ରାମପଞ୍ଚାୟତର ସମ୍ପାଦକ ଓ ସମିତିର କର୍ମଚାରୀ ନିଶ୍ଚିତ ଯୋଗ ଦେବେ।

## ସଭାର ବିବରଣୀ :

ପଲ୍ଲୀସଭାର ନିଷ୍ପତ୍ତିକୁ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ସଭାପତିଙ୍କ ଦ୍ୱାରା ସଠିକ ଭାବେ ଓଡିଆରେ ଲେଖି ରଖାଯିବ। ସେଥିରେ ସଭାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ଦସ୍ତଖତ କରିବେ। ଏହି ରେଜିଷ୍ଟରକୁ ସର୍ବସାଧାରଣ ଯେତେବେଳେ ଚାହିଁବେ ଦେଖିପାରିବେ। ପଲ୍ଲୀସଭା ଚାହିଁଲେ ସେହି ପ୍ରସ୍ତାବର ଏକ ନକଲ ମଧ୍ୟ ସମ୍ପାଦକଙ୍କ ଦସ୍ତଖତ ସହ ନିଜ ପାଖରେ ରଖି ପାରିବେ।

ପଲ୍ଲୀସଭାର କୌଣସି ସଭ୍ୟ ଗ୍ରାମପଞ୍ଚାୟତର ପରବର୍ତ୍ତୀ ବୈଠକରେ ଲିଖିତଭାବେ କିମ୍ବା ବ୍ୟକ୍ତିଗତଭାବେ ହେଉ ସଭାପତିଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟଧାରାକୁ ସଠିକ ଭାବେ ରେକର୍ଡଭୁକ୍ତ କରାଯାଇନାହିଁ ବୋଲି ଯଦି ଅଭିଯୋଗ କରନ୍ତି ତେବେ ଗ୍ରାମପଞ୍ଚାୟତ ପଲ୍ଲୀସଭାର

ଅନ୍ୟ ଗୋଟିଏ ବୈଠକ ଡକାଇ ଉପରୋକ୍ତ ବିଷୟଗୁଡିକ ପଲ୍ଲୀସଭା ସହ ସମ୍ପୃକ୍ତ ନଥିବା ପଞ୍ଚାୟତିରାଜ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ବିଚାର କରିବେ। ସର୍ବାଧିକ ଭୋଟ ଜରିଆରେ ପ୍ରସ୍ତାବ ପାରିତ କରାଯିବ। ପଲ୍ଲୀସଭା ହେଉଛି ଯୋଜନା ପ୍ରଣୟନର ପ୍ରଥମ ପାହାଚ। ଏହାକୁ ଦୃଷ୍ଟିରେ ରଖି ପଲ୍ଲୀସଭାର ସମସ୍ତ ସାବାଳକ ସଦସ୍ୟ ନିମ୍ନୋକ୍ତ ତାଲିକା ପ୍ରସ୍ତୁତ କରିବେ।

(୧) ପାଞ୍ଚବର୍ଷିଆ ତାଲିକାକୁ ଦୃଷ୍ଟିରେ ରଖି ଆଗାମୀ ବର୍ଷ ପାଇଁ ସମ୍ପୃକ୍ତ ପଲ୍ଲୀରେ କି କି ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯିବ ତାର ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବେ।

(୨) ଗ୍ରାମପଞ୍ଚାୟତ ପଠାଇଥିବା ଆଗାମୀ ବର୍ଷର ପ୍ରସ୍ତାବିତ ଆୟବ୍ୟୟର ଅଟକଳ କରିବେ।

(୩) ପାଞ୍ଚ ଜଣ ଇନ୍ଦିରା ଆବାସ ହିତାଧିକାରୀଙ୍କୁ ବାଛିବେ।

(୪) ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହରିଜନ ଓ ଆଦିବାସୀମାନଙ୍କର ଆର୍ଥିକ ଉନ୍ନତି ପାଇଁ ଅନ୍ୟୁନ ତିନିଜଣ ହିତାଧିକାରୀଙ୍କୁ ବାଛିବେ।

(୫) ପଲ୍ଲୀସଭା ବିବରଣୀ ଓ ପ୍ରକଳ୍ପ ତଥା ହିତାଧିକାରୀ ତାଲିକା ୨୫ ଦିନ ମଧ୍ୟରେ ଗ୍ରାମପଞ୍ଚାୟତକୁ ପଠାଇବେ।

(୬) ଗ୍ରାମପଞ୍ଚାୟତ ଦ୍ୱାରା କାର୍ଯକାରୀ ହେଉଥିବା ପ୍ରକଳ୍ପ ଗୁଡିକର ସାମାଜିକ ସମୀକ୍ଷା କରିବେ।

**ପଲ୍ଲୀସଭାର କାର୍ଯ୍ୟକ୍ରମ :**

ପଲ୍ଲୀସଭାର ପ୍ରଥମ ଦାୟିତ୍ୱ ହେଉଛି ଏହା ଆସନ୍ତା ବର୍ଷ ପଞ୍ଚାୟତରେ କି କି କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ବିଷୟରେ ଆଲୋଚନା କରି ଯୋଜନା ପ୍ରସ୍ତୁତ କରିବେ। ଆସନ୍ତା ବର୍ଷର ସମ୍ଭାବିତ ଆୟ ଓ ବ୍ୟୟର ଅଟକଳ କରିବେ ଓ ତାହାକୁ ଗ୍ରାମସଭା ମାଧ୍ୟମରେ ଗ୍ରାମପଞ୍ଚାୟତକୁ ପଠାଇବେ।

ଏହା ବ୍ୟତୀତ ପଲ୍ଲୀସଭା ଏହି ସବୁ କାର୍ଯ୍ୟଗୁଡିକ ମଧ୍ୟ କରିବେ। ଯେମିତିକି -

(କ) ବିଭିନ୍ନ ଜନହିତକର ଯୋଜନା ଯେମିତିକି ଇନ୍ଦିରା ଆବାସ, ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଆଦି ନିମନ୍ତେ ହିତାଧିକାରୀ ଚୟନ କରିବା,

(ଖ) ବଜାର, ସଡକ, ପାଣି ଆଦିକୁ ଆଖି ଆଗରେ ରଖି ପଞ୍ଚାୟତ ଭାଗରେ ଥିବା ଯୋଜନାପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି କରିବା,

(ଗ) ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତିଗୁଡିକରେ ଆଦିବାସୀ ଓ ହରିଜନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ହିତାଧିକାରୀ ଚୟନ କରିବା,

(ଘ) ସାମାଜିକ ସୁରକ୍ଷା ବ୍ୟବସ୍ଥା ଯଥା ଓପିଓଡବ୍ଲୁପି ଇତ୍ୟାଦିରେ ହିତାଧିକାରୀ ଚୟନ କରିବା,

(ଙ) ଅନ୍ତୋଦୟ, ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ବିଚାର ଆଲୋଚନା କରିବା,

(ଚ) ଗ୍ରାମାଞ୍ଚଳରେ ପ୍ରଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଏବଂ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା,

(ଛ) ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଯଥା ଜଳଛାୟା ପ୍ରକଳ୍ପ, ବନ ସୁରକ୍ଷା ସମିତି ଗଠନ, ବୃକ୍ଷରୋପଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଉତ୍କଳ ସବୁଜ ବନାନୀ କାର୍ଯ୍ୟକ୍ରମ ପାଇଁ ଜମି ଚିହ୍ନଟ ଇତ୍ୟାଦି କରିବା,

(ଜ) ସାମାଜିକ ସୁରକ୍ଷା ବ୍ୟବସ୍ଥା କରିବା,

(ଝ) ପାଞ୍ଚ ବର୍ଷ ନିମନ୍ତେ ପ୍ରକଳ୍ପ ତାଲିକା ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ କରିବେ।

ଏଠାରେ ସୂଚନା ଦିଆଯାଇପାରେ ଯେ ପଲ୍ଲୀସଭା ବା ଗ୍ରାମସଭା ନିଜ ନିଜ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ସମ୍ବିଧାନରେ ବର୍ଣ୍ଣିତ ହୋଇଥିବା ୨୯ଟି ବିଷୟ ଉପରେ ଯୋଜନା କରିପାରିବେ। ଏଥିରେ ବିଭିନ୍ନ ସ୍ଥାନୀୟ ଜଳ ଉତ୍ସ ଯେପରିକି ବନ୍ଧ, କଟା, ପୋଖରୀ ଖୋଳିବା, ପଞ୍ଚାୟତରେ ଥିବା ବିଭିନ୍ନ ତୋଟାର ରକ୍ଷଣାବେକ୍ଷଣ କରିବା, ଛାଷଜମିର ଉନ୍ନତି କରିବା, ସୁସ୍ଥ ପରିମଳ ପାଇଁ ପାଇଖାନା ତିଆରି କରାଇବା ଠାରୁ ନିଜ ନିଜ ଅଞ୍ଚଳରେ ଡାକ୍ତରଖାନା ନିର୍ମାଣ କରିବା ଓ ତା'ର ରକ୍ଷଣା ବେକ୍ଷଣ କରିବା ପର୍ଯ୍ୟନ୍ତ କାର୍ଯ୍ୟକଳାପ ପାଇଁ ଯୋଜନା କରାଯାଇ ପାରିବ। ଏହି ସବୁ ଯୋଜନା ପାଇଁ ଟଙ୍କା କେଉଁଠୁ ଆସିବ ସେକଥା ମଧ୍ୟ ପଲ୍ଲୀସଭା ଓ ଗ୍ରାମସଭାର ଯୋଜନାକାରୀମାନେ ସ୍ଥିର କରିବେ ଓ ସେଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ପଡିଲେ ରାଜ୍ୟ ବା କେନ୍ଦ୍ର ସରକାରଙ୍କୁ ମାଗି ପାରିବେ।

❐❐❐

# ପଞ୍ଚାୟତ ପ୍ରତିନିଧିଙ୍କର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ

ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ନିମ୍ନ ପ୍ରକାରେ ସେମାନଙ୍କର କ୍ଷମତା ପ୍ରୟୋଗ କରିବା ସହିତ ବିଭିନ୍ନ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବେ।

**ସରପଞ୍ଚ :**

(କ) ସେ ଗ୍ରାମପଞ୍ଚାୟତର ବୈଠକ ଡକାଇବେ, ସେଥିରେ ସଭାପତିତ୍ୱ କରି ବୈଠକର ପରିଚାଳନା କରିବେ। ସରପଞ୍ଚ ବୈଠକର କାର୍ଯ୍ୟ ବିବରଣୀକୁ ଠିକଠିକ ଭାବରେ ଲେଖି ରଖିବାର ଦାୟିତ୍ୱ ନେବେ।

(ଖ) ସେ ଗ୍ରାମପଞ୍ଚାୟତ ତରଫରୁ ଚୁକ୍ତିପତ୍ର ସମ୍ପାଦନ କରିବେ।

(ଗ) ସେ ଗ୍ରାମପଞ୍ଚାୟତର ପ୍ରତ୍ୟେକ ରେକର୍ଡ, କାଗଜପତ୍ର, ମୂଲ୍ୟବାନ ସିକ୍ୟୁରିଟି, ଗ୍ରାମ ପଞ୍ଚାୟତ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଏବଂ ନିୟନ୍ତ୍ରଣରେ ଥିବା ସମସ୍ତ ସମ୍ପତ୍ତି, ଆସବାବପତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଦାୟୀ ରହିବେ।

(ଘ) ସେ ଗ୍ରାମପଞ୍ଚାୟତକୁ ଉପଯୁକ୍ତ ଭାବରେ କାର୍ଯ୍ୟକ୍ଷମ କରାଇବାପାଇଁ ଦାୟୀ ରହିବେ।

(ଙ) ସେ ଗ୍ରାମପଞ୍ଚାୟତର ଆୟବ୍ୟୟର ହିସାବ ଏବଂ ବିବରଣୀ ପ୍ରସ୍ତୁତ କରିବେ।

(ଚ) ସେ ଗ୍ରାମପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅଫିସର ଏବଂ କର୍ମଚାରୀଙ୍କ କାର୍ଯ୍ୟକୁ ତଦାରଖ ଏବଂ ନିୟନ୍ତ୍ରଣ କରିବେ।

(ଛ) ସେ ଗ୍ରାମପଞ୍ଚାୟତ ତରଫରୁ ସମସ୍ତ ଚିଠିପତ୍ରର ଆଦାନ ପ୍ରଦାନ କରିବେ।

(ଜ) ସେ ତାଙ୍କୁ ଦିଆଯାଇଥିବା ସମସ୍ତ କ୍ଷମତାର ପ୍ରୟୋଗ କରିବେ ଏବଂ ଅନ୍ୟାନ୍ୟ କର୍ତ୍ତବ୍ୟ ପାଳନ କରିବା ସହିତ ଦିଆଯାଇଥିବା ଅନ୍ୟାନ୍ୟ ଦାୟିତ୍ୱଗୁଡ଼ିକୁ ତୁଲାଇବେ।

**ନାଏବ ସରପଞ୍ଚ :**

(କ) ସେ ସରପଞ୍ଚଙ୍କ ଠାରୁ ଯେଉଁ କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାପାଇଁ ଲିଖିତ ଭାବରେ ନିର୍ଦ୍ଦେଶ ପାଇଥିବେ ସେଗୁଡ଼ିକ ତୁଲାଇବେ। ସରପଞ୍ଚ ଏହି ସବୁ କ୍ଷମତାର ପ୍ରତ୍ୟାହାର ମଧ୍ୟ ଲିଖିତ ଭାବରେ କରିପାରିବେ।

(ଖ) ସରପଞ୍ଚ ପଦ ଖାଲି ପଡିଲେ ସେ ସ୍ଥାନ ପୂରଣ ହେବା ପର୍ଯ୍ୟନ୍ତ ନାଏବ ସରପଞ୍ଚ ହିଁ ସରପଞ୍ଚଙ୍କର ସମସ୍ତ କର୍ତ୍ତବ୍ୟ ପାଳନ କରିବେ ଓ କ୍ଷମତା ପ୍ରୟୋଗ କରିବେ।

(ଗ) ସରପଞ୍ଚଙ୍କ ଅନୁପସ୍ଥିତିରେ ଗ୍ରାମପଞ୍ଚାୟତର ବୈଠକରେ ନାଏବ ସରପଞ୍ଚ ସଭାପତିତ୍ୱ କରିବେ। କିନ୍ତୁ ଯଦି ଉଭୟ ଅନୁପସ୍ଥିତ ରହିବେ ତେବେ ବୈଠକରେ ଥିବା ଯେ କୌଣସି ସଭ୍ୟଙ୍କୁ ସଭାପତିତ୍ୱ କରିବାପାଇଁ ନିର୍ବାଚିତ କରାଯାଇପାରିବ।

**କାର୍ଯ୍ୟକାରୀ ସରପଞ୍ଚ :**

(କ) ଯେତେବେଳେ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପଦବୀ ଖାଲି ପଡେ ବା ସେ ଲଗାତାର ଭାବରେ ୧୫ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଅନୁପସ୍ଥିତ ରହନ୍ତି ବା ଅକ୍ଷମତା ଦର୍ଶାଇ ଆସନ୍ତି ନାହିଁ, ସେତେବେଳେ ପୂର୍ବରୁ ନିର୍ବାଚିତ ପଞ୍ଚାୟତର ତିନି ଜଣ ସଦସ୍ୟଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚଙ୍କ କ୍ଷମତା ଓ ଦାୟିତ୍ୱ ଅର୍ପଣ କରାଯିବ।

(ଖ) ସେ ସେହି ପଞ୍ଚାୟତର କାର୍ଯ୍ୟକାରୀ ସରପଞ୍ଚ ହେବେ।

(ଗ) ଏଥିପାଇଁ ପୂର୍ବରୁ ନିର୍ବାଚିତ ପଦ୍ଧତିରେ ପଞ୍ଚାୟତର ତିନିଜଣ ସଦସ୍ୟଙ୍କୁ ବଛାଯାଇ ଏକ ପ୍ୟାନେଲ ତିଆରି କରାଯାଇଥିବ।

(ଘ) ସରପଞ୍ଚ, ନାଏବ ସରପଞ୍ଚ ବିଧିବଦ୍ଧଭାବରେ ନିର୍ବାଚିତ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ସରପଞ୍ଚ ହିଁ ପଞ୍ଚାୟତର କାର୍ଯ୍ୟ ଚଳାଇ ରଖିବେ।

(ଙ) ଯଦି କୌଣସି ପଞ୍ଚାୟତରେ ଏଭଳି ସଭ୍ୟଙ୍କ ତାଲିକା ତିଆରି ହୋଇନଥାଏ ତେବେ ଉପଜିଲ୍ଲାପାଳ ଗ୍ରାମପଞ୍ଚାୟତର ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ କାର୍ଯ୍ୟକାରୀ ସରପଞ୍ଚଙ୍କର କ୍ଷମତା ଓ ଦାୟିତ୍ୱ ପ୍ରଦାନ କରିବେ।

**ୱାର୍ଡ଼ ମେମ୍ବର :**

(କ) ସେ ସରପଞ୍ଚଙ୍କୁ ଆଗୁଆ ନୋଟିସ ଦେଇ ଅଫିସ ସମୟ ମଧ୍ୟରେ ଗ୍ରାମପଞ୍ଚାୟତର ରେକର୍ଡପତ୍ର ଯାଞ୍ଚ କରିପାରିବେ।

(ଖ) ସେ ଗ୍ରାମପଞ୍ଚାୟତ ସହ ସମ୍ପର୍କିତ ବିଷୟବସ୍ତୁ ଉପରେ ପ୍ରଶ୍ନ କରି ପାରିବେ।

(ଗ) ସେ ଗ୍ରାମପଞ୍ଚାୟତ ଦ୍ୱାରା ହେଉଥିବା ସମସ୍ତ କାର୍ଯ୍ୟର ତଦାରଖ କରିପାରିବେ। କୌଣସି ସ୍ଥାନରେ କୌଣସି କାର୍ଯ୍ୟରେ ଅନିୟମିତତା ଦେଖିଲେ ସେ ବିଷୟରେ ସରପଞ୍ଚଙ୍କୁ ଜଣାଇ ପାରିବେ।

(ଘ) ସେ ପଲ୍ଲୀସଭା ବୈଠକରେ ସଭାପତିତ୍ୱ କରିବେ।

(ଙ) ସମୟ ପଡିଲେ ସେ କାର୍ଯ୍ୟକାରୀ ସରପଞ୍ଚଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବେ।

**ଗ୍ରାମପଞ୍ଚାୟତ ସମ୍ପାଦକ :**

(କ) ସେ ଗ୍ରାମପଞ୍ଚାୟତ ବୈଠକ, ପଲ୍ଲୀସଭା ଓ ସ୍ଥାୟୀ କମିଟି ଗୁଡିକର କାର୍ଯ୍ୟଧାରାର ବିବରଣୀ ଲେଖି ରଖିବେ।

(ଖ) ଗ୍ରାମପଞ୍ଚାୟତର ପରିଚାଳନାରେ ଥିବା ସମସ୍ତ କାର୍ଯ୍ୟର ରେକର୍ଡପତ୍ର, ଦଲିଲ, ଦସ୍ତାବିଜ, ଟଙ୍କା ଏବଂ ମୂଲ୍ୟବାନ ସିକ୍ୟୁରିଟୀଜ ଗ୍ରାମପଞ୍ଚାୟତ ସମ୍ପାଦକଙ୍କ ହେପାଜତରେ ରହିବ।

(ଗ) ସମ୍ପାଦକ ଡାକ / ଚିଠି ଗ୍ରହଣ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ ପାଇଁ ଫାଇଲଭୁକ୍ତ କରିବେ।

(ଘ) ବିଭିନ୍ନ ଯୋଜନାରେ ପଞ୍ଚାୟତକୁ ଆସୁଥିବା ସାମଗ୍ରୀମାନ ଗ୍ରହଣ କରି ସେ ବିଷୟରେ ଷ୍ଟକ ରେଜିଷ୍ଟରରେ ଉଲ୍ଲେଖ କରିବେ।

(ଙ) ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ସାମଗ୍ରୀ ଉପଭୋକ୍ତାଙ୍କୁ ବିକ୍ରୟ କରିବେ ଓ ଏ ସମ୍ବନ୍ଧୀୟ ସମସ୍ତ ନଥିପତ୍ର ନିଜ ଦାୟିତ୍ୱରେ ରଖିବେ।

(ଚ) ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟର ତଦାରଖ କରିବେ।

(ଛ) ଗ୍ରାମପଞ୍ଚାୟତ ପକ୍ଷରୁ ଆଦାୟ କରାଯାଉଥିବା ଖଜଣା, ଫିସ, ମାହାସୁଲ ଆଦାୟ କରି ତାହାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରିବେ।

(ଜ) ଏହା ବ୍ୟତୀତ ତାଙ୍କୁ ଦିଆଯାଇଥିବା ସମସ୍ତ କ୍ଷମତା, କର୍ତ୍ତବ୍ୟ ଓ କାର୍ଯ୍ୟ ସମ୍ପାଦନ କରିବେ ।

ଉଲ୍ଲେଖ କରାଯାଇପାରେ ଯେ ପଞ୍ଚାୟତ ସେକ୍ରେଟାରୀଙ୍କ ଛୁଟି ସରପଞ୍ଚ ଅନୁମୋଦନ କରିବେ ଓ ତାଙ୍କ କାର୍ଯ୍ୟ ବିଷୟରେ ସରପଞ୍ଚ ହିଁ ଗୁପ୍ତ ଚରିତ୍ର ପଞ୍ଜିକା ପ୍ରସ୍ତୁତ କରି ବିଡିଓଙ୍କ ନିକଟକୁ ପଠାଇବେ। ଯେଉଁ ପଞ୍ଚାୟତରେ ସମ୍ପାଦକ ପଦ ଖାଲି ଥିବ ସେଠାରେ ଗ୍ରାମସେବକ ସେହି ଦାୟିତ୍ୱ ତୁଲାଇବେ। ଯେଉଁଠାରେ ସମ୍ପାଦକ ଅଛନ୍ତି ସେଠାରେ ଗ୍ରାମସେବକ କାର୍ଯ୍ୟନିର୍ବାହୀ ଅଧିକାରୀର ଦାୟିତ୍ୱ ତୁଲାଇବେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ତଦାରଖ କରିବେ।

**କାର୍ଯ୍ୟ ନିର୍ବାହୀ ଅଧିକାରୀ :**

(କ) ସେ ସମ୍ପାଦକଙ୍କ ଅନୁପସ୍ଥିତିରେ ଗ୍ରାମପଞ୍ଚାୟତ ବୈଠକର ବିବରଣୀ ଲେଖିବେ।

(ଖ) ସେ ବୈଠକର ସାତଦିନ ମଧ୍ୟରେ ବିଡିଓ ଏବଂ ସବକଲେକ୍ଟରଙ୍କ ପାଖକୁ ବୈଠକର ବିବରଣୀର ଏକ ନକଲ ପଠାଇବେ।

(ଗ) ସେ ବୈଠକ ବିବରଣୀ ଓ ପଞ୍ଚାୟତର ସମସ୍ତ ରେକର୍ଡପତ୍ରର ରକ୍ଷଣାବେକ୍ଷଣ କରିବେ।

(ଘ) ଗ୍ରାମ ପଞ୍ଚାୟତ ପରିଚାଳିତ, ନିୟନ୍ତ୍ରିତ ବା ନିର୍ଦ୍ଦେଶିତ ସମସ୍ତ ମୂଲ୍ୟବାନ ଜିନିଷପତ୍ର ଓ ନଗଦ ଟଙ୍କା ତାଙ୍କ ଦାୟିତ୍ୱରେ ରହିବ।

(ଙ) ସେ ଗ୍ରାମ ପଞ୍ଚାୟତର ସମସ୍ତ ରେକର୍ଡ ଓ ଦଲିଲ ନିଜ ଜିମାରେ ରଖିବେ।

□□□

# ପଞ୍ଚାୟତ ସମିତିର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ

ଭାରତୀୟ ସମ୍ବିଧାନରେ ରଖାଯାଇଥିବା ବ୍ୟବସ୍ଥା ମୁତାବକ ପଞ୍ଚାୟତ ସମିତିଗୁଡିକ ହେଉଛନ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମଧ୍ୟମ ସ୍ତର। ଆମ ରାଜ୍ୟ ଓଡିଶାରେ ୩୧୪ଟି ବ୍ଲକ ରହିଛି ଓ ପ୍ରତି ବ୍ଲକରେ ଗୋଟିଏ ଲେଖାଁଏ ପଞ୍ଚାୟତ ସମିତି ରହିଛି। ଆମ ରାଜ୍ୟରେ ୧୯୫୯ ମସିହାଠାରୁ ଓଡିଶା ପଞ୍ଚାୟତ ସମିତି ଆଇନ ପ୍ରଚଳିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଗୁଡିକର ପ୍ରତିଷ୍ଠା, କ୍ଷମତା ଓ କାର୍ଯ୍ୟ ପରିସର ବିଷୟରେ ସବିସ୍ତାର ବର୍ଣ୍ଣିତ ହୋଇଛି। ଏହି ଆଇନରେ ଦିଆଯାଇଥିବା କ୍ଷମତା ବଳରେ ରାଜ୍ୟ ସରକାର ପଞ୍ଚାୟତ ସମିତିଗୁଡିକର କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବାପାଇଁ କେତେଗୁଡିଏ ନିୟମ ପ୍ରଚଳନ କରିଛନ୍ତି। ଉକ୍ତ ନିୟମାବଳୀଗୁଡିକ ମଧ୍ୟରେ ପଞ୍ଚାୟତ ସମିତିର ଆୟ ବ୍ୟୟ ତଥା ହିସାବ ପରିଚାଳନା, ସ୍ଥାୟୀ କମିଟି ଗଠନ ଏବଂ ନିର୍ବାଚନ ନିୟମାବଳୀ ବିଷୟରେ ଉଲ୍ଲେଖ ରହିଛି।

**ପଞ୍ଚାୟତ ସମିତିର ଗଠନ :**

ଓଡିଶା ପଞ୍ଚାୟତସମିତି ଆଇନର ୧୫ ଧାରାରେ ରାଜ୍ୟରେ ପଞ୍ଚାୟତ ସମିତି ଗଠନକରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି। ଉତ୍ତମ ପ୍ରଶାସନପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ କେତେଗୁଡିଏ ସ୍ଥାନୀୟ ଅଞ୍ଚଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ସ୍ଥାନୀୟ ଅଞ୍ଚଳକୁ ଗୋଟିଏ ବ୍ଲକ ରୂପେ ଚିହ୍ନିତ କରାଯଇଛି। ଏଥିପାଇଁ କେତେଗୁଡିଏ ଗ୍ରାମ ପଞ୍ଚାୟତର ଭୌଗୋଳିକ ସୀମାକୁ ମିଶାଇ ଏହାକୁ ଏକ ସ୍ଥାନୀୟ ଅଞ୍ଚଳ ରୂପେ ଘୋଷଣା କରାଯାଇଥାଏ।

**ନିର୍ବାଚନ ମଣ୍ଡଳୀ ଓ ସ୍ଥାନ ସଂରକ୍ଷଣ :**

ଭାରତୀୟ ସମ୍ବିଧାନ ତଥା ପଞ୍ଚାୟତ ସମିତି ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ଜନସଂଖ୍ୟାକୁ ହିସାବକୁ ନେଇ ଗୋଟିଏ ପଞ୍ଚାୟତ ସମିତି ଅଞ୍ଚଳକୁ କେତେଗୁଡିଏ ସମିତି ନିର୍ବାଚନମଣ୍ଡଳୀରେ ବିଭକ୍ତ କରାଯାଏ। ଏହି ନିର୍ବାଚନ ମଣ୍ଡଳୀଗୁଡିକ ଜିଲ୍ଲାପାଳମାନଙ୍କ ଦ୍ୱାରା ଗଠନ କରାଯାଏ। ସମିତି ନିର୍ବାଚନ ମଣ୍ଡଳୀଗୁଡିକର ଜନସଂଖ୍ୟା ପ୍ରାୟ ସମାନ ରଖିବାକୁ ହୋଇଥାଏ।

ଏଥିରେ ଜନସଂଖ୍ୟା ଅନୁପାତରେ ଆଦିବାସୀ ଓ ହରିଜନମାନଙ୍କ ପାଇଁ ଆସନ ସଂରକ୍ଷିତ କରାଯାଇଥାଏ। ଏହା ବ୍ୟତୀତ ମୋଟ ଆସନର ଏକ ତୃତୀୟାଂଶ ମହିଳାମାନଙ୍କ ସକାଶେ ସଂରକ୍ଷିତ କରାଯିବାପାଇଁ ବ୍ୟବସ୍ଥା କରାଯାଇଛି। ଅନୁରୂପ ପଦ୍ଧତିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀପାଇଁ ମଧ୍ୟ ଅନୁରୂପ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଛି।

**କାର୍ଯ୍ୟକାଳ :**

୭୩ତମ ସମ୍ବିଧାନ ସଂଶୋଧନରେ ଗୋଟିଏ ମୂଳ କଥା ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିୟମିତ ନିର୍ବାଚନ କରାଇବା ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ କ୍ଷମତା ହସ୍ତାନ୍ତର କରାଇବା। ଗୋଟିଏ ପଞ୍ଚାୟତ ସମିତିର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ ଓ ପଞ୍ଚାୟତ ସମିତି ଆଇନର ଧାରା ୪୯ରେ ରଖାଯାଇଥିବା ବ୍ୟବସ୍ଥା ଅନୁଯାୟୀ ଗୋଟିଏ ପଞ୍ଚାୟତ ସମିତିର କାର୍ଯ୍ୟକାଳ ପୂରିବା ଆଗରୁ ନୂଆ ପଞ୍ଚାୟତ ସମିତି ପାଇଁ ନିର୍ବାଚନ କରାଯିବ। କୌଣସି ପରିସ୍ଥିତିରେ କୌଣସି ପଞ୍ଚାୟତ ସମିତିକୁ ଏହାର କାର୍ଯ୍ୟକାଳ ପୂରିବା ପୂର୍ବରୁ ଭାଙ୍ଗି ଦିଆଯାଇ ପାରିବ ନାହିଁ।

**କ୍ଷମତା ଓ କାର୍ଯ୍ୟ :**

ପଞ୍ଚାୟତ ସମିତି ଆଇନର ଧାରା ୨୦(୧)ରେ ପଞ୍ଚାୟତ ସମିତି ଗୁଡିକର କ୍ଷମତା ଓ କାର୍ଯ୍ୟ ବିଷୟରେ ଲିପିବଦ୍ଧ ହୋଇଛି। ଏହା ବ୍ୟତୀତ ଆବଶ୍ୟକ ସ୍ଥଳେ ପଞ୍ଚାୟତ ସମିତି ଦ୍ୱାରା ସମ୍ପାଦିତ ହେବା ପାଇଁ ଯେଉଁ ଯୋଜନା ଗୁଡିକ ବିଷୟରେ ରାଜ୍ୟ ସରକାର ନିର୍ଦ୍ଦେଶ ଦେବେ ତାହା ପଞ୍ଚାୟତ ସମିତିମାନେ ସମ୍ପାଦିତ କରିବେ।

**ଅଧ୍ୟକ୍ଷ :**

ପଞ୍ଚାୟତ ସମିତି ଆଇନ୍‌ର ଧାରା ୧୯ରେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଉପରେ ପଞ୍ଚାୟତ ସମିତିର ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତ ସମିତିପାଇଁ ଜଣେ ଲେଖାଁଏ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତ ହୋଇଥାନ୍ତି। ଏମାନଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁହାଯାଇଥାଏ। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି। ବିଭିନ୍ନ

ଉନ୍ନୟନମୂଳକ କାର୍ଯ୍ୟର ତଦାରଖି କରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସହାୟତା ପାଇଁ ବିଭିନ୍ନ ବିଭାଗ ତରଫରୁ ସମ୍ପ୍ରସାରଣ ଅଧିକାରୀମାନେ ନିଯୁକ୍ତ ହୋଇଥାଆନ୍ତି ଏବଂ ପ୍ରତ୍ୟେକ ବ୍ଲକ୍‌ରେ କେତେ ଜଣ ଗ୍ରାମସେବକ ମଧ୍ୟ ନିଯୁକ୍ତ ହୋଇଥା'ନ୍ତି। ପଞ୍ଚାୟତ ସମିତି ସମ୍ବନ୍ଧରେ ସମ୍ପାଦିତ ହେଉଥିବା ସମସ୍ତ ଦଲିଲ ବା ଚୁକ୍ତିପତ୍ର ସମ୍ବନ୍ଧୀୟ କାର୍ଯ୍ୟ ଏବଂ ସମସ୍ତ ପ୍ରକାରର ନେଣଦେଣ ପଞ୍ଚାୟତ ସମିତି ନାମରେ ହିଁ ସମ୍ପାଦିତ ହେବ।

ପଞ୍ଚାୟତ ସମିତି ମାଧ୍ୟମରେ ସମ୍ପାଦିତ ହେଉଥିବା ସମସ୍ତ କାର୍ଯ୍ୟ ସମ୍ପାଦିତ ହେବା ପୂର୍ବରୁ ସେଥିପାଇଁ ପଞ୍ଚାୟତ ସମିତିର ଅନୁମୋଦନ ନେବାକୁ ପଡିବ। ଆବଶ୍ୟକ ସ୍ଥଳେ ଅଧ୍ୟକ୍ଷ କୌଣସି କାର୍ଯ୍ୟର ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇପାରିବେ କିନ୍ତୁ ସେଥିପାଇଁ ତାଙ୍କୁ ତାଙ୍କର ନିର୍ଦ୍ଦେଶକୁ ଆଗାମୀ ବୈଠକରେ ଅନୁମୋଦିତ କରାଇବାକୁ ହେବ। ପଞ୍ଚାୟତ ସମିତି ସମ୍ପର୍କରେ ସମିତିର ଅଧ୍ୟକ୍ଷ ଦେଇଥିବା ସମସ୍ତ ନିର୍ଦ୍ଦେଶନାମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବିଡିଓ ମାନିବାକୁ ବାଧ୍ୟ ହେବେ। କିନ୍ତୁ ଯଦି ଅଧ୍ୟକ୍ଷଙ୍କର କୌଣସି ନିର୍ଦ୍ଦେଶନାମା ବା ପଞ୍ଚାୟତ ସମିତିର ପ୍ରସ୍ତାବ ପଞ୍ଚାୟତ ସମିତି ଆଇନର ବିରୁଦ୍ଧାଚରଣ କରୁଥାଏ ସେପରି କ୍ଷେତ୍ରରେ ଜିଲ୍ଲାପାଳ ଉପରୋକ୍ତ ନିର୍ଦ୍ଦେଶ ବା ପ୍ରସ୍ତାବର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିପାରିବେ।

**ଆୟ ବ୍ୟୟ :**

ପଞ୍ଚାୟତ ସମିତିର ସବୁ ଆୟବ୍ୟୟ ପଞ୍ଚାୟତ ସମିତି ପାଣ୍ଠି ମାଧ୍ୟମରେ ହିଁ ହେବ। ଏହା ବ୍ୟତୀତ ଅନ୍ୟ କୌଣସି ପାଣ୍ଠିର ଟଙ୍କା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ବିଡିଓ ଖର୍ଚ୍ଚ କରିପାରିବେ ନାହିଁ। ପଞ୍ଚାୟତ ସମିତିର ପାଣ୍ଠି ବା ଖାତା ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମିଳିତ ସ୍ୱାକ୍ଷରରେ ଚାଲିବ। ପଞ୍ଚାୟତ ସମିତି ହିସାବ ନିକାଶ ପ୍ରଣାଳୀ ନିୟମାବଳୀରେ ପଞ୍ଚାୟତ ସମିତି ପାଣ୍ଠିର ତଦାରଖ ଏବଂ ବିନିଯୋଗ ପାଇଁ ବିସ୍ତୃତ ନିୟମ ଉଲ୍ଲେଖ ଅଛି। ନିୟମ ୧୧୬ରେ ଥିବା ବ୍ୟବସ୍ଥା ଅନୁଯାୟୀ ସମିତିର ଅଧ୍ୟକ୍ଷ ଯେ କୌଣସି ବିଲ୍‌ର ଦେୟକୁ ଅଗ୍ରାହ୍ୟ କରି ପାରିବେ ବା କୌଣସି ବିଲ୍‌ର ଦେୟ ପଇଠ କରିବାପାଇଁ ନିର୍ଦ୍ଦେଶ ଦେଇ ପାରିବେ। ଏଣୁ ପଞ୍ଚାୟତ ସମିତି ପାଣ୍ଠିରୁ ଖର୍ଚ୍ଚ ହେବାକୁ ଥିବା ପ୍ରତ୍ୟେକ ବିଲ୍ ତା'ର ପରିମାଣ ଯେତେ ହୋଇଥାଉନା କାହିଁକି ପୈଠ ହେବା ପୂର୍ବରୁ ସେଥିପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ନିଆଯିବା ଆବଶ୍ୟକ। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିନାନୁମୋଦନରେ ପଞ୍ଚାୟତ ସମିତି ପାଣ୍ଠିରୁ ଗୋଟିଏ ପଇସା ମଧ୍ୟ ଖର୍ଚ୍ଚ ହୋଇ ପାରିବ ନାହିଁ। ୧୯୯୫ ମସିହାରେ ହିସାବ ନିକାଶ ନିୟମାବଳୀରେ ଏକ ସଂଶୋଧନ କରାଯାଇ କୁହାଯାଇଛି ଯେ ପଞ୍ଚାୟତ ସମିତି ପାଣ୍ଠିରୁ ଅର୍ଥ ଉଠାଣ ପୂର୍ବରୁ ଅଧ୍ୟକ୍ଷଙ୍କ ଅନୁମୋଦନ ନିହାତି ଆବଶ୍ୟକ। ଟଙ୍କା ଉଠାଣ ବେଳେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମିଳିତ ସ୍ୱାକ୍ଷର ଆବଶ୍ୟକ ଓ ବିଲ୍ ପୈଠ ହେବାକୁ ଥିବା ପ୍ରତ୍ୟେକ ନଥି ବା କେଶ ରେକର୍ଡକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ /ଉପାଧ୍ୟକ୍ଷଙ୍କ ଜରିଆରେ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ କରିବେ। ଅଧ୍ୟକ୍ଷଙ୍କ ଅନୁମୋଦନ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ପୃକ୍ତ ବିଲ୍‌ରେ ପ୍ରାପ୍ୟ ନିର୍ଦ୍ଦେଶ ବା ପେମେଣ୍ଟ ଅର୍ଡରରେ ଦସ୍ତଖତ କରିବେ। ଏହି ସମୟରେ ଯଦି କୌଣସି ବିଲର ପରିମାଣ ୧୫,୦୦୦ ଟଙ୍କାରୁ ଅଧିକ ହୁଏ ତେବେ ନଥିଟିକୁ ପୁନର୍ବାର ଅଧ୍ୟକ୍ଷଙ୍କଠାରେ ବିଲରେ ପ୍ରତିସ୍ୱାକ୍ଷର ବା କାଉଣ୍ଟର ସିଗନେଚର କରିବାପାଇଁ ଉପସ୍ଥାପନ କରାଯିବ। ବିଲ୍‌ଟିରେ ଅଧ୍ୟକ୍ଷ ପ୍ରତିସ୍ୱାକ୍ଷର କରିବାପରେ ଟଙ୍କା ଉଠାଣ ପାଇଁ ଉପରୋକ୍ତ ନିୟମ ପ୍ରକାରେ ପଦକ୍ଷେପ ନିଆଯାଇ ପାରିବ। ବିଲ୍‌ରେ ଉପାଧ୍ୟକ୍ଷଙ୍କର ପ୍ରତି ସ୍ୱାକ୍ଷର କରିବାର ଆବଶ୍ୟକତା ନାହିଁ।

**ସମିତି ସଭ୍ୟମାନଙ୍କର କ୍ଷମତା :**

ପଞ୍ଚାୟତ ସମିତି ବୈଠକରେ ସମିତିର ସବୁ ସଭ୍ୟଙ୍କର ଭୋଟ ଦେବାର ଅଧିକାର ରହିଛି। ପଞ୍ଚାୟତ ସମିତିର ସଭ୍ୟ/ସଭ୍ୟାମାନେ ସ୍ଥାୟୀ କମିଟିର ସଦସ୍ୟ ଅଟନ୍ତି ଏବଂ ସେମାନେ ପଞ୍ଚାୟତ ସମିତିର ବୈଠକରେ ପ୍ରସ୍ତାବ ଆଗତ କରିପାରିବେ। ସେମାନେ ସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବୈଠକରେ ଭାଗ ନେଇ ଭୋଟ ଦାନ କରିପାରିବେ। ପଞ୍ଚାୟତ ଆଇନର ବ୍ୟବସ୍ଥା ଅନୁସାରେ ପଞ୍ଚାୟତ ସମିତିରେ ସମିତି ସଭ୍ୟଙ୍କ ବ୍ୟତୀତ ବିଧାନସଭା ତଥା ଲୋକସଭା ସଦସ୍ୟମାନେ ମଧ୍ୟ ସଭ୍ୟ ଅଟନ୍ତି। ସମସ୍ତଙ୍କର ଭୋଟଦାନର ଅଧିକାର ଅଛି। କିନ୍ତୁ ସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନରେ କେବଳ ସମିତି ସଭ୍ୟମାନେ ହିଁ ଅଂଶଗ୍ରହଣ କରିପାରିବେ।

**ପଦବୀ ରଦ୍ଦ :**

ଯଦି କୌଣସି ସମିତି ସଭ୍ୟ କ୍ରମାଗତ ଭାବେ ପଞ୍ଚାୟତ ସମିତିର ତିନିଗୋଟି ସାଧାରଣ ବୈଠକରେ ଉପସ୍ଥିତ ନହୁଅନ୍ତି ତେବେ ସେ ତାଙ୍କ ପଦବୀ ହରାଇବେ।

# ଜିଲ୍ଲା ପରିଷଦର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ

**ସଂଜ୍ଞା :**

ଭାରତର ପ୍ରଚଳିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜିଲ୍ଲାସ୍ତରୀୟ ପଞ୍ଚାୟତକୁ ଜିଲ୍ଲା ପରିଷଦ କୁହାଯାଇଥାଏ। ଜିଲ୍ଲା ସ୍ତରରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ପରିଚାଳନା କରିବାପାଇଁ ଜିଲ୍ଲାପରିଷଦକୁ ଏକ ସ୍ୱାୟତ୍ତ ଶାସନ ସଂସ୍ଥା ଭାବରେ ଗଢାଯାଇଛି। ଆମ ରାଜ୍ୟରେ ପ୍ରତି ଜିଲ୍ଲାପାଇଁ ଗୋଟିଏ ଲେଖାଁଏ ଜିଲ୍ଲା ପରିଷଦ ଗଠିତ ହୋଇଛି। ଜିଲ୍ଲା ପରିଷଦର ଗଠନ, କ୍ଷମତା, କାର୍ଯ୍ୟପରିସର, ପ୍ରଶାସନିକ ତଥା ଆର୍ଥିକ କ୍ଷମତା କ'ଣ ହେବ ସେଥିପାଇଁ ଓଡ଼ିଶାରେ ୧୯୮୧ ମସିହାରେ ଜିଲ୍ଲା ପରିଷଦ ଆଇନ ପ୍ରଣୀତ ହୋଇଛି। ତଦନୁଯାୟୀ ରାଜ୍ୟ ସରକାର କେତେ ଗୁଡ଼ିଏ ନିୟମ ତିଆରି କରିଛନ୍ତି। ସେଥିମଧ୍ୟରୁ ତିନୋଟି ନିୟମକୁ ମୁଖ୍ୟ ଭାବେ ଧରାଯାଇଥାଏ। ଗୋଟିଏ ହେଉଛି ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ଆଉ ଗୋଟିଏ ହେଉଛି ଜିଲ୍ଲା ପରିଷଦ ସ୍ଥାୟୀ କମିଟି ଗଠନ ନିୟମାବଳୀ ଏବଂ ଜିଲ୍ଲା ପରିଷଦ ବୈଠକରେ କାର୍ଯ୍ୟ ପରିଚାଳନା ନିୟମାବଳୀ।

**ଜିଲ୍ଲା ପରିଷଦର ଗଠନ :**

ଜିଲ୍ଲା ପରିଷଦ ଆଇନର ଧାରା ୩ରେ ରାଜ୍ୟ ସରକାରଙ୍କୁ ଜିଲ୍ଲା ପରିଷଦ ଗଠନ କରିବା ପାଇଁ କ୍ଷମତା ଦିଆଯାଇଛି। ତେବେ ଜିଲ୍ଲାରେ ଥିବା ପୌରାଞ୍ଚଳ, ବା ଯେଉଁ ଅଞ୍ଚଳରେ ସୈନ୍ୟବାହିନୀର ଶିବିର ଲଗାଯିବାପାଇଁ ଦେଶରେ ଥିବା ଆଇନ ଲାଗୁ ହେଉଥିବ ସେପରି ଅଞ୍ଚଳଗୁଡ଼ିକ ଜିଲ୍ଲାପରିଷଦ ଗଠନ ଆଇନର ଅନ୍ତର୍ଭୁକ୍ତ ହେବେ ନାହିଁ।

**ନିର୍ବାଚନ ମଣ୍ଡଳୀ ଗଠନ :**

ଜିଲ୍ଲା ପରିଷଦ ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥାନୁଯାୟୀ ପ୍ରଥମେ ଗୋଟିଏ ଜିଲ୍ଲା ପରିଷଦ ସୀମା ଭିତରର ଜନସଂଖ୍ୟା ଆଧାରରେ ଜିଲ୍ଲାପାଳଙ୍କ ଦ୍ୱାରା କେତୋଟି ନିର୍ବାଚନମଣ୍ଡଳୀ ଗଠିତ ହେବ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ଜନସଂଖ୍ୟା ୪୦୦୦୦ ଭିତରେ ରହିବ। ଏଥିରେ ଆଦିବାସୀ / ହରିଜନଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ଆସନ ସଂରକ୍ଷିତ ହେବ। ଏହା ବ୍ୟତୀତ ମୋଟ ଆସନର ୨୭ ଭାଗ ପଛୁଆବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ହେବ। ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷିତ ହେବ। ଏ ସବୁ କିପରି କରାଯିବ ସେଥିପାଇଁ ଆଇନରେ ନିର୍ଭୁଲ ଗାଣିତିକ ସୂତ୍ର ମଧ୍ୟ ଦିଆଯାଇଛି। ଜିଲ୍ଲାପାଳମାନେ ପ୍ରଥମେ ନିର୍ବାଚନମଣ୍ଡଳୀ ଗଠନ ତଥା ନିର୍ବାଚନ ମଣ୍ଡଳୀ ସଂରକ୍ଷଣ ପାଇଁ ନିଷ୍ପତ୍ତି କରିବା ପରେ ଏଥିପାଇଁ ଏକ ଚିଠା ପ୍ରକାଶ କରିବେ। ଏହାକୁ ନେଇ ଯଦି କାହାରି କିଛି ଆପତ୍ତି ଅଭିଯୋଗ ଥାଏ ସେକଥା ଜଣାଇବାକୁ ଲୋକଙ୍କୁ କହିବେ। ଲୋକଙ୍କଠାରୁ ଆପତ୍ତି ଅଭିଯୋଗ ଆସିବାପରେ ତା'ର ଶୁଣାଣୀ ଓ ବିଚାର କରାଯାଇ ଚୂଡ଼ାନ୍ତ ତାଲିକାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଚିଠା ପ୍ରକାଶିତ ହେବ।

**କାର୍ଯ୍ୟକାଳ :**

୭୩ତମ ସମ୍ବିଧାନ ସଂଶୋଧନ ଆଇନର ୭ ଧାରାରେ ଦିଆଯାଇଥିବା ନିର୍ଦ୍ଦେଶ ମୁତାବକ ଜିଲ୍ଲା ପରିଷଦଗୁଡ଼ିକର କାର୍ଯ୍ୟକାଳ ୫ ବର୍ଷ ହେବ। ଜିଲ୍ଲା ପରିଷଦ ଆଇନର ଧାରା ୭ ଅନୁଯାୟୀ ଗୋଟିଏ ଜିଲ୍ଲା ପରିଷଦ ଗଠନ ହୋଇ ଶେଷ ହେବା ପୂର୍ବରୁ ନୂତନ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ କରାଯିବ। କୌଣସି ଜିଲ୍ଲା ପରିଷଦକୁ କୌଣସି ସ୍ଥିତିରେ ଏହାର କାର୍ଯ୍ୟକାଳ ପୂରିବା ପୂର୍ବରୁ ଭଙ୍ଗା ଯାଇପାରିବ ନାହିଁ। ସମ୍ବିଧାନର ୨୪୩(କେ) ଧାରା ଅନୁଯାୟୀ ପଞ୍ଚାୟତ ନିର୍ବାଚନ କରାଇବାପାଇଁ ଏକ ନିର୍ବାଚନ କମିଶନ ଗଠିତ କରିବାପାଇଁ ବ୍ୟବସ୍ଥା ରଖାଯାଇଛଇ। ସେହି ଅନୁଯାୟୀ ଆମ ରାଜ୍ୟରେ ଗୋଟିଏ ନିର୍ବାଚନ କମିଶନ ମଧ୍ୟ ଗଠନ କରାଯାଇ ସାରିଛଇ।

**କ୍ଷମତା ଓ ଦାୟିତ୍ୱ :**

ସମ୍ବିଧାନର ୨୪୩(ଜି) ଧାରାରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ଜିଲ୍ଲା ପରିଷଦଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ସ୍ୱାୟତ୍ତ ଶାସନ ସଂସ୍ଥା । ସେହି ମୁତାବକ ଜିଲ୍ଲାପରିଷଦ ଗୁଡ଼ିକର କ୍ଷମତା ଓ କାର୍ଯ୍ୟ ପରିସର ସମ୍ପର୍କରେ ସମ୍ବିଧାନର ୮୧ ଅନୁସୂଚୀ ତଥା ଜିଲ୍ଲା ପରିଷଦ ଆଇନର ଧାରା ୩ (୩)ରେ ସମସ୍ତ କଥା ସ୍ପଷ୍ଟ ଭାବରେ ଲିପିବଦ୍ଧ ହୋଇଛି।

**ପ୍ରଶାସନିକ ବ୍ୟବସ୍ଥା :**

ଜିଲ୍ଲା ପରିଷଦ ଆଇନର ୯ ଧାରାରେ ଜିଲ୍ଲା ପରିଷଦର ସମସ୍ତ କାର୍ଯ୍ୟକାରୀ କ୍ଷମତା ବା ଏକ୍‌ଜିକ୍ୟୁଟିଭ ପାୱାର ଜିଲ୍ଲା ପରିଷଦର ସଭାପତିଙ୍କ ଉପରେ ନ୍ୟସ୍ତ କରାଯାଇଛି । ଗୋଟିଏ ଜିଲ୍ଲାର ଜିଲ୍ଲାପାଳ ସମ୍ପୃକ୍ତ ଜିଲ୍ଲା ପରିଷଦର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ହେବେ ଓ ଡ଼ିଆରଡ଼ିଏର ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପୃକ୍ତ ଜିଲ୍ଲା ପରିଷଦର ସଚିବ ହେବେ । ଜିଲ୍ଲା ପରିଷଦର ଅଧ୍ୟକ୍ଷ ହିଁ ଡ଼ିଆରଡ଼ିଏର ଅଧ୍ୟକ୍ଷ ହେବେ । ଜିଲ୍ଲା ପରିଷଦ ସମ୍ବନ୍ଧରେ ସମ୍ପାଦିତ ହେଉଥିବା ସମସ୍ତ ଦଲିଲ ଏବଂ ଚୁକ୍ତିପତ୍ରରେ ହେବାକୁ ଥିବା ସମସ୍ତ କାର୍ଯ୍ୟ ଏବଂ ଦେଣନେଣ ଜିଲ୍ଲାପରିଷଦ ନାମରେ ସମ୍ପାଦିତ ହେବ । ପରିଷଦରେ ସମ୍ପାଦିତ ହେଉଥିବା ସମସ୍ତ କାର୍ଯ୍ୟପାଇଁ ପରିଷଦର ଅନୁମୋଦନ ଆବଶ୍ୟକ । ତେବେ କେତେକ କାର୍ଯ୍ୟକୁ ଅଧ୍ୟକ୍ଷ ଜିଲ୍ଲା ପରିଷଦର ଅନୁମୋଦନ ମିଳିବାର ଆଶା ରଖି ମଧ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି । କିନ୍ତୁ ଅଧ୍ୟକ୍ଷଙ୍କର କୌଣସି ନିର୍ଦ୍ଦେଶ ଯଦି ଜିଲ୍ଲା ପରିଷଦ ଆଇନର ବିରୁଦ୍ଧାଚରଣ କରୁଥାଏ ତେବେ ରାଜ୍ୟ ସରକାର ସେପରି ନିର୍ଦ୍ଦେଶନାମା ବା ପ୍ରସ୍ତାବକୁ ବାତିଲ କରିପାରିବେ ।

**ଅର୍ଥ :**

ଜିଲ୍ଲା ପରିଷଦର ସମସ୍ତ ଆୟବ୍ୟୟ ଜିଲ୍ଲା ପରିଷଦ ପାଣ୍ଠି ମାଧ୍ୟମରେ ହିଁ ହେବ । ଆଇନରେ ଅର୍ଥ ନେଣଦେଣର ସମସ୍ତ କ୍ଷମତା ଜିଲ୍ଲା ପରିଷଦର ସଚିବଙ୍କୁ ଦିଆଯାଇଛି ।

**ଜିଲ୍ଲା ପରିଷଦ ସଦସ୍ୟମାନଙ୍କର କ୍ଷମତା :**

ପରିଷଦ ବୈଠକରେ ଭୋଟଦାନର କ୍ଷମତା ସଦସ୍ୟମାନଙ୍କର ରହିଛି । ସଦସ୍ୟମାନେ ସ୍ଥାୟୀ କମିଟିର ସଦସ୍ୟରହିବେ । ସେମାନେ ପରିଷଦ ବୈଠକରେ ପ୍ରସ୍ତାବ ଆଣି ପାରିବେ ଓ ପ୍ରଶ୍ନ ପଚାରି ପାରିବେ । ପରିଷଦର ସଭାପତି, ଉପସଭାପତିଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସପକ୍ଷ / ବିପକ୍ଷରେ ସେମାନେ ଭୋଟଦେଇ ପାରିବେ । ଜିଲ୍ଲା ପରିଷଦର ଆଇନ ତଥା ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଗୋଟିଏ ଜିଲ୍ଲା ପରିଷଦରେ ସେହି ପରିଷଦର ସଦସ୍ୟମାନଙ୍କ ବ୍ୟତୀତ ସମ୍ପୃକ୍ତ ବିଧାନସଭା ତଥା ସଂସଦୀୟ ନିର୍ବାଚନମଣ୍ଡଳୀର ନିର୍ବାଚିତ ପ୍ରତିନିଧି (ବିଧାୟକ ଓ ସାଂସଦ)ମାନେ ମଧ୍ୟ ସଦସ୍ୟ ରହିବେ । କିନ୍ତୁ ସଭାପତି, ଉପସଭାପତି ନର୍ବାଚନରେ କେବଳ ପରିଷଦର ସଦସ୍ୟମାନେ ଅଂଶଗ୍ରହଣ କରିପାରିବେ ।

**ସଭ୍ୟ ପଦ ରଦ୍ଦ :**

ଯଦି କୌଣସି ସଭ୍ୟ କ୍ରମାଗତଭାବରେ ତିନିଥର ପରିଷଦର ସାଧାରଣ ବୈଠକରେ ଅନୁପସ୍ଥିତ ରହନ୍ତି ତେବେ ତାଙ୍କ ସଭ୍ୟ ମନକୁ ମନ ରଦ୍ଦ ହୋଇଯିବ ।

❑❑❑

# ରାଜ୍ୟ ଗ୍ରାମପଞ୍ଚାୟତ ଅର୍ଥ କମିଶନ

**ସଂଜ୍ଞା :**

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଆୟ ବ୍ୟୟ ପ୍ରତି ଦୃଷ୍ଟି ରଖି ସେ ବିଷୟରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବାପାଇଁ ଆମ ରାଜ୍ୟରେ ରାଜ୍ୟ ପଞ୍ଚାୟତ ଅର୍ଥ କମିଶନ ଗଢା ଯାଇଛି । ୧୯୯୨ ମସିହା ଅକ୍ଟୋବର ୧୬ ତାରିଖରେ ଓଡିଶା ରାଜ୍ୟ ଗ୍ରାମ ପଞ୍ଚାୟତ ଅର୍ଥ କମିଶନ୍ ନିୟମାବଳୀ, ୧୯୯୨ର ଖସଡା ପ୍ରକାଶ କରାଯାଇଥିଲା । ଏହାକୁ ଓଡିଶା ଗେଜେଟରେ ମଧ୍ୟ ପ୍ରକାଶ କରାଯାଇ କୁହାଯାଇଥିଲା ଯେ ଏହା ଯେଉଁମାନଙ୍କୁ ପ୍ରଭାବିତ କରିବ ସେମାନଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ସେସବୁକୁ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର ପନ୍ଦର ଦିନ ମଧ୍ୟରେ ସରକାରଙ୍କୁ ଜଣାଇବେ । କିନ୍ତୁ ଉପରୋକ୍ତ ସମୟ ମଧ୍ୟରେ କେହି କୌଣସି ଆପତ୍ତି ଅଭିଯୋଗ କରିନଥିଲେ ।

**କମିଶନର ଗଠନ ଓ କାର୍ଯ୍ୟକାଳ :**

ନିୟମ ଅନୁଯାୟୀ ଏହି କମିଶନରେ ଜଣେ ଅଧ୍ୟକ୍ଷ ବା ଚେୟାରମ୍ୟାନ ଓ ପାଞ୍ଚଜଣ ସଦସ୍ୟ ରହିବେ । କମିଶନ୍‌ର ସଦସ୍ୟମାନଙ୍କ ମଧ୍ୟରୁ ହିଁ ଜଣକୁ ଅଧ୍ୟକ୍ଷ କରାଯିବ । କମିଶନ୍‌ର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କର କାର୍ଯ୍ୟାଳୟ ଅବୈତନିକ ହେବ ଓ ଅଧ୍ୟକ୍ଷ ଏବଂ ସଦସ୍ୟମାନେ ରାଜ୍ୟ ସରକାର ସମୟରୁ ସମୟ ଯେପରି ସ୍ଥିର କରିବେ ସେହି ଅନୁସାରେ ଭତ୍ତା ପାଇବେ । ସେହିପରି ସରକାର ଯେପରି ସ୍ଥିର କରିବେ ସେହି ଅନୁଯାୟୀ କମିଶନର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଗସ୍ତ ଖର୍ଚ୍ଚ ମଧ୍ୟ ପାଇବେ । ଗଠନ ହେବା ଦିନଠାରୁ କମିଶନଙ୍କ କାର୍ଯ୍ୟକାଳ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ହେବ ।

**କମିଶନଙ୍କ କାର୍ଯ୍ୟ :**

- କମିଶନ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଦୈନିକ ଆୟ ବ୍ୟୟକୁ ବିଚାର କରି ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ସୁପାରିଶ କରିବେ ।
- ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ସରକାରଙ୍କ ଠାରୁ ମିଳିବାକୁ ଥିବା ଆବଶ୍ୟକ ସହାୟତାର ରୂପରେଖ ପ୍ରସ୍ତୁତ କରିବେ ।
- ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସରକାରଙ୍କଠାରୁ ମିଳୁଥିବା ମଞ୍ଜୁରୀ ସାହାଯ୍ୟ, ଏହା କେଉଁ ମାର୍ଗରେ ପରିଚାଳିତ ହେବ ସେ ବିଷୟରେ ସୁପାରିଶ କରିବେ ।
- କର ଏବଂ ଶୁଳ୍କ ଧାର୍ଯ୍ୟ କରିବା, ଋଣ ଉଠାଇବା ତଥା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ସୁସ୍ଥ ଅର୍ଥନୈତିକ ସ୍ଥିତି ରକ୍ଷା କରିବା ନିମନ୍ତେ ଏକ ସୁସ୍ଥ ଅର୍ଥନୈତିକ ଭିତ୍ତି ସ୍ଥାପନ ଉଦ୍ଦେଶ୍ୟରେ ସୁପାରିଶ କରିବେ,
- ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅର୍ଥନୈତିକ ସ୍ଥିତିକୁ ପୁନର୍ବିଚାର କରିବାପାଇଁ କମିଶନ ଯେତେବେଳେ ଚାହିଁବେ ସେତେବେଳେ ପଞ୍ଚାୟତିରାଜ-ନିର୍ଦ୍ଦେଶକ କମିଶନଙ୍କୁ ସେସବୁ ଯୋଗାଇ ଦେବେ ।

**ବୈଠକ :**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ସଚିବ ଗ୍ରାମପଞ୍ଚାୟତ ଅର୍ଥ କମିଶନର ମଧ୍ୟ ସଚିବ ରହିବେ । ସେ କମିଶନଙ୍କ ସହିତ ପରାମର୍ଶକରି ବୈଠକ ଡକାଇବେ । ଏହା ବ୍ୟତୀତ କମିଶନ ଯଦି ଚାହାନ୍ତି ତେବେ କୌଣସି ସ୍ଥାନ ଓ ସମୟ ନିର୍ଦ୍ଧାରଣ କରି ଏକତ୍ରିତ ହୋଇପାରିବେ ଓ କମିଶନରଙ୍କ କାର୍ଯ୍ୟ ପରିଚାଳନା ନିମନ୍ତେ ଆବଶ୍ୟକ ପଦ୍ଧତି ବାହାର କରିପାରିବେ ।

**ବିବରଣୀ :**

କମିଶନ ସମୟକୁ ସମୟ ସରକାରଙ୍କୁ ବିବରଣୀ ପ୍ରଦାନ କରିବେ ।

**ଅଧ୍ୟକ୍ଷ ଓ ସଦସ୍ୟଙ୍କ ଇସ୍ତଫା :**

ଅର୍ଥ କମିଶନ୍‌ର କୌଣସି ସଦସ୍ୟ ବା ନିଜେ ଅଧ୍ୟକ୍ଷ ଯଦି କେବେ ଇସ୍ତଫା ଦେବାକୁ ଚାହାନ୍ତି ତେବେ ସେ ତାଙ୍କ ଇସ୍ତଫା ପତ୍ର ସରକାରଙ୍କୁ ପଠାଇବେ ।

**ସାମୟିକ ରିକ୍ତ ସ୍ଥାନ ପୂରଣ :**

କମିଶନଙ୍କ ଦପ୍ତରରେ ଅଧ୍ୟକ୍ଷ ବା ସଦସ୍ୟଙ୍କର ସ୍ଥାନ ସାମୟିକଭାବେ ଖାଲି ହେଲେ ଏହାକୁ ସରକାର ସାନି ନିଯୁକ୍ତି ଦ୍ୱାରା ପୂରଣ କରିବେ ।

**କମିଶନ୍‌ର ବିଘଟନ :**

ଅର୍ଥ କମିଶନକୁ ରାଜ୍ୟ ସରକାର ଯେବେ ଚାହିଁବେ ବିଘଟନ କରି ପୁନର୍ଗଠନ କରିପାରିବେ । ତେବେ ସେଥିପାଇଁ ତାଙ୍କୁ ଏକ ଲିଖିତ କାରଣ ଦର୍ଶାଇବାକୁ ହେବ ।

□□□

# ଏକାଦଶ ଅର୍ଥ କମିଶନ ଓ ପଞ୍ଚାୟତିରାଜ

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ଆର୍ଥିକ ବ୍ୟବସ୍ଥାକୁ ସରଳ କରିବା ପାଇଁ ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଅର୍ଥ କମିଶନମାନ ଗଠିତ କରାଯାଇଛି । କେନ୍ଦ୍ର ଅର୍ଥ କମିଶନ କେନ୍ଦ୍ରୀୟ ସ୍ତରରେ ଯେଉଁ ଆର୍ଥିକ ବ୍ୟବସ୍ଥା କରନ୍ତି ତା'କୁ ରାଜ୍ୟ ଅର୍ଥ କମିଶନ ରାଜ୍ୟରେ କାର୍ଯ୍ୟକାରୀ କରାଇ ଥାଆନ୍ତି । ଦେଶରେ ଏକ ସୁଦୃଢ ଅର୍ଥ ବ୍ୟବସ୍ଥାର ପ୍ରଚଳନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ମଧ୍ୟ ଅର୍ଥ କମିଶନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥାଆନ୍ତି ।

ଇତି ମଧ୍ୟରେ କେନ୍ଦ୍ରରେ ଥିବା ଏକାଦଶ ଅର୍ଥ କମିଶନର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବାପରେ ରାଷ୍ଟ୍ରପତି ଦ୍ୱାଦଶ ଅର୍ଥ କମିଶନ ଗଠନ କରିସାରିଲେଣି ।

ଏକାଦଶ ଅର୍ଥ କମିଶନଙ୍କଠାରୁ ମିଳିଥିବା ଅନୁଦାନକୁ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିନିଯୋଗ କରାଯିବାପାଇଁ ବ୍ୟବସ୍ଥା କରାଯାଇଛି ।

୧.୧ ଏକାଦଶ ଅର୍ଥ କମିଶନ୍ ୨୦୦୦-୨୦୦୧ ଆର୍ଥିକ ବର୍ଷଠାରୁ ୫ ବର୍ଷ ନିମନ୍ତେ ଗ୍ରାମ ପଞ୍ଚାୟତ ମାଧ୍ୟମରେ କେତେକ ମୌଳିକ ସେବା ସମ୍ପାଦନ ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି । ଏହି ମୌଳିକ ସେବାଗୁଡିକ ହେଲା ଯଥାକ୍ରମେ :-

(କ) ପ୍ରାଥମିକ ଶିକ୍ଷା,

(ଖ) ପ୍ରାଥମିକ ସ୍ୱାସ୍ଥ୍ୟ,

(ଗ) ବିଶୁଦ୍ଧ ପାନୀୟ ଜଳ,

(ଘ) ରାସ୍ତା ଆଲୋକ ବ୍ୟବସ୍ଥା,

(ଙ) ପରିମଳ, ଡ୍ରେନ ବ୍ୟବସ୍ଥା, ଶ୍ମଶାନ ଓ କବରସ୍ଥାନ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ରକ୍ଷଣାବେକ୍ଷଣ ।

୨.୧ ଉପରୋକ୍ତ ମୌଳିକ ସେବା କାର୍ଯ୍ୟ ନିମନ୍ତେ ପ୍ରଦତ୍ତ ଅନୁଦାନ, ଗ୍ରାମ ପଞ୍ଚାୟତକୁ ସିଧାସଳଖ ପ୍ରଦାନ କରାଯିବ । ତେବେ ଏହି ଅନୁଦାନ ରାସ୍ତା, ପୋଲ, ପୋଖରୀ ଓ ଗୃହ ନିର୍ମାଣ ନିମନ୍ତେ ଖର୍ଚ୍ଚ କରାଯିବ ନାହିଁ । ଆଉ ମଧ୍ୟ ଏହି ଅନୁଦାନ ଦରମା ବା ମଜୁରୀ ବାବଦରେ ଖର୍ଚ୍ଚ କରାଯାଇ ପାରିବ ନାହିଁ ।

୨.୨ ବର୍ଣ୍ଣିତ ସେବାଗୁଡିକୁ କେଉଁ କ୍ରମରେ ପ୍ରାଧାନ୍ୟ ଦିଆଯିବ ଓ କେଉଁ ସେବାପାଇଁ କେତେ ଅର୍ଥ ବରାଦ କରାଯିବ ତାହା ସ୍ଥାନୀୟ ଆବଶ୍ୟକତା ଓ ଜନସାଧାରଣଙ୍କର ସୁବିଧା / ଅସୁବିଧାକୁ ଆଖିଆଗରେ ରଖି ସ୍ଥିର କରାଯିବ ।

୨.୩ ଅନୁଦାନ ଅର୍ଥର ସର୍ବାଧିକ ଶତକଡା ପଚାଶ ଭାଗ ରାସ୍ତା ଆଲୋକ ବ୍ୟବସ୍ଥା ପାଇଁ ଖର୍ଚ୍ଚ କରାଯାଇପାରେ । ରାସ୍ତା ଆଲୋକ ବ୍ୟବସ୍ଥା ବିଦ୍ୟୁତ୍ ଓ ସୌରଶକ୍ତି ଉଭୟ ଦ୍ୱାରା କରାଯାଇପାରେ ।

୩. ଏକାଦଶ ଅର୍ଥ କମିଶନଙ୍କ ପ୍ରଦତ୍ତ ଅନୁଦାନକୁ ଲୋକସଂଖ୍ୟା ଅନୁପାତରେ ଗ୍ରାମପଞ୍ଚାୟତଗୁଡିକ ମଧ୍ୟରେ ଆବଣ୍ଟନ କରାଯାଇଛି ।

| | |
|---|---|
| (କ) ୫,୦୦୦ ପର୍ଯ୍ୟନ୍ତ ଲୋକସଂଖ୍ୟା | ୧.୦୫ ଲକ୍ଷ ଟଙ୍କା ବାର୍ଷିକ |
| (ଖ) ୫,୦୦୦ ରୁ ୭,୫୦୦ ପର୍ଯ୍ୟନ୍ତ ଲୋକସଂଖ୍ୟା | ୧.୨୫ ଲକ୍ଷ ଟଙ୍କା ବାର୍ଷିକ |
| (ଗ) ୭,୫୦୦ ରୁ ୧୦,୦୦୦ ପର୍ଯ୍ୟନ୍ତ ଲୋକସଂଖ୍ୟା | ୧.୫୦ ଲକ୍ଷ ଟଙ୍କା ବାର୍ଷିକ |
| (ଘ) ୧୦,୦୦୦ରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା | ୧.୭୫ ଲକ୍ଷ ଟଙ୍କା ବାର୍ଷିକ |

ଗ୍ରାମପଞ୍ଚାୟତର ଆବଶ୍ୟକତା ଓ ଉପଯୋଗକୁ ବିଚାରକୁ ନେଇ ଅତିରିକ୍ତ ଅନୁଦାନ ପ୍ରଦାନ କରାଯିବ ।

**ମୌଳିକ ସେବା କାର୍ଯ୍ୟ ନିମନ୍ତେ ନିୟମାବଳୀ :**

**୪. ପ୍ରାଥମିକ ସ୍ୱାସ୍ଥ୍ୟ**

୪.୧ ପ୍ରତ୍ୟେକ ରାଜସ୍ୱ ଗ୍ରାମପାଇଁ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଏକ ସ୍ୱାସ୍ଥ୍ୟ କମିଟି ଗଠନ ହେବ। ଏଥିରେ-

| | |
|---|---|
| (କ) ଓ୍ୱାର୍ଡମେମ୍ବର | ଅଧ୍ୟକ୍ଷ। |
| (ଖ) ଅଙ୍ଗନୱାଡି କର୍ମଚାରୀ | ସଭ୍ୟ(ସମ୍ପାଦକ ଓ ଆବାହକ)। |
| (ଗ) ସ୍ୱାସ୍ଥ୍ୟକର୍ମୀ | ସଭ୍ୟ। |
| (ଘ) ଗ୍ରାମ ପଞ୍ଚାୟତ ଦ୍ୱାରା ମନୋନିତ ନାଗରିକ (ଜଣେ ପୁରୁଷ ଓ ଜଣେ ମହିଳା) | ସଭ୍ୟ। |

ଆବଶ୍ୟକ ସ୍ଥଳେ ଗ୍ରାମ ଶିକ୍ଷା କମିଟି ଓ ଗ୍ରାମ ସ୍ୱାସ୍ଥ୍ୟ କମିଟିକୁ ଏକତ୍ରୀକରଣ କରି କାର୍ଯ୍ୟ କରାଯାଇ ପାରିବ। ଏହି କମିଟି ସ୍ତରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଉପରେ ନିଷ୍ପତ୍ତି ନେବେ ଓ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବେ। ଗ୍ରାମ ପଞ୍ଚାୟତରେ ମାସିକ ବୈଠକରେ ପୂର୍ବ ମାସରେ ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ବନ୍ଧରେ କ'ଣ କରାଯାଇଥିଲା ତାହା ଆଲୋଚନା ହେବ।

୪.୨ ସ୍ୱାସ୍ଥ୍ୟ ଶିବିର : ଗ୍ରାମ ପଞ୍ଚାୟତ ପ୍ରତି ମାସରେ ଏକ ସୁବିଧାଜନକ ସ୍ଥାନରେ ସ୍ୱାସ୍ଥ୍ୟଶିବିର ଆୟୋଜନ କରିବେ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର / ଡିସପେନସାରୀ / ହସପିଟାଲ / ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିବେ। ଯେଉଁଠାରେ ସରକାରୀ ଡାକ୍ତର ମିଳିବାରେ ଅସୁବିଧା ଉପୁଜିବ, ଗ୍ରାମ ପଞ୍ଚାୟତ ଘରୋଇ ଡାକ୍ତର ଓ ବେସରକାରୀ ସଙ୍ଗଠନଙ୍କ ସହାୟତାରେ ଏହି ଶିବିର ପରିଚାଳନା କରିବେ।

ଦୁଇ ବା ତତୋଧିକ ପଞ୍ଚାୟତ ମିଳିତ ଭାବରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଇ ପାରିବେ ଓ ଏହି ଶିବିର ସମସ୍ତ ପଞ୍ଚାୟତ ଅଧିବାସୀଙ୍କୁ ସୁବିଧା ହେଲା ପରି ସ୍ଥାନରେ ପର୍ଯ୍ୟାୟକ୍ରମେ କରାଯାଇ ପାରିବ।

ସରକାରୀ ଡାକ୍ତର ଓ ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେବା ନିମନ୍ତେ ସ୍ୱାସ୍ଥ୍ୟବିଭାଗ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବେ।

ଏହି ସ୍ୱାସ୍ଥ୍ୟ ଶିବିରରେ ଗର୍ଭବତୀ ମହିଳା, ପୁଷ୍ଟିସାରହୀନ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଯକ୍ଷ୍ମା, କୁଷ୍ଠ, ମେଲେରିଆ, ଓ ଅନ୍ୟାନ୍ୟ ସାଧାରଣ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ଓ ପରାମର୍ଶ ଦିଆଯିବ।

ଏହି ଶିବିର ପରିବାର କଲ୍ୟାଣ ତଥା ସ୍ୱାସ୍ଥ୍ୟ ସଚେତନତା ନିମନ୍ତେ କାର୍ଯ୍ୟ କରିବ। ଏହି ଶିବିରରେ ସାଧାରଣ ଔଷଧ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀମାନଙ୍କୁ ମାଗଣାରେ ବଣ୍ଟାଯିବ। ସାଧାରଣ ଔଷଧ ଓ ଡାକ୍ତରଙ୍କ ପରିବହନ ଖର୍ଚ୍ଚ ନିମନ୍ତେ ପ୍ରତ୍ୟେକ ସ୍ୱାସ୍ଥ୍ୟ ଶିବିର ନିମନ୍ତେ ସର୍ବାଧିକ ୧୦୦୦(ଏକ ହଜାର) ଟଙ୍କା ଖର୍ଚ୍ଚ କରାଯିବ। ସରକାରୀ ଡାକ୍ତରଙ୍କୁ କୌଣସି ଫି ଦିଆଯିବ ନାହିଁ। ଘରୋଇ ଡାକ୍ତରଙ୍କ ଫି ଗ୍ରାମ ପଞ୍ଚାୟତ ନିଜ ଆଡୁ ବହନ କରିବେ। ଗ୍ରାମ ପଞ୍ଚାୟତ ସ୍ୱଚ୍ଛଳ ବର୍ଗର ରୋଗୀଙ୍କଠାରୁ ଉପଭୋକ୍ତା ଫିସ ଆଦାୟ କରି ଘରୋଇ ଡାକ୍ତରଙ୍କ ଫି ଦେଇ ପାରିବେ।

୪.୩ : ଜରୁରୀ ଚିକିତ୍ସା ନିମନ୍ତେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର / ଡାକ୍ତରଖାନାରୁ ରୋଗୀଙ୍କୁ ସ୍ଥାନାନ୍ତରିତ କରିବାପାଇଁ ଗ୍ରାମପଞ୍ଚାୟତ ପରିବହନ ବ୍ୟବସ୍ଥାର ବନ୍ଦୋବସ୍ତ କରିପାରିବେ। ସ୍ୱାସ୍ଥ୍ୟବିଭାଗ ତରଫରୁ ଏଥି ନିମନ୍ତେ ପ୍ରତ୍ୟେକ ପଞ୍ଚାୟତକୁ ପାଣ୍ଠି ଯୋଗାଇ ଦିଆଯାଉଛି ତେବେ ଅଧିକ ଅର୍ଥର ଆବଶ୍ୟକତା ଥିଲେ ଗ୍ରାମପଞ୍ଚାୟତ ଏହି ଅନୁଦାନ ଅର୍ଥର ଉପଯୋଗ କରିପାରିବେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ରୋଗୀଙ୍କ ପରିବହନ ବ୍ରବସ୍ଥା ନିମନ୍ତେ ଗ୍ରାମ ପଞ୍ଚାୟତ ବ୍ରୟ ବହନ କରିବେ। ଅନ୍ୟ ରୋଗୀଙ୍କର ପରିବହନ ଖର୍ଚ୍ଚ ସମ୍ପୃକ୍ତ ରୋଗୀଙ୍କଠାରୁ ଆଦାୟ କରାଯିବ।

୪.୪ ନିରାପଦ ପ୍ରସବ ନିମନ୍ତେ ପରିହାର୍ଯ୍ୟ ପ୍ରସବ ସାଜ ସରଞ୍ଜାମ (dispensabla delivery kits) ପଞ୍ଚାୟତ କ୍ରୟ କରିପାରିବେ ଏବଂ ଘରେ ବା ସବ୍‌ସେଣ୍ଟରରେ ପ୍ରସୂତୀମାନଙ୍କୁ ଯୋଗାଇ ଦେବେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗର୍ଭବତୀ ମହିଳାମାନଙ୍କୁ ପ୍ରଥମ ଓ ଦ୍ୱିତୀୟ ଡେଲିଭରୀ ନିମନ୍ତେ ସହାୟତା ନିମ୍ନ ସର୍ତ୍ତରେ ଦିଆଯାଇପାରିବ।

(କ) ସରକାରୀ ଡାକ୍ତରଖାନାରେ ଗର୍ଭବତୀ ମହିଳାଙ୍କ ଡେଲିଭରୀ କରାଯିବ।

(ଖ) ଦ୍ୱିତୀୟ ସନ୍ତାନ ପରେ ହିତାଧିକାରୀ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବେ।

୪.୫ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ପୁଷ୍ଟିହୀନ ମାଆ ଓ ଶିଶୁଙ୍କୁ ଔଷଧ ଓ ପୁଷ୍ଟିକର ପଥ୍ୟ ନିମନ୍ତେ ଉଭୟ ମା ଓ ଶିଶୁପାଇଁ ମାସକୁ ୩୦୦ ଟଙ୍କା ହାରରେ ତିନିମାସ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଇ ପାରିବେ।

୪.୬ ଗ୍ରାମ ପଞ୍ଚାୟତ ସ୍ୱାସ୍ଥ୍ୟ କେନ୍ଦ୍ର / ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କୁ ଡାକ୍ତରୀ ଉପକରଣ ଓ ବ୍ୟବହାର୍ଯ୍ୟ ଟେବୁଲ, ଚୌକି ଖଟ ଇତ୍ୟାଦି ଯୋଗାଇ ଦେଇ ପାରିବେ। କ୍ରୟ ନିମନ୍ତେ ଗଠିତ ନିମ୍ନସୂଚିତ କମିଟିର ପୂର୍ବାନୁମୋଦନ ନେବେ।

(କ) ସରପଞ୍ଚ

(ଖ) ନାଏବ ସରପଞ୍ଚ

(ଗ) ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର

(ଘ) ଏଏନଏମ / ସ୍ୱାସ୍ଥ୍ୟକର୍ମୀ,

(ଙ) ଗ୍ରାମ ସ୍ୱାସ୍ଥ୍ୟ କମିଟି ଅଧକ୍ଷ୍ୟ।

ଦୁଇ ବା ତିନି ଗ୍ରାମ ପଞ୍ଚାୟତ ସମ୍ମିଳିତ ଭାବେ ସ୍ୱାସ୍ଥ୍ୟ କେନ୍ଦ୍ର, ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ବା ଡାକ୍ତରଖାନାକୁ ଉପରୋକ୍ତ ଉପକରଣମାନ ଧାର୍ଯ୍ୟ ଆର୍ଥିକ ସୀମା ମଧ୍ୟରେ ଯୋଗାଇ ପାରିବେ। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଉପରୋକ୍ତ କ୍ରୟ ନିମନ୍ତେ ବାର୍ଷିକ ସର୍ବାଧିକ ୧୦,୦୦୦ ଟଙ୍କା ଖର୍ଚ୍ଚ କରିପାରିବେ।

୪.୭ ଏଏନଏମ, ସ୍ୱାସ୍ଥ୍ୟ କର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀ ପଲ୍ଲୀସଭା ବୈଠକରେ ଯୋଗଦେବେ ଓ ଲୋକମାନଙ୍କୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଷୟରେ ଅବଗତି କରାଇବେ।

୫. ପ୍ରାଥମିକ ଶିକ୍ଷା

୫.୧ ଗ୍ରାମମାନଙ୍କରେ ଗ୍ରାମ ଶିକ୍ଷାକମିଟି ଗଠନ ହୋଇନଥିଲେ ସ୍କୁଲ ଉପନିରୀକ୍ଷକଙ୍କ ସହିତ ଆଲୋଚନା କରାଯାଇ ଶିକ୍ଷା କମିଟି ଗଠନ କରାଯାଇ ପାରିବ।

୫.୨ ସ୍କୁଲ ଉନ୍ନତିକରଣ ପାଣ୍ଠି ଗଠନ କରାଯିବ। ଏହି ପାଣ୍ଠି ନିମନ୍ତେ ଅଭିଭାବକଙ୍କ ଠାରୁ ଦାନ ସଂଗ୍ରହ କରାଯିବ। ଗ୍ରାମ ପଞ୍ଚାୟତ ଏହି ପାଣ୍ଠିକୁ ବାର୍ଷିକ ୧୦୦୦ ଟଙ୍କା ସହାୟତା ଦେବେ। ଏହି ପାଣ୍ଠିରୁ ସ୍କୁଲ ଆସବାବପତ୍ର ମରାମତି, ବିକଳାଙ୍ଗ ଶିଶୁମାନଙ୍କ ସହାୟତା ନିମନ୍ତେ ଉପକରଣ ଓ ଅନ୍ୟାନ୍ୟ କଣ୍ଟିଜେଣ୍ଟ ଖର୍ଚ୍ଚ କରାଯାଇପାରିବ। ଏହାକୁ ପୂର୍ବରୁ ଗ୍ରାମ ଶିକ୍ଷା କମିଟିରେ ଅନୁମୋଦନ କରାଯିବ।

୫.୩ ବାର୍ଷିକ ୩୦୦୦ ଟଙ୍କା ମଧ୍ୟରେ ସ୍କୁଲମାନଙ୍କୁ ଗ୍ଲୋବ୍, ମ୍ୟାପ, ଚାର୍ଟ, ଲାଇବ୍ରେରୀ ବହି ଇତ୍ୟାଦି ଗ୍ରାମପଞ୍ଚାୟତ ଯୋଗାଇ ଦେଇ ପାରିବେ।

୫.୪ ବାର୍ଷିକ ୧୦୦୦ ଟଙ୍କା ମଧ୍ୟରେ ସ୍କୁଲମାନଙ୍କୁ ଗ୍ରାମପଞ୍ଚାୟତ ଖେଳ ଉପକରଣ ଯୋଗାଇ ଦେଇ ପାରିବେ। ଗ୍ରାମ ପଞ୍ଚାୟତ ଚାହିଁଲେ ଖେଳ ଉପକରଣ ବଦଳରେ ସ୍କୁଲମାନଙ୍କୁ ଶିକ୍ଷା ଉପକରଣ ଯୋଗାଇ ପାରିବେ।

୫.୫ ଗ୍ରାମ ପଞ୍ଚାୟତ ମଧ୍ୟରେ ଥିବା ପ୍ରାଥମିକ ସ୍କୁଲଗୁଡିକର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳନ କରାଯାଇପାରିବ। ଏହି ପ୍ରତିଯୋଗିତା ବେଳେ କ୍ରିଡା ପ୍ରତିଯୋଗୀମାନଙ୍କ ବ୍ୟତୀତ ପ୍ରତ୍ୟେକ ସ୍କୁଲରେ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ସର୍ବୋଚ୍ଚ

ନମ୍ବର ରଖିଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଗୋଟିଏ ଗ୍ରାମ ପଞ୍ଚାୟତ ଏ ବାବଦରେ ସମସ୍ତ ପ୍ରାଥମିକ ସ୍କୁଲ ପାଇଁ ସର୍ବାଧିକ ବାର୍ଷିକ ୭୦୦୦ ଟଙ୍କା ଖର୍ଚ୍ଚ କରି ପାରିବେ।

୫.୬ ସ୍କୁଲରେ ଅଧ୍ୟୟନରତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଛାତ୍ରୀଙ୍କୁ ଜଣ ପ୍ରତି ବାର୍ଷିକ ୧୫୦ ଟଙ୍କା ମଧ୍ୟରେ ସ୍କୁଲ ପୋଷାକ ଗ୍ରାମପଞ୍ଚାୟତ ଯୋଗାଇ ଦେଇ ପାରିବେ।

୫.୭ ଛୋଟ ଛୋଟ ପିଲାଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ନିମନ୍ତେ ସ୍କୁଲରେ ଖସଡା, ଦୋଳି ଓ ଅନ୍ୟାନ୍ୟ ଶିଶୁ ଆକର୍ଷଣକାରୀ ବ୍ୟବସ୍ଥା ଯୋଗାଇ ଦେବାପାଇଁ ଗ୍ରାମପଞ୍ଚାୟତ ସର୍ବୋଚ୍ଚ ୩୦୦୦ ଟଙ୍କା ଖର୍ଚ୍ଚ କରିପାରିବେ।

୫.୮ ଗ୍ରାମପଞ୍ଚାୟତ ଛାତ୍ରୀମାନଙ୍କ ନିମନ୍ତେ ପ୍ରତ୍ୟେକ ସ୍କୁଲରେ ୭୫୦୦ ଟଙ୍କା ମୂଲ୍ୟରେ ଶୌଚାଳୟ ନିର୍ମାଣ କରିପାରିବେ। ତେବେ ଏହି ଶୌଚାଳୟ ସେପ୍ଟିଟ୍ୟାଙ୍କ୍ ସଂଲଗ୍ନ ହେବା ଉଚିତ ଓ ବିଦ୍ୟାଳୟ ହତାରେ ଟିଉବୱେଲ ରହିଥିବା ଆବଶ୍ୟକ।

ଉପର ସୂଚିତ ସମସ୍ତ ଜିନିଷପତ୍ର କିଣିବା କାର୍ଯ୍ୟ ସରପଞ୍ଚ, ନାଏବ ସରପଞ୍ଚ, ସ୍କୁଲର ପ୍ରଧାନ ଶିକ୍ଷକ, ଓ ଗ୍ରାମ ଶିକ୍ଷା କମିଟିର ମୁଖ୍ୟଙ୍କ ଅନୁମୋଦନ କ୍ରମେ ଓ ତତ୍ୱାବଧାନରେ କରାଯାଇ ସ୍କୁଲମାନଙ୍କୁ ଯୋଗାଇ ଦିଆଯାଇପାରିବ।

୬. ବିଶୁଦ୍ଧ ପାନୀୟ ଜଳ ।

୬.୧ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତାଲିମ ପ୍ରାପ୍ତ ଆତ୍ମନିଯୁକ୍ତ ମେକାନିକ(SEM)ମାନଙ୍କୁ ଗ୍ରାମପଞ୍ଚାୟତ ଚିହ୍ନଟ କରି ପ୍ରତ୍ୟେକଙ୍କୁ ଅନ୍ୟୁନ ୨୦ ଗୋଟି ନଳକୂପର ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବେ। ନଳକୂପର ରକ୍ଷଣା ବେକ୍ଷଣ ଓ ଗ୍ରାମ୍ୟ ପରିମଳ ନିମନ୍ତେ ପ୍ରତ୍ୟେକ ଗ୍ରାମ ସ୍ତରରେ ଏକ ଉପଭୋକ୍ତା କମିଟି (Users' Committee)ନିମ୍ନମତେ ଗଠନ କରାଯିବ। ସରପଞ୍ଚ ଓ ତାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ, ୱାର୍ଡ ମେମ୍ବର, ଗ୍ରାମ୍ୟ ସ୍ୱାସ୍ଥ୍ୟକର୍ମୀ / ଏଏନଏମ, ଆତ୍ମନିଯୁକ୍ତ ମେକାନିକ (ଏସ.ଇ.ଏମ) ଓ ୬ ଜଣ ଉପଭୋକ୍ତା ଥିବେ ଏଥି ମଧ୍ୟରୁ ଅନ୍ୟୁନ ତିନି ଜଣ ମହିଳା ହୋଇଥିବେ।

୬.୨ ନଳକୂପରେ ବ୍ୟବହାର ହେଉଥିବା ନଟ୍, ବୋଲ୍ଟ, ୱାସର ପ୍ରଭୃତି ଉପକରଣ ଗ୍ରାମ ପଞ୍ଚାୟତ ଏସଇଏମମାନଙ୍କୁ ଏହି ପାଣ୍ଠିରୁ ଯୋଗାଇଦେବେ। ଏସଇଏମଙ୍କର ଫିସ ଗ୍ରାମ ପଞ୍ଚାୟତ ଦେଇପାରିବେ ନାହିଁ। ତେବେ ନଳକୂପ ବ୍ୟବହାରକାରୀଙ୍କଠାରୁ ଗ୍ରାମପଞ୍ଚାୟତ ଫିସ ଆଦାୟ କରି ଏସଇଏମଙ୍କ ପ୍ରାପ୍ୟ ଦେଇ ପାରିବେ।

୬.୩ ଗ୍ରାମରେ ଥିବା ଖୋଲା କୂପଗୁଡିକୁ ସାନିଟାରୀ କୂପରେ ପରିଣତ କରିବା ନିମନ୍ତେ ସିମେଣ୍ଟ ଘୋଡଣୀ ଓ ହ୍ୟାଣ୍ଡପମ୍ପ ବାବଦରେ ୨୦୦୦ ଟଙ୍କା ଖର୍ଚ୍ଚ କରିପାରିବେ।

୬.୪ ଯେଉଁ ନଳକୂପ ଗୁଡିକରୁ ଲୌହଯୁକ୍ତ ପାଣି ବାହାରୁଥିବ ସେଠାରେ ଲୌହ ନିଷ୍କାସନ ଯନ୍ତ୍ର ବସାଇବାପାଇଁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ଖର୍ଚ୍ଚ କରିପାରିବେ।

୬.୫ ସର୍ବସାଧାରଣ ସ୍ଥାନ ଯଥା ହାଟ, ବସ୍ ରହଣି ସ୍ଥଳ, ଓ ଅନ୍ୟାନ୍ୟ ଯେଉଁ ସ୍ଥାନରେ ଜନସମାଗମ ହେଉଥିବ ସେଠାରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଗ୍ରାମପଞ୍ଚାୟତ ବାର୍ଷିକ ୫୦୦୦ ଟଙ୍କା ଖର୍ଚ୍ଚ କରିପାରିବେ।

୬.୬ ଯେଉଁ ପ୍ରାଥମିକ ସ୍କୁଲରେ ପାନୀୟ ଜଳର ସୁବିଧା ଯଥା, ନଳକୂପ ବା ଖୋଲା କୂପ ଆଦି ନଥିବ ସେଠାରେ ଶ୍ରେଣୀ ଗୃହରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ପଞ୍ଚାୟତ ବାର୍ଷିକ ୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ।

୬.୭ ଗ୍ରୀଷ୍ମ କାଳରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଲେ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମ ପଞ୍ଚାୟତ ପାଣି ଟ୍ୟାଙ୍କର ଜରିଆରେ ପାନୀୟ ଜଳ ଯୋଗାଇ ପାରିବେ ଓ ଏଥି ନିମନ୍ତେ ବାର୍ଷିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ତେବେ ସମ୍ପୃକ୍ତ ଉପଜିଲ୍ଲାପାଳଙ୍କ ଅନୁମୋଦନ ଏଥି ନିମନ୍ତେ ଆବଶ୍ୟକ।

୬.୮ କୂଅ ଓ ପୋଖରୀ ଜଳ ବିଶୋଧନ ନିମନ୍ତେ ଗ୍ରାମପଞ୍ଚାୟତ ଆବଶ୍ୟକୀୟ ଅର୍ଥ ଏହି ପାଣ୍ଠିରୁ ଖର୍ଚ୍ଚ କରିପାରିବେ।

୭. ରାସ୍ତା ଆଲୋକ ବ୍ୟବସ୍ଥା।

୭.୧ ଯେଉଁ ଗ୍ରାମରେ ବିଦ୍ୟୁତ ସଂଯୋଗ ରହିଛି, ସେହି ଗ୍ରାମରେ ରାସ୍ତା, ଆଲୋକ ବ୍ୟବସ୍ଥା କାର୍ଯ୍ୟକ୍ରମ ନିଆଯାଇ ପାରିବ। ଏହି କାର୍ଯ୍ୟକ୍ରମରେ ବଜାର, ଡାକ୍ତରଖାନା ଓ ଗ୍ରାମ ପଞ୍ଚାୟତ ସଦର ମହକୁମାକୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ।

୭.୨ ଯେଉଁଠାରେ ବିଦ୍ୟୁତ ସଂଯୋଗ ନାହିଁ ଗ୍ରାମ ପଞ୍ଚାୟତ ସେହିଠାରେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (OREDA)ସହାୟତାରେ ସୌର ଆଲୋକ ବ୍ୟବସ୍ଥା ଗ୍ରହଣ କରିପାରିବେ।

୭.୩ ରାସ୍ତା ଆଲୋକ ବ୍ୟବସ୍ଥା ଚାଲୁ ରଖିବା ନିମନ୍ତେ ବେସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସଂଶ୍ଳିଷ୍ଟ କରାଯାଇ ପାରିବ।

୭.୪ ରାସ୍ତା ଆଲୋକ ବ୍ୟବସ୍ଥା ବାବଦରେ ଦେୟ ବିଲ ସଂପୃକ୍ତ ଅଞ୍ଚଳର ଉପଭୋକ୍ତାମାନଙ୍କଠାରୁ ଗ୍ରାମପଞ୍ଚାୟତ ଆଦାୟ କରିବେ।

୭.୫ ଲୋକଙ୍କର ଆର୍ଥିକ ସ୍ୱଚ୍ଛଳତାକୁ ବିଚାରକୁ ନେଇ ବିଦ୍ୟୁତ ଦେୟର କେତେକାଂଶ ଗ୍ରାମ ପଞ୍ଚାୟତ ବହନ କରିବେ।

୮. ଗ୍ରାମ୍ୟ ପରିମଳ

୮.୧ ଗ୍ରାମପଞ୍ଚାୟତ ପ୍ରତ୍ୟେକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ୧୫୦୦୦ ଟଙ୍କା ମୂଲ୍ୟରେ ଦୁଇଗୋଟି ସେପ୍ଟି ପାଇଖାନା ତିଆରି କରି ପାରିବେ। ତେବେ ଏଥି ନିମନ୍ତେ ସ୍କୁଲ ପରିସରରେ ନଳକୂପ ରହିଥିବା ଆବଶ୍ୟକ।

୮.୨ ନଳକୂପ ଜଳ ନିଷ୍କାସନ ନିମନ୍ତେ ୩୦୦୦ ଟଙ୍କା ମଧ୍ୟରେ ଗ୍ରାମପଞ୍ଚାୟତ ନଳା ଓ ସୋକପିଟ୍ ନିର୍ମାଣ କରିପାରିବେ।

୮.୩ ଗ୍ରାମ ପଞ୍ଚାୟତ ପ୍ରତ୍ୟେକ ଗ୍ରାମରେ ୨୦୦୦ ଟଙ୍କା ମୂଲ୍ୟ ମଧ୍ୟରେ ଅଳିଆ ଖାତ ନିର୍ମାଣ କରିପାରିବେ।

୮.୪ ଗ୍ରାମ ପଞ୍ଚାୟତ ଗ୍ରାମ୍ୟ ପୁଷ୍କରିଣୀ ଗୁଡିକରୁ ଦଳ ସଫା କାର୍ଯ୍ୟ କରିପାରିବେ।

୮.୫ ଗ୍ରାମ ପଞ୍ଚାୟତ ଗ୍ରାମ ଭିତରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନ୍ ନିର୍ମାଣ କରିପାରିବେ। ତେବେ ପ୍ରାଥମିକ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ରାସ୍ତା ଆଲୋକ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସେବା ନିମନ୍ତେ ଅର୍ଥ ଉପଯୋଗ କରି ସରିବା ପରେ ଡ୍ରେନ କାମ କରାଯାଇ ପାରେ। ଡ୍ରେନ ନିର୍ମାଣ କାର୍ଯ୍ୟ ପାଇଁ ମିଟର ପିଛା ସର୍ବାଧିକ ୩୬୦ ଟଙ୍କା ଖର୍ଚ୍ଚ କରାଯାଇ ପାରିବ।

୮.୬ ଗ୍ରାମ ଚତୁଃପାର୍ଶ୍ୱରେ ଖାଲୁଆ ସ୍ଥାନମାନଙ୍କରେ ଜମି ରହୁଥିବା ପାଣିରେ ମଶା ବଂଶ ବୃଦ୍ଧି ନହେବା ପାଇଁ ଆବଶ୍ୟକୀୟ ରାସାୟନିକ ଦ୍ରବ୍ୟର ପ୍ରୟୋଗ କରାଯାଇ ପାରିବ ଏବଂ ଏଥି ନିମନ୍ତେ ବାର୍ଷିକ ସର୍ବୋଚ୍ଚ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇପାରେ ।

୮.୭ ସର୍ବସାଧାରଣଙ୍କର ବ୍ୟବହୃତ ସ୍ଥାନରେ ବୃକ୍ଷରୋପଣ ଓ ପରିବେଶ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବାର୍ଷିକ ୩୦୦୦ ଟଙ୍କା ମଧ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ।

୮.୮ ପାନୀୟ ଜଳ ନିମନ୍ତେ ଗଠିତ କମିଟି ପରିମଳ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେଇ ପାରିବେ। ଶୌଚାଳୟ ବ୍ୟବହାର ନିମନ୍ତେ ଗ୍ରାମପଞ୍ଚାୟତ ଉପଭୋକ୍ତା ଫି ଆଦାୟ କରିବେ। ଯଦ୍ୱାରା ଶୌଚାଳୟର ରକ୍ଷଣାବେକ୍ଷଣ କରାଯାଇ ପାରିବ।

୯. ସାଧାରଣ ସମ୍ପତ୍ତି, ଶ୍ମଶାନ, କବର ସ୍ଥାନ ଇତ୍ୟାଦିର ରକ୍ଷଣା ବେକ୍ଷଣ।

୯.୧ ଶ୍ମଶାନ , କବରସ୍ଥାନ ତଥା ଅନ୍ୟାନ୍ୟ ସାଧାରଣ ସମ୍ପତ୍ତିର ସୁରକ୍ଷା ନିମନ୍ତେ ଗ୍ରାମ ପଞ୍ଚାୟତ ଉକ୍ତ ସ୍ଥାନଗୁଡିକର ଚତୁର୍ପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିପାରିବେ। ଶ୍ମଶାନ ଓ କବରସ୍ଥାନ ପରିସରରେ ଆଶ୍ରୟସ୍ଥଳୀ, ପକ୍କା ଚୁଲ୍ଲୀ ଓ ବଗିଚା ଇତ୍ୟାଦି କରାଯାଇ ପାରିବ।

୯.୨ ବସ ରହଣି ସ୍ଥଳ, ହାଟ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ପରିଶ୍ରାଗାର ନିର୍ମାଣ କରାଯାଇ ପାରିବ।

୯.୩ ଗ୍ରାମ ପଞ୍ଚାୟତ ଗ୍ରାମରେ ଥିବା ଆଶ୍ରୟସ୍ଥଳୀ, ଭାଗବତ ଟୁଙ୍ଗି ଓ ଅନ୍ୟାନ୍ୟ ସର୍ବସାଧାରଣ ବ୍ୟବହୃତ ସ୍ଥାନକୁ ବାର୍ଷିକ ୧୦୦୦୦ ଟଙ୍କା ମଧ୍ୟରେ ରକ୍ଷଣାବେକ୍ଷଣ କରିପାରିବେ। ତେବେ ପ୍ରାଥମିକ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ, ରାସ୍ତା ଆଲୋକ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ପରେ ସର୍ବସାଧାରଣ ସମ୍ପତ୍ତି, ଶ୍ମଶାନ ଓ କବର ସ୍ଥଳି ରକ୍ଷଣା ବେକ୍ଷଣ ନିମନ୍ତେ ଅର୍ଥ ଉପଯୋଗ କରାଯାଇ ପାରିବ।

୯.୪ ରାସ୍ତା ଆଲୋକ ବ୍ୟବସ୍ଥା ପାଇଁ ଗଠିତ କମିଟି ଏହି ସାଧାରଣ ସମ୍ପତ୍ତିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନେଇ ପାରିବେ ଓ ଉପଭୋକ୍ତାମାନଙ୍କଠାରୁ ଫି ଆଦାୟ କରିପାରିବେ। ଉପଭୋକ୍ତା କମିଟିର ମତାମତକୁ ଗ୍ରାମପଞ୍ଚାୟତ ବିଚାର କରିବେ।

୧୦. ପ୍ରତ୍ୟେକ ମାସ ଗ୍ରାମ ପଞ୍ଚାୟତ ବୈଠକରେ ଏକାଦଶ ଅର୍ଥ କମିଶନ ଗ୍ରାଣ୍ଟ ଉପଯୋଗର ଅଗ୍ରଗତି ଓ ଖର୍ଚ୍ଚ ବିଷୟରେ ଆଲୋଚନା କରାଯିବ। ଗ୍ରାମପଞ୍ଚାୟତ ସଭା ବହିରେ ଆଲୋଚନାର ବିଷୟବସ୍ତୁ ଲିପିବଦ୍ଧ କରାଯିବ ଓ ସମ୍ପୃକ୍ତ କ୍ଷେତ୍ରାଧିକାରୀଙ୍କୁ ପଠାଯିବ।

୧୧. ଗ୍ରାମପଞ୍ଚାୟତକୁ ମିଳିଥିବା ସମସ୍ତ ଅର୍ଥ ଗ୍ରାମ ପାଣ୍ଠି ଭାବେ ନିଆଯାଇ ଆଇନ ଅନୁଯାୟୀ ଏହାର ହିସାବ ରଖାଯିବ। ଗ୍ରାମ ପଞ୍ଚାୟତ ଏକାଦଶ ଅର୍ଥ କମିଶନ ଅନୁଦାନ ନିମନ୍ତେ ସହାୟକ ହିସାବ ଖାତା ପ୍ରଚଳନ କରିବେ।

୧୨. ଏକାଦଶ ଅର୍ଥ କମିଶନ ଅନୁଦାନରୁ ନିଆଯାଇଥିବା କାର୍ଯ୍ୟକ୍ରମ ଗୁଡିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗ୍ରାମପଞ୍ଚାୟତ କାନ୍ଥ ବା ଅବଗତ ହେବା ଭଳି ସ୍ଥାନରେ ଉଲ୍ଲେଖ କରିବା ଆବଶ୍ୟକ।

□□□

# ଗ୍ରାମପଞ୍ଚାୟତର ସମ୍ବଳ, ପରିଚାଳନା ଓ ଆୟ ବୃଦ୍ଧି

ଦେଶରେ ୭୩ତମ ସମ୍ବିଧାନ ସଂଶୋଧନ ପାରିତ ହୋଇସାରିବା ପରେ ଗ୍ରାମପଞ୍ଚାୟତଗୁଡ଼ିକ ନିଶ୍ଚିତ ଭାବରେ ସ୍ୱାୟତ୍ତ ଶାସନର ଭିତ୍ତିଭୂମିରୂପେ ସ୍ୱୀକୃତ ହୋଇଛନ୍ତି । ଗ୍ରାମସ୍ତରରେ ଗ୍ରାମପଞ୍ଚାୟତ ସିଧାସଳଖ ଗ୍ରାମବାସୀମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଉତ୍ତରଦାୟୀ ହେବେ। କିନ୍ତୁ ଯଥେଷ୍ଟ ଆର୍ଥିକ ସମ୍ବଳ ବିନା କୌଣସି ଗ୍ରାମପଞ୍ଚାୟତ ସଫଳ ସ୍ୱାୟତ୍ତ ଶାସନ ସଂସ୍ଥା ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ ନାହିଁ। ସେଥିପାଇଁ ଅଶୋକ ମେହେଟା କମିଟି ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଆଶାନୁରୂପ ସଫଳତା ପାଇପାରୁନାହାନ୍ତି। ଓଡ଼ିଶାରେ ଗ୍ରାମପଞ୍ଚାୟତଗୁଡ଼ିକ ସେମାନଙ୍କର ସମ୍ବଳକୁ ନେଇ ମୁଖ୍ୟତଃ ଚାରୋଟି ସୂତ୍ରରୁ ଅର୍ଥ ଯୋଗାଡ଼ କରିଥାଆନ୍ତି: ଯେମିତିକି-

(୧) ନିଜସ୍ୱ ଆୟ,(୨) ଅନୁଦାନ, (୩) ସ୍ୱତନ୍ତ୍ର ଅନୁଦାନ, ଓ (୪) ଋଣ।

**ନିଜସ୍ୱ ଆୟ :**

**ଯାନବାହନରୁ ଟିକସ :** ଗ୍ରାମପଞ୍ଚାୟତ ପଞ୍ଚାୟତବାସୀଙ୍କ ଠାରୁ ଗୃହଟିକସ, ଜଳକର, ପଞ୍ଚାୟତରେ ଚଳାଚଳ କରୁଥିବା ସାଇକେଲ, ରିକ୍ସା, ଘୋଡ଼ାଗାଡ଼ି ପରି ଅଣମୋଟର ଯାନରୁ ଟିକସ ଆଦାୟ କରିଥାଆନ୍ତି।

**ପଞ୍ଜିକରଣ :** ପଞ୍ଚାୟତରେ ଥିବା ଦୋକାନଘର ଗୃହ, କଂସେଇଖାନା, ଧର୍ମଶାଳା ଆଦିର ଭଡ଼ା, ଡ଼ଙ୍ଗା ଘାଟ, ଗାଁ ହାଟ, ପୋଖରୀ ନିଲାମ, ଗାଇଗୋରୁଙ୍କ ପଞ୍ଜିକରଣ ଆଦିରୁ ପଞ୍ଚାୟତ ଅର୍ଥ ପାଇଥାଆନ୍ତି।

**ଜୋରିମାନା :** ଉପରୋକ୍ତ କରଦାତାମାନେ ସଠିକ ସମୟରେ ଅର୍ଥ ପୈଠ ନକଲେ ପଞ୍ଚାୟତ ଜୋରିମାନା ମଧ୍ୟ ଆଦାୟ କରେ।

**କଳ କାରଖାନାରୁ ଆୟ :** ଏହା ବ୍ୟତୀତ ପଞ୍ଚାୟତରେ ଥିବା କଳ କାରଖାନାଗୁଡ଼ିକ ମଧ୍ୟ ପଞ୍ଚାୟତକୁ ବିଭିନ୍ନ ପ୍ରକାରର ଫି ଦେଇ ଥାଆନ୍ତି।

**ଅନୁଦାନ :**

ସମ୍ବିଧାନର ୨୪୩ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ପଞ୍ଚାୟତକୁ ଅନୁଦାନ ପ୍ରଦାନ ନିମନ୍ତେ ଆଇନ ପ୍ରଣୟନ କରିବେ। କାରଣ ଏପରି ଆଇନ ହେବା ଦ୍ୱାରା ପଞ୍ଚାୟତଗୁଡ଼ିକ ସରକାରଙ୍କଠାରୁ ପାଇଥିବା ବାର୍ଷିକ ଅନୁଦାନର ପରିମାଣ ସୁଷ୍ପଷ୍ଟ ନିର୍ଦ୍ଧାରିତ ହେବା ସହିତ ବିଭିନ୍ନ ସଂସ୍ଥାକୁ ଅନୁଦାନ ପ୍ରଦାନରେ ନିୟମିତତା ରକ୍ଷା କରାଯିବା ସମ୍ଭବ ହୋଇପାରେ। ଓଡିଶାରେ କେନ୍ଦୁପତ୍ର ବ୍ୟବସାୟରୁ ମିଳୁଥିବା ଲାଭାଂଶରୁ ଶତକଡ଼ା ୫୦ ଭାଗ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତିଗୁଡ଼ିକୁ ପ୍ରଦାନ କରାଯାଉଛି। ଏଥିରୁ ୯୦ ପ୍ରତିଶତ କେନ୍ଦୁପତ୍ର ସଂଗ୍ରହ ହେଉଥିବା ଅଞ୍ଚଳର ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ପ୍ରଦାନ କରାଯାଇଥାଏ। ବାକି ୧୦ ପ୍ରତିଶତ ଅନ୍ୟ ଅଞ୍ଚଳର ପଞ୍ଚାୟତମାନଙ୍କୁ ଦିଆଯାଏ।

**ସ୍ୱତନ୍ତ୍ର ଅନୁଦାନ :**

କେତେକ ବିଶେଷ କାର୍ଯ୍ୟକ୍ରମପାଇଁ ବିଭିନ୍ନ ଅର୍ଦ୍ଧସରକାରୀ ଓ ବେସରକାରୀ ସଂସ୍ଥା ପଞ୍ଚାୟତଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିଥାଆନ୍ତି। ଯେପରିକି ପ୍ରୌଢ଼ଶିକ୍ଷା, କୁଟୀର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ, ଜବାହାର ରୋଜଗାର ଯୋଜନା ଆଦି କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା ପାଇଁ ମଧ୍ୟ ପଞ୍ଚାୟତିରାଜସଂସ୍ଥାଙ୍କୁ ଅନୁଦାନ ମିଳିଥାଏ। ଏହି ସବୁ କାର୍ଯ୍ୟପାଇଁ ପଞ୍ଚାୟତ ଯେଉଁ ସବୁ ସଂସ୍ଥାର କାର୍ଯ୍ୟକୁ କାର୍ଯ୍ୟକାରୀ କରିଥାଏ ସେହି ସଂସ୍ଥା ଏଥିପାଇଁ ପଞ୍ଚାୟତକୁ ଅର୍ଥ ଦିଏ।

ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟପାଇଁ ପଞ୍ଚାୟତଗୁଡ଼ିକ ଋଣ ମଧ୍ୟ କରିଥାଆନ୍ତି। ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ୭୩ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସାମ୍ବିଧାନିକ ସୁରକ୍ଷା ଓ ସ୍ୱୀକୃତି ଲାଭ କରିଥିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସ୍ୱାୟତ୍ତ ହୋଇପାରି ନାହାନ୍ତି। ଗ୍ରାମାଞ୍ଚଳର ବିକାଶପାଇଁ ଖର୍ଚ୍ଚର ଆବଶ୍ୟକତା ଓ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଆୟ ମଧ୍ୟରେ ପାର୍ଥକ୍ୟ ବଢ଼ି ବଢ଼ି ଯାଉଛି। ୭୩ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥାରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ପାଇଁ ସେପରି ସ୍ପଷ୍ଟ ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରେ ଆର୍ଥୀକ ବିକେନ୍ଦ୍ରୀକରଣ ଠିକ ରୂପେ ହୋଇନାହିଁ ବୋଲି ବିଶ୍ୱବ୍ୟାଙ୍କ ତାଙ୍କ ଆର୍ଥିକ ବିକେନ୍ଦ୍ରୀକରଣ ଓ ଗ୍ରାମାଞ୍ଚଳ ଶାସନ ବ୍ୟବସ୍ଥା ରିପୋର୍ଟରେ କହିସାରିଛନ୍ତି।

ନିଜ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାପାଇଁ ପଞ୍ଚାୟତଗୁଡିକ ବାଣିଜ୍ୟିକ ଉଦ୍ୟୋଗ ଆରମ୍ଭ କରିବା ଉଚିତ। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ସହିତ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ନିଯୁକ୍ତିର ସୁଯୋଗ ମିଳି ପାରିବ। ପଞ୍ଚାୟତରେ ଅବସ୍ଥିତ ଥିବା ସର୍ବସାଧାରଣ ଜମି, ଗଛ, ଅଣସଂରକ୍ଷିତ ଜଙ୍ଗଲମାନ ପଞ୍ଚାୟତକୁ ହସ୍ତାନ୍ତର କରାଇ ପାରିଲେ ଏହାର ସ୍ଥାୟୀ ସମ୍ପତ୍ତି ସହିତ ଆୟ ମଧ୍ୟ ବୃଦ୍ଧି ହେବ। କେତେକ ଲାଭଜନକ ସଂସ୍ଥାର ସମ୍ପତ୍ତି ଯଥା କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ଫଳ ବଗିଚା, ଚାରା ନର୍ସରୀ, ଅଟା କଳ, ଜାଳେଣୀ କାଠ ଇତ୍ୟାଦି ପାଇଁ ଗ୍ରାମ ଜଙ୍ଗଲ ଆଦି ମଧ୍ୟ ସୃଷ୍ଟି କରାଯାଇପାରେ। ପଞ୍ଚାୟତ ସ୍ତରରେ "ଶସ୍ୟଅମାର"ମାନ ଗଢାଯାଇ ଅସୁବିଧାବେଳେ ଜନସାଧାରଣଙ୍କ ଆବଶ୍ୟକତାକୁ ମେଣ୍ଟାଯାଇପାରେ। ଧାର ନେଇଥିବା ବ୍ୟକ୍ତି ଶସ୍ୟ ଫେରସ୍ତ କଲାବେଳେ ସୁଧରୂପେ ଅଳ୍ପ କିଛି ଶସ୍ୟ ସୁଧ ରୂପେ ମଧ୍ୟ ଶସ୍ୟ ଅମାରକୁ ଦେଇ ପାରିବେ। ଯାହା ଫଳରେ ଶସ୍ୟ ଅମାରରେ ଶସ୍ୟ ପରିମାଣ ବୃଦ୍ଧି ପାଇବ। ଏହାକୁ ଲାଭାଂଶ ରୂପେ ନେଇ ସେଥିରୁ କେତେକ ସାମାଜିକ କାର୍ଯ୍ୟ ମଧ୍ୟ କରାଯାଇ ପାରିବ।

ପ୍ରତିବର୍ଷ ସରକାରୀ ଅନୁଦାନର ପରିମାଣ ସ୍ଥିର ନହୋଇ ଗୋଟିଏ ପଞ୍ଚବାର୍ଷିକ ଯୋଜନାର ଅବଧି କାଳ ( ୫ ବର୍ଷ ପାଇଁ ସ୍ଥିର କରାଯାଇପାରେ। ଏହା ମଧ୍ୟ ପଞ୍ଚାୟତଗୁଡିକୁ ପୂର୍ବରୁ ଜଣାଇ ଦିଆଯିବା ଉଚିତ। ଅନୁଦାନ ପରିମାଣର ସ୍ଥିରତା ଓ ନିୟମିତତା ରହିଲେ ପଞ୍ଚାୟତଗୁଡିକ ନିଜ କାର୍ଯ୍ୟ ଯୋଜନା ମଧ୍ୟ ବହୁ ପୂର୍ବରୁ କରିପାରିବେ। ଫଳରେ ପଞ୍ଚାୟତ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ। ପ୍ରତି ପଞ୍ଚାୟତ ଯେତିକି ଅନୁଦାନ ପାଇବା କଥା, ତାହା ଠିକ୍ ସମୟରେ ସେମାନଙ୍କ ପାଖରେ ନ ପହଞ୍ଚିଲେ, ଯୋଜନାମାନ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏ ଦିଗରେ କୌଣସି ପ୍ରକାରର ଅବହେଳା ବା ବିଳମ୍ବକୁ ବରଦାସ୍ତ କରାଯାଇ ପାରିବ ନାହିଁ।

ପଞ୍ଚାୟତଗୁଡିକର ଋଣ କରିବା କ୍ଷମତା ସୀମିତ ଓ ସରକାରଙ୍କ ନିୟନ୍ତ୍ରଣରୁ ବାହାରକୁ ଯାଇପାରି ନାହିଁ। ସେଥିପାଇଁ ସାନ୍ତାନାମ କମିଟି ସୁପାରିଶ କରିଥିଲେ ଯେ ରାଜ୍ୟ ସରକାରମାନେ ସେମାନଙ୍କ ରାଜ୍ୟରେ ଗୋଟିଏ ଗୋଟିଏ 'ପଞ୍ଚାୟତିରାଜ ଫାଇନାନ୍ସ କରପୋରେସନ' ଗଢନ୍ତୁ ଓ ସେଥିରୁ ଗ୍ରାମ ପଞ୍ଚାୟତମାନେ ଋଣ ନେଇ ଯେପରି ନିଜ ସ୍ଥିତିକୁ ମଜବୁତ କରିବେ ତା ପାଇଁ ବ୍ୟବସ୍ଥା କରାଯାଉ।

ତେବେ ଗତ ୨୦୦୪ ମସିହାରୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ 'ବଜାର-ସଡ଼କ-ପାଣି' ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିରେ ୧୦୦୦୦ ଗାଁଆରେ କଙ୍କ୍ରିଟ ରାସ୍ତା, ୧୫,୬୦୦ ଦୋକାନ ଘର ନିର୍ମାଣ, ଜଳସେଚନ ପାଇଁ ୩୧୪ଟି ବ୍ଲକରେ ଗୋଟିଏ ଲେଖାଁଏ ବଡ଼ ପୁଷ୍କରଣୀ, ଖନନ ପାଇଁ ଆର୍ଥୀକ ବ୍ୟବସ୍ଥା କରାଯାଇଥିଲା। ଇତି ମଧ୍ୟରେ ୧୧୭୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଇତି ମଧ୍ୟରେ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯାଇ ସାରିଛି। ଏହା ଗ୍ରାମପଞ୍ଚାୟତର ମାଲିକାନାରେ ହିଁ ପରିଚାଳିତ ହେବ। ପୁଷ୍କରଣୀମାନଙ୍କର ପୁନରୁଦ୍ଧାର ହେବାପରେ ଏଥିରୁ ଜଳସେଚନର ସୁବିଧା ଦିଆଯିବା ସହିତ ସେଥିରେ ମାଛଚାଷ ମଧ୍ୟ କରାଯିବ। ଏହାର ଜଳ ସଂରକ୍ଷଣ କରାଯିବ। ଏହାର ଚାରିପଟର ଆଦ୍ରତା ରକ୍ଷାକରାଯାଇ ଜଳଧାରଣ କ୍ଷମତାକୁ ଆଧାର କରି ଆଇକଟ ଚିହ୍ନଟ କରାଯିବ। ପଞ୍ଚାୟତ କିମ୍ବା ସ୍ୱୟଂସହାୟକ ଗୋଷ୍ଠୀକୁ ପୁଷ୍କରଣୀକୁ ଲିଜ ସୂତ୍ରରେ ଦେଇପାରିବେ। ପୋଖରୀ ହୁଡ଼ାରେ ଫଳନ୍ତି ଗଛ ଲଗାଯିବ। ଏହାଦ୍ୱାରା ପଞ୍ଚାୟତଗୁଡିକର କିଛି ମାତ୍ରାରେ ଆୟ ବୃଦ୍ଧିପାଇବା ସହିତ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ।

**ପ୍ରାକୃତିକ ସମ୍ବଳରୁ ପଞ୍ଚାୟତର ଆୟବୃଦ୍ଧି :-**

ପଞ୍ଚାୟତରେ ଥିବା ପ୍ରାକୃତିକ ସମ୍ପଦ, ଜମି,ଜଳ ଓ ଜଙ୍ଗଲ ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ କରି ଏହାର ସୁପରିଚାଳନା କରିପାରିଲେ ପଞ୍ଚାୟତର ଆୟ ବୃଦ୍ଧି ଘଟିବ।

**ସ୍ଥାୟୀ ଗୋଷ୍ଠୀ ସମ୍ବଳ -**

ପଞ୍ଚାୟତର ସ୍ଥାୟୀ ଗୋଷ୍ଠୀ ସମ୍ପଦ ପୋଖରୀ, ବନ୍ଧ, କେନାଲ,ହାଟ, ନଳକୂପ, ରାସ୍ତା, ପୋଲ ଇତ୍ୟାଦି ଅଚଳ ହୋଇପଡିଲେ ଏକେ ତ ଲୋକଙ୍କର ଅସୁବିଧା ହୁଏ, ଦୁଇରେ ପଞ୍ଚାୟତର ଆୟ କମିଯାଏ। ତେଣୁ ସେସବୁର ଏକ ଚିଠା ପ୍ରସ୍ତୁତ କରି ସେସବୁକୁ ସଠିକ ଭାବରେ ରକ୍ଷଣାବେକ୍ଷଣ କରି ପଞ୍ଚାୟତର ଆୟ ବୃଦ୍ଧି କରାଯାଇ ପାରିବ।

ମାନବ ସମ୍ବଳ- ପଞ୍ଚାୟତରେ ଥିବା ବିଭିନ୍ନ ପେଷାଦାର ବ୍ୟକ୍ତି ଯେପରିକି ବିଭିନ୍ନ କାରିଗର, କୁଶଳୀ କାରିଗର, ଭଲ ଚାଷି, ଶିକ୍ଷିତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କର ସମବାୟ ଗଢିବାକୁ ହେବ।

ଏହା ବ୍ୟତୀତ ପଞ୍ଚାୟତରେ କୋଠଚାଷ କରି ମଧ୍ୟ ପଞ୍ଚାୟତର ସମ୍ବଳ ବିକାଶ କରାଯାଇପାରିବ। ❑❑❑

# ବିକାଶମୂଳକ ଯୋଜନାରେ ପଞ୍ଚାୟତର ଭୂମିକା

ପୂର୍ବରୁ ଗାଁ ଗହଳିରେ ଥିବା ଲୋକଙ୍କପାଇଁ ବିକାଶ ଯୋଜନାଗୁଡିକ ଯୋଜନାକାରୀମାନେ ଦେଶ ବା ରାଜ୍ୟର ରାଜଧାନୀରେ ବସି କରୁଥିଲେ। ଯୋଜନା ଯେଉଁମାନଙ୍କ ପାଇଁ ହେଉଥିଲାଶ ସେମାନେ କ'ଣ ଚାହାନ୍ତି ବା ସେମାନଙ୍କର ଇଚ୍ଛା କ'ଣ ସେକଥା ଉପରେ ସେଭଳି ଗୁରୁତ୍ୱ ଦିଆଯାଉ ନ ଥିଲା। ସିଧା କଥାରେ କହିଲେ ଯୋଜନାକୁ ଉପର ସ୍ତରରୁ ତଳ ସ୍ତର ଉପରେ ଲଦି ଦିଆଯାଉଥିଲା। ତେଣୁ ତୃଣମୂଳ ସ୍ତରରେ ଲୋକେ ଯୋଜନା ଓ ତଦ୍‌ଜନିତର ବିକାଶର ସୁଫଳ ପାଇପାରୁ ନ ଥିଲେ। ଧୀରେ ଧୀରେ ଏହି ଅବସ୍ଥାରେ ପରିବର୍ତ୍ତନ ଘଟିଛି। ତଳ ସ୍ତରରେ ଥିବା ଲୋକଙ୍କ ମଙ୍ଗଳ ନିମିତ୍ତ ପଞ୍ଚାୟତ ସ୍ତରରୁ ଯୋଜନା ପ୍ରସ୍ତୁତିପାଇଁ ଗୁରୁତ୍ୱ ଦିଆଯିବା ଆରମ୍ଭ ହୋଇଛି। ଏହି ବ୍ୟବସ୍ଥାକୁ ବଳବତ୍ତର କରିବାପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପଞ୍ଚାୟତଗୁଡିକୁ ସ୍ୱପ୍ରକଳ୍ପ ତାଲିକା ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଉଛି। ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବିଷୟରେ ସ୍ୱପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବା ସମ୍ପର୍କରେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀମାନଙ୍କୁ ଅବଗତ କରାଯାଇ ସାରିଛି । ଏହାର ଉଦ୍ଦେଶ୍ୟ ହେଉଛି ଯେ ଲୋକେ ନିଜ ଗାଁ, ନିଜ ପଞ୍ଚାୟତର ବିକାଶ ସହ ନିଜର ବିକାଶ ପାଇଁ ନିଜେ ଯୋଜନା ଓ ପ୍ରକଳ୍ପ ପ୍ରସ୍ତୁତ କରିବେ। ଗାଁଲୋକେ ସେମାନଙ୍କର ସମସ୍ୟା ଓ ଆବଶ୍ୟକତାଗୁଡିକୁ ଚିହ୍ନଟ କରିବେ। ଏହାକୁ ନେଇ ସହଭାଗୀ ପ୍ରକ୍ରିୟାରେ ଯୋଜନା ତିଆରି କରିବେ।

ଏହି ପ୍ରକ୍ରିୟାରେ ଗ୍ରାମପଞ୍ଚାୟତ ତାଙ୍କ ଅଞ୍ଚଳରେ କେତେଗୁଡିଏ ନିର୍ଦ୍ଦିଷ୍ଟ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟଗୁଡିକ କରାନ୍ତି। ଯେମିତିକି-

(୧) ନିଜ ସମ୍ବଳରୁ ସମ୍ପାଦିତ ହୋଇପାରୁଥିବା କାର୍ଯ୍ୟ ସହିତ ଉପ-କର ବିଭାଜନ, କେନ୍ଦୁପତ୍ର ଅନୁଦାନ, ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ କରାଯାଉଥିବା ଅନ୍ୟ ଯେକୌଣସି ସାଧାରଣ ରାଜସ୍ୱ ଆଦାୟ ବା ଆୟର ପରିଚାଳନା,

(୨) ଋଣ କିମ୍ବା ଅନୁଦାନ ଆକାରରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମପଞ୍ଚାୟତଗୁଡ଼ିକୁ ମଞ୍ଜୁର ହୋଇଥିବା ଅର୍ଥରୁ ସେହି କାର୍ଯ୍ୟର ସମ୍ପାଦନ,

(୩) ଭାରତ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନ ଯୋଜନା ମାଧ୍ୟମରେ ଯେପରିକି :-

**(କ) ଜବାହାର ରୋଜଗାର ଯୋଜନା :**

୧୯୮୯-୯୦ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା ଜବାହାର ରୋଜଗାର ଯୋଜନା ଦେଶର ବିଭିନ୍ନ ପଛୁଆ ଜିଲ୍ଲାରେ ଥିବା ବେରୋଜଗାରୀ ଓ ଅର୍ଦ୍ଧବେରୋଜଗାରୀ ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ। ୧୯୯୩-୯୪ ମସିହାରୁ ୧୨ଟି ରାଜ୍ୟର ୧୨୦ଟି ଜିଲ୍ଲାରେ ଲକ୍ଷ୍ୟଭିତ୍ତିକ ଜବାହାର ରୋଜଗାର ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି। ଏଥିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହିତ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା, ମୃତ୍ତିକା ଓ ଜଳ ସଂରକ୍ଷଣ ବ୍ୟବସ୍ଥା, ଜଳ ଅମଳ ପ୍ରକଳ୍ପ, ପତିତ ଜମି ଉନ୍ନୟନ, ବନୀକରଣ ଇତ୍ୟାଦି କାର୍ଯ୍ୟ କରାଯାଉଛି। ବିଶେଷ ଆଦିବାସୀ ଅଞ୍ଚଳଗୁଡିକରେ ଅନ୍ୟାନ୍ୟ "ଉତ୍ସ / କାର୍ଯ୍ୟକ୍ରମ" ରୁ ଅତିରିକ୍ତ ପାଣ୍ଠି ସହ ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ କରିବାରେ ସବୁଦିନିଆ ରାସ୍ତା, ପ୍ରାଥମିକ ବିଦ୍ୟାଳୟ, କ୍ଷୁଦ୍ର ଗ୍ରାମୀଣ ବଜାର ପ୍ରଭୃତି କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଜବାହାର ରୋଜଗାର ଯୋଜନା ଦ୍ୱାରା ହାତକୁ ନିଆଯାଇପାରେ।

**(ଖ) ନିୟୁତ କୂପ ଯୋଜନା :**

୧୯୮୮-୮୯ରେ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ / ଗ୍ରାମୀଣ ଭୂମିହୀନ ନିଯୁକ୍ତି ପ୍ରତିଶୃତି କାର୍ଯ୍ୟକ୍ରମର ଉପଯୋଜନା ଭାବେ ହରିଜନ / ଆଦିବାସୀ ଏବଂ ମୁକ୍ତ ଗୋତି ଶ୍ରମିକମାନଙ୍କ ପରି ଦରିଦ୍ର, କ୍ଷୁଦ୍ର ଓ ମଧ୍ୟବିତ୍ତ ଚାଷୀମାନଙ୍କ ପାଇଁ ମାଗଣାରେ 'ଖୋଲା ଜଳସେଚନ କୂପ' ଯୋଗାଇଦେବାକୁ 'ନିୟୁତ କୂପ ଯୋଜନା' ପ୍ରଚଳନ କରାଯାଇଥିଲା। ୧୯୮୯ ଏପ୍ରିଲ ୧ ତାରିଖରୁ ଏହି ଯୋଜନା ଜବାହାର ରୋଜଗାର ଯୋଜନା ଦ୍ୱାରା ଚାଲୁ ହେଲା। ୧୯୯୩-୯୪ରୁ ଏହି ବ୍ୟବସ୍ଥା ଅଣ ଆଦିବାସୀ / ହରିଜନ ଶ୍ରେଣୀର ଦରିଦ୍ର, କ୍ଷୁଦ୍ର ଓ ମଧ୍ୟବିତ୍ତ ଚାଷୀମାନଙ୍କ ପାଇଁ ମଧ୍ୟ ଲାଗୁ ହୋଇଛି। ଏଥିରେ ଗୋଟିଏ ସର୍ତ୍ତ ରହିଛି ଯେ ଲୋକମାନଙ୍କ ପାଇଁ କରାଯାଉଥିବା ଏହି ଯୋଜନାର ସମଗ୍ର ଅଟକଳର ଏକ ତୃତୀୟାଂଶରୁ ଅଧିକ ଖର୍ଚ୍ଚ କରାଯିବ ନାହିଁ।

## (ଗ) ଇନ୍ଦିରା ଆବାସ ଯୋଜନା :

ଗ୍ରାମୀଣ ଭୂମିହୀନ ନିଯୁକ୍ତି ପ୍ରତିଶ୍ରୁତି କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଂଶ ଭାବେ ୧୯୮୫-୮୬ରୁ ଗ୍ରାମାଞ୍ଚଳରେ ହରିଜନ /ଆଦିବାସୀ ଓ ମୁକ୍ତ ଗୋଡି ଶ୍ରମିକମାନଙ୍କୁ ମାଗଣାରେ ବାସଗୃହ ଯୋଗାଇବା ଲକ୍ଷ୍ୟ ନେଇ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲା। ୧୯୮୯-୯୦ ମସିହା ଠାରୁ ଉକ୍ତ ଯୋଜନା ଜବାହାର ରୋଜଗାର ଯୋଜନା ଅଧୀନରେ ଚାଲିଲା। ୧୯୯୩-୯୪ ଠାରୁ ଏହି ଯୋଜନାର ୪ ପ୍ରତିଶତ ଅର୍ଥ ( ଅଧିକ ନୁହେଁ) ଅଣହରିଜନ / ଆଦିବାସୀ / , ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖାତଳେ ଥିବା ବ୍ୟକ୍ତିମାନଙ୍କ ବାସଗୃହ ନିର୍ମାଣପାଇଁ ଖର୍ଚ୍ଚ କରାଯାଉଛି।

## (ଘ) ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା।

ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏନଆରଇଜିଏ) ର ଉଦ୍ଦେଶ୍ୟ ହେଉଛି ଗୋଟିଏ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ରହୁଥିବା ଯେ କୌଣସି ପରିବାରର ସାବାଳକ ସଦସ୍ୟଙ୍କୁ (ଯେଉଁମାନେ  ନିଜ ଇଚ୍ଛାରେ ଅଣକୁଶଳୀ ଶାରୀରିକ ପରିଶ୍ରମ କରିବାକୁ ପ୍ରସ୍ତୁତ ଥିବେ) ୧୦୦ ଦିନର ନିଶ୍ଚିତ ରୋଜଗାର ଯୋଗାଇବା, ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସାମୂହିକ ସମ୍ପତ୍ତି ସୃଷ୍ଟି କରିବା, ଗ୍ରାମାଞ୍ଚଳରେ ରହୁଥିବା ଗରିବ ଲୋକମାନଙ୍କର ଜୀବନ ଜୀବିକାକୁ ସୁଦୃଢ଼ କରିବା। ଏଥିରେ ଜଳ ସଂରକ୍ଷଣ ଏବଂ ଜଳ ସଞ୍ଚୟ, ସୁକ୍ଷ୍ମ ଏବଂ ଲଘୁ ଜଳସେଚନର କାମ, ମରୁଡି ପ୍ରତିକାର ପାଇଁ ବୃକ୍ଷ ରୋପଣ, ଜଳ ବିଭାଜିକା ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ, ଭୂମିସୁଧାର କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କପାଇଁ ଜଳସେଚନର ସୁବିଧା, ଜଳାଶୟ ଏବଂ ପାନୀୟ ଜଳ ପାଇଁ ବ୍ୟବହୃତ କୂଅମାନଙ୍କରେ ନବୀକରଣ ଓ ଶୁଦ୍ଧିକରଣ, ବନ୍ୟା ନିୟନ୍ତ୍ରଣ ଓ ସୁରକ୍ଷା, ଗ୍ରାମାଞ୍ଚଳ ପାଇଁ ସବୁଦିନିଆ ରାସ୍ତା,ଜମି ରହିଥିବା ପାଣିର ନିଷ୍କାସନ ବ୍ୟବସ୍ଥା ଏବଂ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଦ୍ୱାରା ସ୍ୱୀକୃତ ଅନ୍ୟ କାର୍ଯ୍ୟ ମାନ କରାଯିବ।

## (ଙ) ପଛୁଆ ଅଞ୍ଚଳ ବିକାଶ ପାଣ୍ଠି (ବିଆରଜିଏଫ)

ବିକାଶ କ୍ଷେତ୍ରରେ ବିଭିନ୍ନ ଅଞ୍ଚଳ ଭିତରେ ରହୁଥିବା ଅସାମଞ୍ଜସ୍ୟତାକୁ ଦୂର କରିବାପାଇଁ ଏହି ଯୋଜନା କରାଯାଇଛି। ଦେଶର ୨୫୦ଟି ଜିଲ୍ଲାକୁ ଏଥିରେ ସାମିଲ କରାଯାଇଛି। ଏହି ସବୁ ଜିଲ୍ଲାରେ ମୂଳଭୁତ ସୁବିଧାଗୁଡିକର ବିକାଶ ପାଇଁ ଏବେ ଯେତିକି ଅର୍ଥ ଆସୁଛି ତାହା ବାହାରେ ଏହି ସବୁ ଅର୍ଥକୁ ଖର୍ଚ୍ଚ କରାଯିବ।  ପଞ୍ଚାୟତ ଓ ପୌରପାଳିକା ସ୍ତରର ପ୍ରଶାସନକୁ ସୁଦୃଢ଼ କରିବା, ସ୍ଥାନୀୟ ସଂସ୍ଥାଗୁଡିକୁ ଯୋଜନା ପ୍ରସ୍ତୁତି, କ୍ରିୟାନ୍ୱୟନ ଏବଂ ନିୟନ୍ତ୍ରଣରେ ସହାୟତା କରିବାପାଇଁ ଏହି ପାଣ୍ଠି ସହାୟତା କରିବ।

## (ଙ) ଏନ୍‌ଆର୍‌ଏଚ୍‌ଏମ୍

ଦେଶରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ମିଶନ ବା ଏନଏଚଆରଏମ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା।  ଉତ୍ତମ ସ୍ୱାସ୍ଥ୍ୟ ହିଁ ସାମାଜିକ ତଥା ଆର୍ଥିକ ବିକାଶର ଚାବିକାଠି ହୋଇଥିବାରୁ ସମସ୍ତ ଗ୍ରାମୀଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ମୂଳଦୁଆ ଭାବରେ ନିଆଯାଇଥାଏ। ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଦେଖାଦେଉଥିବା ସମସ୍ତ ଅବ୍ୟବସ୍ଥାକୁ ଦୁର କରିବା ପାଇଁ ଭାରତ ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ମିଶନ ଚାଲୁ କରିଛନ୍ତି।

ଦେଶର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବିଶେଷ ଭାବରେ ନଜରରେ ରଖି ଗତ ୧୨ ଏପ୍ରିଲ ୨୦୦୫ ତାରିଖରୁ ଦେଶର ୧୮ଟି ରାଜ୍ୟରେ ସାତ ବର୍ଷ (୨୦୦୫ ରୁ ୨୦୧୨ ମସିହା  ପର୍ଯ୍ୟନ୍ତ) ପାଇଁ ଏନ ଏଚଆରଏମର ଶୁଭାରମ୍ଭ କରାଯାଇଛି।

**ଆଶା :** ଏନଏଚଆରଏମ ପକ୍ଷରୁ ଗ୍ରାମୀଣ ଅଞ୍ଚଳରେ 'ଆଶା' କର୍ମୀମାନଙ୍କୁ ନିଯୁକ୍ତ କରାଯାଇଛି ଯେଉଁମାନଙ୍କର କାର୍ଯ୍ୟ ହେଉଛି ସ୍ୱାସ୍ଥ୍ୟରକ୍ଷା କେନ୍ଦ୍ର ତଥା ଗ୍ରାମବାସୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରାଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ସମସ୍ୟା ଦୁର କରାଇବା।

ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ମାନ ପ୍ରସ୍ତୁତ କରାଯାଇଛି । ଯେମିତିକି-

**(କ) ବିଜୁ କେବିକେ ଯୋଜନା**

ବିଜୁ କେବିକେ ଯୋଜନା ହେଉଛି ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟପରି ପଛୁଆ ଜିଲ୍ଲା ଗୁଡିକର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଏକ ଜନହୀତକର ଯୋଜନା । ୨୦୦୬-୦୭ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୦୭-୦୮ ରୁ ୨୦୧୧-୧୨ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଏକାଦଶ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ କାର୍ଯ୍ୟକାରୀ ହେବ । ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଏଥିରେ ୬୦୦ କୋଟି ଟଙ୍କା ବ୍ୟୟ କରାଯିବ । ଏହି ଯୋଜନାରେ ଉପରୋକ୍ତ ଜିଲ୍ଲାଗୁଡିକରେ ଥିବା ୧୦,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କର ନିଜ ଅଫିସ ଗୃହ ନିର୍ମାଣ କରିବା, ଅଙ୍ଗନୱାଡି କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନିର୍ମାଣ, ଛାତ୍ରୀ ନିବାସ ନିର୍ମାଣ, ସେତୁ ଓ କଲଭର୍ଟ ନିର୍ମାଣ ପାଇଁ ସହାୟତା ଯୋଗାଇ ଦିଆଯିବ ।

**(ଖ) ଗୋପବନ୍ଧୁ ଗ୍ରାମୀଣ ବିକାଶ ଯୋଜନା ।**

ସେହିପରି ଓଡିଶା ସରକାର ରାଜ୍ୟର ୧୧ଟି ପଛୁଆ ଜିଲ୍ଲାର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏହି ଜିଲ୍ଲା ଗୁଡିକ ହେଉଛି ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, କଟକ, ଯାଜପୁର, ଜଗତସିଂହପୁର,କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ ଏବଂ ପୁରୀ । ଏହି ସବୁ ଜିଲ୍ଲାଗୁଡିକ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପଛୁଆ ଅଞ୍ଚଳ ଗ୍ରାଣ୍ଟ ଫଣ୍ଡ ସହାୟତାରେ ସାମିଲ କରାଯାଇ ନାହିଁ । ଏହି ଯୋଜନାରେ ମୁଖ୍ୟତଃ ଉପରୋକ୍ତ ଜିଲ୍ଲାଗୁଡିକରେ ବିଜୁଳି, ପାଣି, ସଡକ ପରି ମୂଳଭୁତ ସୁବିଧାଗୁଡିକୁ ବିକଶିତ କରାଇବାର ବ୍ୟବସ୍ଥା କରାଯିବ ।

ଏହି ସବୁ ଯୋଜନା ଗୁଡିକର ଉଦ୍ଦେଶ୍ୟ ଅନେକ । ତନ୍ମଧ୍ୟରୁ ଲାଭଜନକ କର୍ମପନ୍ଥା ସୃଷ୍ଟିକରିବା,ଗ୍ରାମାଞ୍ଚଳର ଆର୍ଥିକ ଅବସ୍ଥାକୁ ସୁଦୃଢକରି ସ୍ଥାୟୀ କାମଧନ୍ଦା ସୃଷ୍ଟି କରିବା, ଗୋଷ୍ଠୀ ଓ ସାମାଜିକ ସମ୍ପଦ ସୃଷ୍ଟିକରିବା, ଗ୍ରାମାଞ୍ଚଳ ଦରିଦ୍ର ଲୋକଙ୍କ ହିତପାଇଁ ବିଭିନ୍ନ ସମ୍ବଳ ସୃଷ୍ଟି କରିବା, ମଜୁରିଆ ଶ୍ରେଣୀର ଲୋକଙ୍କ ଉପରେ ଆଶାଜନକ ପ୍ରଭାବ ପକାଇବା ସହିତ ଗ୍ରାମାଞ୍ଚଳରେ ଜୀବନଯାପନ ମାନଦଣ୍ଡର ସାମଗ୍ରୀକ ଉନ୍ନତି ଘଟାଇବା ଆଦି ମୁଖ୍ୟ । ତେବେ, ଯୋଜନା ପ୍ରସ୍ତୁତି ବେଳେ ପଞ୍ଚାୟତ କେତୋଟି ବିଷୟ ଉପରେ ନିଶ୍ଚିତ ଦୃଷ୍ଟି ରଖିବେ, ଯେମିତିକି ଉନ୍ନୟନପାଇଁ ସମସ୍ତ ଯୋଜନା ଗ୍ରାମପଞ୍ଚାୟତ ସଭାରେ ଆଲୋଚନା ହେବା, ଗ୍ରାମରେ ଥିବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସୁବିଧା ସୁଯୋଗ ଉପରେ ଦୃଷ୍ଟି ଦିଆଯିବା, ଅନୁସୂଚିତ ଜାତି ଓ ଉପଜାତି, ମହିଳା ଏବଂ ଗ୍ରାମର ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ହିତସାଧନ କରୁଥିବା କାର୍ଯ୍ୟ ଉପରେ ଅଗ୍ରାଧିକାର ଦିଆଯିବା ଇତ୍ୟାଦି ।

□□□

# ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଓ ପଞ୍ଚାୟତିରାଜ

ଭାରତରେ ବେକାରୀ ଏକ କ୍ରମବର୍ଦ୍ଧିଷ୍ଣୁ ସମସ୍ୟା । ତେଣୁ ଦେଶବାସୀଙ୍କୁ ଆଇନଗତ ଭାବେ କର୍ମସଂସ୍ଥାନ ଓ ନିଯୁକ୍ତିର ଗ୍ୟାରେଣ୍ଟି ଯୋଗାଇଦେବାପାଇଁ ସଂସଦରେ 'ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ-୨୦୦୫' ପ୍ରଣିତ ହୋଇ ସାରିଛି।

ଏହି ଆଇନର ମୂଳ ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରର ସାବାଳକ ସଦସ୍ୟଙ୍କୁ ନିଶ୍ଚିତ ଭାବରେ ବର୍ଷକୁ ୧୦୦ ଦିନର କର୍ମସଂସ୍ଥାନ ଯୋଗାଇଦେବା । ଏହା ଫଳରେ ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସାମୁହିକ ସମ୍ପତ୍ତି ସୃଷ୍ଟି ହେବ ଏବଂ ଗରିବ ଲୋକଙ୍କର ଜୀବନ ଜୀବିକା ସୁଦୃଢ଼ ହେବ।

ନିୟମ ଅନୁଯାୟୀ ଏହି ଯୋଜନାରେ ଯେତେସବୁ ପ୍ରକଳ୍ପ କରାଯିବ ତାହାକୁ ପଞ୍ଚାୟତିରାଜ ଅନୁଷ୍ଠାନ, ଯେପରିକି ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଆଦି ନିୟନ୍ତ୍ରଣ କରିବେ। ସେଥିରୁ ଅନ୍ତତଃ ୫୦ ପ୍ରତିଶତ ପରିମାଣ ଅର୍ଥର କାମ ଗ୍ରାମପଞ୍ଚାୟତ ମାଧ୍ୟମରେ କରାଯିବ।

ଏହି ଯୋଜନାରେ ପ୍ରାଥମିକତା ଆଧାରରେ ନିମ୍ନଲିଖିତ କାର୍ଯ୍ୟ ସବୁ କରାଯିବ। ଯେପରିକି-

- ଜଳ ସଂରକ୍ଷଣ ଓ ଜଳ ସଞ୍ଚୟ,
- ସୂକ୍ଷ୍ମ ଓ ଲଘୁ ଜଳସେଚନପାଇଁ କାର୍ଯ୍ୟ,
- ମରୁଡ଼ି ପ୍ରତିକାର ପାଇଁ ବୃକ୍ଷରୋପଣ ଓ ବନୀକରଣ,
- ଜଳ ବିଭାଜିକା ପ୍ରକଳ୍ପ,
- ଏସସି / ଏସଟି ସମ୍ପ୍ରଦାୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ, ଭୂମିସୁଧାର କାର୍ଯ୍ୟକ୍ରମର ହିତାଧିକାରୀମାନଙ୍କ ପାଇଁ ଜଳସେଚନର ସୁବିଧା,
- ଜଳାଶୟ ଓ ପାନୀୟ ଜଳ ପାଇଁ ବ୍ୟବହୃତ କୂଅମାନଙ୍କର ନବୀକରଣ ଓ ଶୁଦ୍ଧିକରଣ,
- ବନ୍ୟା ନିୟନ୍ତ୍ରଣ ଓ ସୁରକ୍ଷା,
- ଗ୍ରାମାଞ୍ଚଳପାଇଁ ସବୁଦିନିଆ ରାସ୍ତା,
- ଜମି ରହିଥିବା ପାଣିର ନିଷ୍କାସନ ବ୍ୟବସ୍ଥା,
- ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଦ୍ୱାରା ସ୍ୱୀକୃତ ଅନ୍ୟ କାର୍ଯ୍ୟ।

ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକୁ ତଦାରଖ କରିବାପାଇଁ ସ୍ୱତନ୍ତ୍ର ପରିଷଦ ବା କାଉନସିଲମାନ ଗଠିତ ହେବେ ଯେଉଁଥିରେ ଆଦିବାସୀ, ହରିଜନ, ସଂଖ୍ୟାଲଘୁ, ପଛୁଆ ଶ୍ରେଣୀ ଓ ମହିଳାଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ରହିବ।

କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନାପାଇଁ ଜଣେ ଅଧିକାରୀ ବା ପ୍ରୋଗାମ ଅଫିସର ରହିବେ । ଏହି ଅଧିକାରୀ ଜଣଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିବେ।

ଉପରୋକ୍ତ ଯୋଜନାରେ ହିତାଧିକାରୀ ବଛାଯିବା ବେଳେ ଏକଥା ସୁନିଶ୍ଚିତ କରିବାକୁ ହେବ ଯେ ହିତାଧିକାରୀଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳା ରହିବେ।

ଏହି ଯୋଜନା ଅନ୍ତର୍ଗତ ସମସ୍ତ ପ୍ରକଳ୍ପର ରୂପାୟନ ପାଇଁ ଯାହା ଖର୍ଚ୍ଚ ହେବ ତା'ର ୯୦ ଭାଗ ଅର୍ଥ କେନ୍ଦ୍ର ସରକାର ବହନ କରିବେ।

ଏହି ଯୋଜନାରେ କରାଯାଉଥିବା କୌଣସି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାପାଇଁ ଠିକାଦାର ନିଯୁକ୍ତି କରାଯାଇପାରିବ ନାହିଁ କିମ୍ବା ମେସିନ୍ ବ୍ୟବହାର କରାଯିବ ନାହିଁ। ଯେତେ ଦୂର ସମ୍ଭବ ସମସ୍ତ କାର୍ଯ୍ୟ ଶ୍ରମିକମାନଙ୍କ ଶାରୀରିକ ଶ୍ରମ ଦ୍ୱାରା ହିଁ କରାଯିବ। ଯେତେବେଳେ ମେସିନ ବ୍ୟବହାର କରିବା ନିତ୍ୟାନ୍ତ ଜରୁରୀ ମନେ ହେବ ସେତେବେଳେ କ୍ଷେତ୍ର ଉପରେ କାର୍ଯ୍ୟ କରାଉଥିବା ସଂସ୍ଥା ତାର କାରଣ ଦର୍ଶାଇ ବିଡିଓଙ୍କୁ ଲେଖିବେ। ବିଡିଓ ମେସିନର ଆବଶ୍ୟକତାକୁ ହୃଦବୋଧ କରି ସେଥିପାଇଁ ଅନୁମତି ଦେବାପରେ ମେସିନ ବ୍ୟବହାର କରାଯିବ।

**ସାମାଜିକ ସମୀକ୍ଷା :**

- ଏହି ଯୋଜନାରେ ବ୍ୟବହୃତ ହେଉଥିବା ମଷ୍ଟର ରୋଲ, ଭାଉଚର, ମାପ ହିସାବ ଖାତା, ମଞ୍ଜୁରୀ ଆଦେଶ ଆଦି ସାମାଜିକ ସମୀକ୍ଷାପାଇଁ ଉପଲବ୍ଧ ହେବ ଏବଂ ଗ୍ରାମସଭା ନିୟମିତ ଭାବେ ସାମାଜିକ ସମୀକ୍ଷା କରିବ।
- ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ନିଶ୍ଚିତ କରିବାର ସବୁ ବ୍ୟବସ୍ଥା ରହିବ।
- କାମ ସମ୍ବନ୍ଧୀୟ କାଗଜପତ୍ର ନାଗରିକଙ୍କ ଅବଲୋକନପାଇଁ ଉପଲବ୍ଧ ହେବ, ସାଧାରଣ ଲୋକେ ନିର୍ଦ୍ଧାରିତ ମୂଲ୍ୟ ଦେଇ ଏ ସମ୍ବନ୍ଧିତ କାଗଜପତ୍ର ପାଇ ପାରିବେ।
- ସମସ୍ତ ପଞ୍ଜୀକୃତ ମଜୁରିଆଙ୍କ ସୂଚନା ଗ୍ରାମପଞ୍ଚାୟତର ନୋଟିସବୋର୍ଡରେ ଲଗାଯିବ ଏବଂ ଲେଶକଙ୍କ ନିରୀକ୍ଷଣ ପାଇଁ ଖୋଲଶ ରହିବ।

ଏହି ଯୋଜନାରେ ଯେଉଁ ଲୋକମାନେ କାମପାଇଁ ଆବେଦନ କରିବେ ସରକାର ସେମାନଙ୍କୁ ସେମାନଙ୍କ ଘରଠାରୁ ୫ କିଲୋମିଟର ଦୂରତା ଭିତରେ ୧୫ ଦିନ ମଧ୍ୟରେ  କାମ ଯୋଗାଇ ଦେବେ। ଯେଉଁମାନଙ୍କୁ କାମ ଯୋଗାଇ ଦିଆଯାଇ ନ ପାରିବ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଭତ୍ତା ଦିଆଯିବ।

କାମ କରୁଥିବା ଅବସ୍ଥାରେ ଯଦି କାହାର ମୃତ୍ୟୁ ହୋଇଯାଏ  ତେବେ କ୍ଷତିପୂରଣ  ବାବଦକୁ ତାଙ୍କ ପରିବାରକୁ ୨୫,୦୦୦ ଟଙ୍କା  ଦିଆଯିବ।

ଏହି ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ସର୍ବନିମ୍ନ  ମଜୁରୀ ୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏହା କୌଣସି ମତେ ରାଜ୍ୟସରକାରଙ୍କର ସର୍ବନିମ୍ନ ମଜୁରୀଠାରୁ କମ ହେବ ନାହିଁ।

ଏହି ଯୋଜନାରେ କାର୍ଯ୍ୟ  କରୁଥିବା ଶ୍ରମିକମାନଙ୍କୁ  ନଗଦ ଟଙ୍କା  କିମ୍ବା ଜିନିଷ ଆକାରରେ ମଜୁରୀ  ଦିଆଯାଇପାରିବ। ତେବେ ଏହି ଯୋଜନାରେ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ  କରିବାପାଇଁ ସର୍ବନିମ୍ନ ୧୦ଜଣ ଶ୍ରମିକଙ୍କୁ ପଞ୍ଜିକୃତ କରିବାକୁ ହେବ।

ପ୍ରଥମ ପର୍ଯ୍ୟାୟରେ  ଆମ ରାଜ୍ୟର ୨୪ଟି ଜିଲ୍ଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲେ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେଓଗଡ, ଢେଙ୍କାନାଳ, ମୟୁରଭଞ୍ଜ, ଗଞ୍ଜାମ, କନ୍ଧମାଳ, ବୌଦ, କେନ୍ଦୁଝର, ସୁନ୍ଦରଗଡ, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, ରାୟଗଡା ଓ ଝାରସୁଗୁଡା।

**ଗ୍ରାମ ପଞ୍ଚାୟତର ଦାୟିତ୍ୱ :-**

(୧) ଗ୍ରାମପଞ୍ଚାୟତ ଗ୍ରାମସଭା ଦ୍ୱାରା ଅନୁମୋଦିତ ପଂଚକଳ୍ପ ସବୁକୁ ନେଇ ଏକ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବେ ଏବଂ ସେହି ଅନୁଯାୟୀ ଯୋଜନା ତିଆରି କରିବେ।

(୨) ଯେଉଁମାନେ ଶ୍ରମକରିବାପାଇଁ  ପଞ୍ଚାୟତରେ ନିଜ ପରିବାରର ସଦସ୍ୟଙ୍କ ପଞ୍ଜୀକରଣ କରିବେ, ତାଙ୍କୁ ପଞ୍ଚାୟତ ପକ୍ଷରୁ ଏକ ଶ୍ରମ ନିଯୁକ୍ତି ବା ଜବ କାର୍ଡ ଜାରି କରାଯିବ।

(୩) କାମ ପାଇଁ ଦରଖାସ୍ତକାରୀଙ୍କୁ ସଠିକ୍ ତାରିଖ ଲେଖା ଥିବା ରସିଦ ଦିଆଯିବ।

(୪) ଦରଖାସ୍ତକାରୀଙ୍କୁ ଶ୍ରମ ନିଯୁକ୍ତି ଦେବା ସହିତ କାମରେ ଯୋଗଦେବା ପାଇଁ ଜଣାଇବେ।

(୫) ଗ୍ରାମପଞ୍ଚାୟତ ନୋଟିସ ବୋର୍ଡରେ ଶ୍ରମନିଡଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ତାଲିକା ଦର୍ଶାଇବେ।

(୬) ବିଡିଓଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରାଇବେ।

(୭) ସାମାଜିକ ସମୀକ୍ଷା ପାଇଁ ଆବଶ୍ୟକ ସମସ୍ତ ତଥ୍ୟ ଓ ବିବରଣୀ ଗ୍ରାମସଭାକୁ ଯୋଗାଇ ଦେବେ।

(୮) ହାଜିରାଖାତାର ଏକ କିତା ନକଲ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ସାଇତି ରଖିବେ।

(୯) ଯୋଜନାଗୁଡିକର କାର୍ଯ୍ୟକାରିତା ଉପରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ।

**କାର୍ଯ୍ୟ ସ୍ଥଳୀରେ ଶ୍ରମିକମାନଙ୍କପାଇଁ କେତେକ ଆବଶ୍ୟକ ସୁବିଧା ଯୋଗାଇ ଦେବେ, ଯେମିତିକି–**

କ. କାର୍ଯ୍ୟ ଚାଲୁଥିବା ସ୍ଥାନରେ ସ୍ୱଚ୍ଛ ପିଇବାପାଣି,

ଖ. ବିଶ୍ରାମ ସ୍ଥଳ,

ଗ. କାର୍ଯ୍ୟରତ ମହିଳା ଶ୍ରମିକଙ୍କ ମଧ୍ୟରୁ ଯାହାଙ୍କର ୬ ବର୍ଷରୁ କମ ବୟସର ପିଲା ଥିବେ ସେଥିରୁ ଅତି କମରେ ୫ଟି ପିଲାଙ୍କର ଯତ୍ନ ନେବାର ଦାୟିତ୍ୱ ଜଣେ କାର୍ଯ୍ୟରତ ମହିଳାଙ୍କୁ ଦିଆଯିବ।

ଘ. ଦୁର୍ଘଟଣାରୁ ବଞ୍ଚିବାର ବ୍ୟବସ୍ଥା,

ଙ. ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା,

ଚ. କାର୍ଯ୍ୟସ୍ଥଳରେ ଦୁର୍ଘଟଣା

ଛ. ସେମାନେ ଯେଉଁ କେତେଦିନ ଡାକ୍ତରଖାନାରେ ରହିବେ ସେଥିପାଇଁ ସେମାନଙ୍କୁ ଅଧା ମଜୁରୀ ଦିଆଯିବ ।

ଜ. କାମ କରୁଥିବା ଅବସ୍ଥାରେ ଦୁର୍ଘଟଣାରେ କୌଣସି ଶ୍ରମିକ ମୃତ ବା ବିକଳାଙ୍ଗ ହେଲେ ତାଙ୍କ ଆଶ୍ରିତକୁ ୨୫,୦୦୦ ଟଙ୍କା ସାହାଯ୍ୟ ଦିଆଯିବ ।

❑❑❑

# ଗ୍ରାମପଞ୍ଚାୟତ ଓ ସୂଚନା ଅଧିକାର

ଗଣତନ୍ତ୍ରର ଶାସନ ହେଉଛି ଲୋକମାନଙ୍କର, ଲୋକମାନଙ୍କପାଇଁ ଓ ଲୋକମାନଙ୍କ ଦ୍ୱାରା କରାଯାଉଥିବା ଶାସନ ବ୍ୟବସ୍ଥା। ଲୋକତନ୍ତ୍ର ଶାସନର ମୂଳ କଥା ହେଲା ଏହି ଶାସନ ହେଉଛି ସମ୍ପୂର୍ଣ୍ଣଭାବେ ଲୋକମାନଙ୍କପାଇଁ । ଏଠାରେ ଥିବା ସମସ୍ତ ସରକାରୀ ସମ୍ପତ୍ତି ହେଉଛି ଲୋକଙ୍କର ସମ୍ପତ୍ତି। ତେଣୁ ଏହି ଶାସନ ବ୍ୟବସ୍ଥାରେ ଚାଲୁଥିବା ସମସ୍ତ କାର୍ଯ୍ୟ ବିଷୟରେ ଜାଣିବା, ସେ ବିଷୟରେ ନିଜର ମତଦାନ କରିବା ତଥା ପ୍ରଶ୍ନ କରିବାର ଅଧିକାର ପ୍ରତ୍ୟେକ ନାଗରିକର ରହିଛି। ନାଗରିକଙ୍କୁ ଭାରତୀୟ ସମ୍ବିଧାନ ଏହି ଅଧିକାର ପ୍ରଦାନ କରିଛି।

ପଞ୍ଚାୟତ ହେଉଛି ତୃଣମୂଳ ସ୍ତରରେ ଥିବା ଏକ ପ୍ରଶାସନ। ତେଣୁ ନିଜ ଅଧିକାର କ୍ଷେତ୍ରରେ ଆସୁଥିବା କାର୍ଯ୍ୟକ୍ରମଗୁଡ଼ିକର ଆବଶ୍ୟକ ସୂଚନା ଲୋକଙ୍କୁ ଯୋଗାଇ ଦେବା ହେଉଛି ପଞ୍ଚାୟତର ଏକ ବଡ ଦାୟିତ୍ୱ । ଏହି କାର୍ଯ୍ୟଟିକୁ ଗ୍ରାମ ପଞ୍ଚାୟତ ନିଜ ଆଡୁ କରିପାରିବେ ବା କେହି କୌଣସି ବିଷୟରେ ସୂଚନା ମାଗିଲେ ତାଙ୍କୁ ଦେଇପାରିବେ।

ଆମ ରାଜ୍ୟରେ ଅକ୍ଟୋବର ୧୨, ୨୦୦୫ ତାରିଖରୁ କାର୍ଯ୍ୟକାରୀ ହେଇଥିବା ସୂଚନା ଅଧିକାର ଅଧିନିୟମ ମୁତାବକ-

- ଏହି ଆଇନର ମୂଳ ଲକ୍ଷ୍ୟ ହେଉଛି ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା,
- ଏହି ଅଧିନିୟମ ଦ୍ୱାରା ଜନସାଧାରଣଙ୍କର ସୂଚନା ପାଇବାର ଅଧିକାର ସାବ୍ୟସ୍ତ ହୋଇଛି,
- ଏହା ଦ୍ୱାରା ସରକାରୀ କାର୍ଯ୍ୟାଳୟ / ଅନୁଷ୍ଠାନମାନଙ୍କରୁ ଜନସାଧାରଣ ଆବଶ୍ୟକ ତଥ୍ୟ ହାସଲ କରିପାରିବେ,
- ତଥ୍ୟ ହାସଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ସରକାରୀ କାର୍ଯ୍ୟାଳୟ / ଅନୁଷ୍ଠାନରେ ସମ୍ପୃକ୍ତ ଜନସୂଚନା ଅଧିକାରୀଙ୍କୁ ସାକ୍ଷାତକରି ନିର୍ଦ୍ଧାରିତ ଫର୍ମରେ ତଥ୍ୟ ପ୍ରଦାନ ନିମନ୍ତେ ଆବେଦନ କରିପାରିବେ,
- ପ୍ରତ୍ୟେକ ଆବେଦନକାରୀଙ୍କୁ ତଥ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ,
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କୁ ଦରଖାସ୍ତ ପାଇଁ କୌଣସି ମୂଲ୍ୟ ଦେବାକୁ ପଡିବ ନାହିଁ,
- ଏହି ନିୟମ ବଳରେ ଜନସାଧାରଣ, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଥ୍ୟ ପାଇବାକୁ ହକଦାର ହେବେ,
- କୌଣସି ନଥିପତ୍ର, ପାଣ୍ଡୁଲିପି ଏବଂ ଦଲିଲ ଦସ୍ତାବିଜର ଅବିକଳ ନକଲ ଆପଣଙ୍କ ଆବେଦନ କ୍ରମେ ଯୋଗାଇ ଦିଆଯିବ।

**ସୂଚନାର ତାଲିକା ପ୍ରସ୍ତୁତି :**

ପଞ୍ଚାୟତ ନିଜ ସମ୍ବନ୍ଧରେ ନିମ୍ନଲିଖିତ ସୂଚନାଗୁଡିକୁ ଏକ ସୂଚନା ରେଜିଷ୍ଟରରେ ଲେଖିବେ, ଯେମିତିକି –

(୧) ପଞ୍ଚାୟତରେ ଥିବା ରାଜସ୍ୱ ଗ୍ରାମର ତାଲିକା,

(୨) ପଞ୍ଚାୟତର ନକ୍ସା ଯେଉଁଥିରେ ପଞ୍ଚାୟତରେ ଥିବା ଜଳଉସ୍ତ, ସଡ଼କ, ବିଦ୍ୟାଳୟ, ଡାକ୍ତରଖାନା, ପଞ୍ଚାୟତଘର ଆଦିକୁ ଏକ ବୋର୍ଡ଼ରେ ମାରି ପଞ୍ଚାୟତବାସୀଙ୍କ ପାଇଁ ରଖାଯାଇଥିବ,

(୩) ପଞ୍ଚାୟତର ସ୍ଥାପନା ସମ୍ବନ୍ଧୀୟ ସୂଚନା ପ୍ରସ୍ତୁତ କରି ରଖିବା,

(୪) ପଞ୍ଚାୟତରେ ନିର୍ବାଚିତ ହୋଇଥିବା ସରପଞ୍ଚମାନଙ୍କ ନାମ ଓ କାର୍ଯ୍ୟକାଳ ସମୟର ତାଲିକା,

(୫) ବର୍ତ୍ତମାନର ପଞ୍ଚାୟତ ସମ୍ପାଦକ, ସରପଞ୍ଚଙ୍କ ନାମ, ଠିକଣା, ବୟସ, ଅଭିଜ୍ଞତା ଆଦିର ସୂଚନା,

(୬) ବର୍ତ୍ତମାନ ପଞ୍ଚାୟତ କ୍ଷେତ୍ର ମଧ୍ୟରେ ଥିବା ପଞ୍ଚାୟତ ସମିତି ସଦସ୍ୟ / ସଦସ୍ୟା, ଜିଲ୍ଲା ପରିଷଦ ସଦସ୍ୟ /ସଦସ୍ୟା, ପ୍ରଧାନ, ଉପପ୍ରଧାନ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିକାଶ ଅଧିକାରୀ, ବିଧାୟକ, ସାଂସଦ ଆଦିଙ୍କ ନାମ, ଠିକଣା, ଟେଲିଫୋନ ନମ୍ବର,

(୭) ପଞ୍ଚାୟତରେ ଉପଲବ୍ଧ ସୁବିଧାଗୁଡିକର ବିବରଣୀ, ଏଥିରେ ବିଦ୍ୟାଳୟର ସ୍ତର(ଯଥା ପ୍ରାଥମିକ, ନିମ୍ନ ପ୍ରାଥମିକ, ଉଚ୍ଚ ବା ଉନ୍ନିତ ପ୍ରାଥମିକ, ହାଇସ୍କୁଲ ଇତ୍ୟାଦି),ସ୍ଥାନ, କର୍ମଚାରୀଙ୍କ ନାମ, ସଂଖ୍ୟା, ବିଦ୍ୟାଳୟକୁ ଆସୁ ନ ଥିବା ଛାତ୍ରଛାତ୍ରୀଙ୍କ ନାମ, ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତର(ଯଥା ପିଏଚସି, ସିଏଚସି ଇତ୍ୟାଦି), ସ୍ଥାନ ଓ କର୍ମଚାରୀଙ୍କ ନାମ, ଅଙ୍ଗନବାଡ଼ିର ସ୍ଥାନ ଓ କର୍ମଚାରୀଙ୍କ ନାମ, ପଶୁ ଚିକିତ୍ସାଳୟର ସ୍ଥାନ ଏବଂ କର୍ମଚାରୀଙ୍କ ନାମ,ଲେଖାଘରର ସ୍ଥାନ ଓ କର୍ମଚାରୀଙ୍କ ନାମ, ପୋଷ୍ଟ ଅଫିସ, ବ୍ୟାଙ୍କ, ବନବିଭାଗର ଦପ୍ତର ଠିକଣା ଓ ସେଠାରେ ଥିବା କର୍ମଚାରୀଙ୍କର ନାମ, ହ୍ୟାଣ୍ଡପମ୍ପ ମିସ୍ତ୍ରୀଙ୍କ ରହିବା ସ୍ଥାନ ବା ଘରର ଠିକଣା, ପଞ୍ଚାୟତରେ ଥିବା ବିଭିନ୍ନ ଅଫିସ୍‌ର ସ୍ଥାନ ଓ ଟେଲିଫୋନ ନମ୍ବର, ଜନ ଚେତନା କେନ୍ଦ୍ରର କାର୍ଯ୍ୟକର୍ତ୍ତାଙ୍କ ନାମ, ଜଳସ୍ରୋତ, ଯେପରିକି କୂଅ, ପୋଖରୀ, ଜଳାଶୟ, ଆନ୍ନିକଟ, ନଦୀ, ପୋଖରୀ ଆଦି ଯାହା ଥିବ, ପଞ୍ଚାୟତର ଭୂମି ଯେମିତିକି, ଜୀବଜନ୍ତୁଙ୍କ ଚାରଣ ଭୂମି, ବନକେନ୍ଦ୍ର, ଅନାବାଦୀ ଜମି, ଏହି ସବୁ ଜମିର କିସମର ସୂଚନା,

(୮) ପଞ୍ଚାୟତ ସମ୍ବନ୍ଧୀୟ ବିଭିନ୍ନ ସଂଖ୍ୟା(ପରିସଂଖ୍ୟାନ) ଯେପରିକି, ଜନସଂଖ୍ୟା, ପ୍ରତିବର୍ଷ ବୃଦ୍ଧି ପାଉଥିବା ଜନସଂଖ୍ୟାର ଅନୁପାତ, ଗ୍ରାମ ପଞ୍ଚାୟତର ସଦସ୍ୟ,ଗ୍ରାମ ପଞ୍ଚାୟତରେ ଥିବା ପୁରୁଷ ଓ ମହିଳାଙ୍କ ଅନୁପାତ, ଗ୍ରାମ ପଞ୍ଚାୟତର ଶିଶୁମାନଙ୍କର ବୟସ ଅନୁଯାୟୀ ସଂଖ୍ୟା, ମହିଳା ଓ ପୁରୁଷଙ୍କ ସାକ୍ଷରତା ପ୍ରତିଶତ, ବିଦ୍ୟାଳୟକୁ ଯାଉନଥିବା ପିଲାଙ୍କ ସଂଖ୍ୟା ଆଦିର ତାଲିକା,

(୯) ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ଓ ସେଥିରୁ ମିଳୁଥିବା ଲାଭର ସୂଚନା,

(୧୦) ବିଗତ ପାଞ୍ଚବର୍ଷର ନିର୍ମାଣ କାର୍ଯ୍ୟ ଓ ସେଥିରେ ଖର୍ଚ୍ଚ ହୋଇଥିବା ପୁଞ୍ଜିର ସୂଚନା,

(୧୧) ପଞ୍ଚାୟତରେ ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ଜୀବନଯାପନ କରୁଥିବା ବ୍ୟକ୍ତି ଓ ପରିବାରର ତାଲିକା,

(୧୨) ଶିକ୍ଷିତ ବେକାର ଓ ବେକାର ବସିଥିବା ଶ୍ରମିକଙ୍କ ତାଲିକା,

(୧୩) ଏହା ବ୍ୟତୀତ ପଞ୍ଚାୟତ ସମ୍ବନ୍ଧରେ ସାମୟିକ ସୂଚନା ପ୍ରଦାନ ପାଇଁ ଗୋଟିଏ 'ସୂଚନା ପଟା' ମଧ୍ୟ ପଞ୍ଚାୟତ ଅଫିସରେ ଲଗାଯିବ। ସେହିପରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ପାଦକଙ୍କ ଦ୍ୱାରା ଦୈନନ୍ଦିନ କରାଯାଉଥିବା କାର୍ଯ୍ୟାବଳୀର ବିବରଣୀକୁ ଲେଖିବାପାଇଁ କେତୋଟି ପଞ୍ଜିକା କରାଯିବ। ଯେପରିକି ଉପସ୍ଥାନ ପଞ୍ଜିକା, ଅନୁପସ୍ଥିତ ପଞ୍ଜିକା, ଉପସ୍ଥାପିତ ପଞ୍ଜିକା, ସଭା ବିବରଣୀ ପଞ୍ଜିକା, ଜନ୍ମ ମୃତ୍ୟୁ ପଞ୍ଜିକା, ଖାତା ପଞ୍ଜିକା, ରସିଦ ବହି, ଆବାଦ ଯୋଗ୍ୟ ଭୂମିର ପଟ୍ଟା ପଞ୍ଜିକା, ନିରୀକ୍ଷଣ ପଞ୍ଜିକା, ରେସନକାର୍ଡ ପଞ୍ଜିକା, ବିକାଶ କାର୍ଯ୍ୟର ଉପଯୋଗାଣ, ପ୍ରମାଣପତ୍ର ପଞ୍ଜିକା, ସଚିବ ଡାଏରୀ, ପଞ୍ଚାୟତରେ ଥିବା ଭବନ ଓ ସ୍ଥାୟୀ ସମ୍ପତ୍ତିର ପଞ୍ଜିକା, ନଗଦ ପାଣ୍ଠି ପଞ୍ଜିକା, ଜନ୍ମ ମୃତ୍ୟୁ ପଞ୍ଜିକରଣ ପଞ୍ଜିକା, କାର୍ଯ୍ୟକାରୀ ବୈଠକ ପଞ୍ଜିକା, ପତ୍ରାବଳୀ ପଞ୍ଜିକା, ନିଜସ୍ୱ ଆୟ ସମ୍ବନ୍ଧିତ ପଞ୍ଜିକା, ବିକାଶ କାର୍ଯ୍ୟର ମାପ ବହି, ଅଭିଯୋଗ ପଞ୍ଜିକା, ଅଡ଼ିଟ ରେଜିଷ୍ଟର ପଞ୍ଜିକା।

ଏହି ସବୁ ପଞ୍ଜିକା ଓ ନଥିପତ୍ରର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହେବା ଉଚିତ୍। ଏହାକୁ ସର୍ବସୁଲଭ ସ୍ଥାନରେ ରଖାଯିବା ଉଚିତ୍ ଯାହାଦ୍ୱାରା ଆବଶ୍ୟକ ବେଳେ ଏହା ଉପଲବ୍ଧ ହୋଇପାରିବ। ପଞ୍ଚାୟତ ଏସବୁର ଚିକିନିଖି ତଦାରଖ କରିବା ଉଚିତ୍।

□□□

# ପଞ୍ଚାୟତ ଓ ପ୍ରାଥମିକ ଶିକ୍ଷା

ଭାରତୀୟ ସମ୍ବିଧାନରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦେଶରେ ଥିବା ସବୁ ପିଲାଙ୍କ ପାଇଁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ବାଧ୍ୟତାମୂଳକଭାବେ ମାଗଣା ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ୯୩ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ଲାଗୁ ହେବା ପରେ ଶିକ୍ଷାକୁ ମୌଳିକ ଅଧିକାରଭୁକ୍ତ କରାଯାଇ ସାରିଛି। ପ୍ରତ୍ୟେକ ଶିଶୁ ଯେପରି ଅନ୍ତତଃ ପ୍ରାଥମିକ ଶିକ୍ଷା ଆହରଣ କରିପାରିବେ ତାହାକୁ ନଜରରେ ରଖି ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ୭୩ତମ ସମ୍ବିଧାନ ସଂଶୋଧନ ପରେ ଯେଉଁ ବିଷୟଗୁଡ଼ିକର ପରିଚାଳନାପାଇଁ ପଞ୍ଚାୟତକୁ କ୍ଷମତା ଦିଆଯାଇଛି ସେଥିରୁ ପ୍ରାଥମିକ ଶିକ୍ଷା ହେଉଛି ଅନ୍ୟତମ। ଗାଁର ପିଲାମାନେ ଯେହେତୁ ଗାଁରେ ରହି ପାଠ ପଢନ୍ତି ତେଣୁ ପ୍ରାଥମିକ ଶିକ୍ଷାକୁ ଠିକଠାକ ଭାବରେ ଚଳାଇବାପାଇଁ ଗ୍ରାମପଞ୍ଚାୟତକୁ ଶିକ୍ଷା ସମ୍ବନ୍ଧୀୟ କେତେକ ସିଧାସଳଖ କ୍ଷମତା ପ୍ରଦାନ କରାଯାଇଛି।

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାପାଇଁ କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାକୁ ଗ୍ରାମପଞ୍ଚାୟତର ଦେଖାରେଖାରେ କରିବାପାଇଁ ଦିଶାନିର୍ଦ୍ଦେଶ ରହିଛି।

କିନ୍ତୁ ଏ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ଥିବା ଅନିୟମିତତାକୁ ଦେଶରୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିନଥିବା କଥା ଅନୁଭବ କରାଯାଉଛି। ଯା ଫଳରେ କେନ୍ଦ୍ର ସରକାର ମଧ୍ୟ ଅନୁଭବ କରୁଛନ୍ତି ଯେ କେବଳ କେନ୍ଦ୍ରୀୟ ବା ରାଜ୍ୟ ସ୍ତରରେ କରାଯାଉଥିବା ଯୋଜନାରେ ଶିକ୍ଷାର ବିକାଶ ହୋଇ ପାରିବ ନାହିଁ ବରଂ ଏଥି ପାଇଁ କରାଯାଉଥିବା ଯୋଜନାରେ ଲୋକମାନଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି। ଭାରତୀୟ ସମ୍ବିଧାନର ଧାରା ୨୪୩ଜି(୭୩ତମ ସଂଶୋଧନ)ରେ କୁହାଯାଇଛି ଯେ ଗ୍ରାମପଞ୍ଚାୟତଗୁଡିକ ଆର୍ଥିକ ବିକାଶ ତଥା ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟ କରିବେ। ୯୩ତମ ସଂବିଧାନ ସଂଶୋଧନର ବ୍ୟବସ୍ଥା ମୁତାବକ ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ବିଭିନ୍ନ ସରକାରୀ ସ୍ତରରେ ସହଯୋଗ ରକ୍ଷା କରାଯିବା ପାଇଁ ଦିଶା ନିର୍ଦ୍ଦେଶ ରହିଛି। ଗ୍ରାମ ପଞ୍ଚାୟତଗୁଡିକ ତୃଣମୂଳ ସ୍ତରର ସରକାର ହୋଇଥିବାରୁ ଗ୍ରାମପଞ୍ଚାୟତ ସ୍ତରରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଇବା ତଥା ଏଥିପାଇଁ କାର୍ଯ୍ୟରତ ସଂସ୍ଥାଗୁଡିକୁ ସୁଦୃଢ଼ କରାଇବା ଗ୍ରାମପଞ୍ଚାୟତଗୁଡିକର ଏକ ସାମ୍ବିଧାନିକ ଦାୟିତ୍ୱ ବୋଲି ଧରାଯାଏ। ତେଣୁ ପଞ୍ଚାୟତ ସମସ୍ତ ଆର୍ଥିକ ଓ ସାମାଜିକ ପ୍ରତିବନ୍ଧକକୁ ଦୂର କରି ଯେପରି ସମସ୍ତ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଇ ପାରିବ ତାହା ନିଶ୍ଚିତ କରିବେ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ପଞ୍ଚାୟତଗୁଡିକ ସିଧାସଳଖ ସାମିଲ ହୋଇପାରିଲେ ଶିକ୍ଷା ବ୍ୟବସ୍ଥା ଅଧିକ ଉତ୍ତରଦାୟୀ ଓ ସ୍ୱଚ୍ଛ ହୋଇପାରିବ କାରଣ ପଞ୍ଚାୟତ ମଧ୍ୟ ଗ୍ରାମସଭା ନିକଟରେ ଉତ୍ତରଦାୟୀ ହୋଇଥାଏ।

ଏହାକୁ ଦିଷ୍ଟିରେ ରଖି ଓଡିଶା ସରକାର ଏହାର ଶିକ୍ଷା ସମ୍ବନ୍ଧୀତ ୧୯୯୧ ଆଇନ୍‌ରେ କେତେକ ପରିବର୍ତ୍ତନ କରିଛନ୍ତି ଯାହାକି ୧ ନଭେମ୍ବର ୧୯୯୩ ତାରିଖଠାରୁ ଲାଗୁ ହୋଇଛି।

ରାଜ୍ୟ ସରକାର ଶିକ୍ଷା ସମ୍ବନ୍ଧରେ ଗ୍ରାମପଞ୍ଚାୟତକୁ କେତେକ କ୍ଷମତା ପ୍ରଦାନ କରିଛନ୍ତି। ସେଗୁଡ଼ିକ ହେଲା –

(୧) **ଉତ୍ତରଦାୟୀତ୍ୱ :** ସ୍କୁଲଗୁଡ଼ିକର ଶିକ୍ଷା ମଣ୍ଡଳାଧୀଶ ବା ସିଆଇ / ଜିଲ୍ଲା ଶିକ୍ଷାଧିକାରୀ ବା ଡିଆଇ ଜିଲ୍ଲାର ପ୍ରାଥମିକ ଶିକ୍ଷା, ନିଶ୍ଚିତ ଶିକ୍ଷା ଯୋଜନା ଓ ଅନ୍ୟାନ୍ୟ ବିକଳ୍ପ ସମନ୍ୱିତ ଶିକ୍ଷା ଯୋଜନାର ପରିଚାଳନା ପାଇଁ ଜିଲ୍ଲା ପରିଷଦ ନିକଟରେ ଉତ୍ତରଦାୟୀ ରହିବେ। ପ୍ରାଥମିକ ଶିକ୍ଷା, ନିଶ୍ଚିତ ଶିକ୍ଷା ଯୋଜନା ଓ ବିକଳ୍ପ ଶିକ୍ଷା ବିଷୟରେ ବିଦ୍ୟାଳୟ ଉପନିରୀକ୍ଷକ ବା ଏସଆଇ ପଞ୍ଚାୟତ ସମିତି ନିକଟରେ ଉତ୍ତରଦାୟୀ ରହିବେ।

(୨) **ଛୁଟି ମଞ୍ଜୁର :** ଜିଲ୍ଲା ପରିଷଦ ସଭାପତି ସିଆଇ, ଡ଼ିଆଇଙ୍କର ଛୁଟି ମଞ୍ଜୁର କରିବେ। ସିଆଇ, ଡ଼ିଆଇମାନେ ତାଙ୍କ ଅଧୀନସ୍ଥ ସମସ୍ତ କର୍ମଚାରୀମାନଙ୍କର ଛୁଟି ମଞ୍ଜୁର କରିବେ।

(୩) **ପ୍ରଧାନ ଶିକ୍ଷକଙ୍କ ଛୁଟି ମଞ୍ଜୁର :** ପଞ୍ଚାୟତରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସାମୟିକ ଛୁଟିକୁ ସରପଞ୍ଚ ମଞ୍ଜୁର କରିବେ। ସରପଞ୍ଚ ଶିକ୍ଷକଙ୍କ ଉପସ୍ଥାନ ତନଖି କରି ରିପୋର୍ଟ ପ୍ରଦାନ କରିବେ। ସରପଞ୍ଚଙ୍କ ରିପୋର୍ଟର ତନଖି କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାଙ୍କ ଅଧୀନସ୍ଥ ଶିକ୍ଷକଙ୍କୁ ଛୁଟି ମଞ୍ଜୁର କରିପାରିବେ।

(୪) ଜିଲ୍ଲା ସଭାପତିଙ୍କ ପ୍ରସ୍ତାବ ଓ ରିପୋର୍ଟ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଚାର କରାଯିବ ଓ ଜିଲ୍ଲା ସଭାପତି ଆଣିଥିବା ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରାଯିବ।

(୫) ଦରମା : ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଦରମା ବଣ୍ଟନରେ ବିଦ୍ୟାଳୟ ଉପନିରୀକ୍ଷକ ବା ଏସଆଇ ବିଡ଼ିଓଙ୍କୁ ସହାୟତା କରିବେ।

**(୬) ଶିକ୍ଷକଙ୍କ ବଦଳି :** ପ୍ରାଥମିକ ଶିକ୍ଷକଙ୍କ ବଦଳି ସମ୍ପର୍କରେ ନିଷ୍ପତ୍ତି ନେବାପାଇଁ ପଞ୍ଚାୟତ ସମିତି ଅଧକ୍ଷ, ବିଡ଼ିଓ ଏବଂ ଡ଼ିଆଇଙ୍କୁ ନେଇ ଏକ କମିଟି ଗଠିତ ହେବ। ସେହି କମିଟି ହିଁ ଶିକ୍ଷକମାନଙ୍କର ବଦଳି ବିଷୟରେ ନିଷ୍ପତ୍ତି ନେବେ। ତେବେ ଏହି ବଦଳି ପଞ୍ଚାୟତ ସମିତି ଓ ଶିକ୍ଷା ଜିଲ୍ଲାର ପରିସର ମଧ୍ୟରେ ହିଁ କରାଯିବ। ବଦଳି ବେଳେ ସରପଞ୍ଚଙ୍କ ସୁପାରିଶକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ହେବ। ଜଣେ ଶିକ୍ଷକଙ୍କୁ ଗୋଟିଏ ପଞ୍ଚାୟତରୁ ଆଉ ଗୋଟିଏ ପଞ୍ଚାୟତକୁ ବଦଳି କରାଯିବାବେଳେ ଉପରୋକ୍ତ କମିଟି ସେହି ସୁପାରିଶକୁ ଜିଲ୍ଲା ପରିଷଦ ନିକଟକୁ ପଠାଇବ। ଯଦି ଗୋଟିଏ ଶିକ୍ଷା ଜିଲ୍ଲା ମଧ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ବଦଳି ବ୍ଲକ ରୁ ବ୍ଲକ ଭିତରେ ହେଉଥାଏ ତେବେ ସେ ବିଷୟରେ ଜିଲ୍ଲା ପରିଷଦ ସଭାପତି, ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଡ଼ିଆଇଙ୍କୁ ନେଇ ଗଠିତ ଏକ କମିଟି ନିଷ୍ପତ୍ତି ନେବେ।

(୭) **ସ୍କୁଲ ପରିଦର୍ଶନ :** ପଞ୍ଚାୟତ ଅଧକ୍ଷ ଓ ସରପଞ୍ଚ ପ୍ରାଥମିକ ବିଦ୍ୟାଳୟ, ଅଣ-ଆନୁଷ୍ଠାନିକ ଶିକ୍ଷା, ପ୍ରୌଢଶିକ୍ଷା କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବେ।

ମୂଳ କଥା ହେଲା ଏଣିକି ଗ୍ରାମପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡ଼ିକର ପରିଚାଳନା ସେହି ଗାଁ ଲୋକଙ୍କ ଦ୍ୱାରା ହେବ ।

□□□

# ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ)

ସମ୍ପ୍ରତି ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଶ୍ରମଭିତ୍ତିକ ଯୋଜନାଗୁଡିକର ସମୀକ୍ଷାପାଇଁ ମାନ୍ୟବର ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଏଥିରେ 'ଖାଦ୍ୟ ବଦଳରେ କାମ' ସହିତ ପଞ୍ଚାୟତ ସ୍ତରରେ ଚାଲିଥିବା ସମସ୍ତ ଶ୍ରମଭିତ୍ତିକ କାର୍ଯ୍ୟର ସାମାଜିକ ସମୀକ୍ଷା ଦାୟିତ୍ୱ ଗ୍ରାମସଭା ଉପରେ ନ୍ୟସ୍ତ କରାଯାଇଛି।

## ସାମାଜିକ ସମୀକ୍ଷା କ'ଣ ?

ଭାରତର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜନହିତ ପାଇଁ କରାଯାଉଥିବା ଯୋଜନାରେ କେନ୍ଦ୍ର ସରକାର ଲୋକଙ୍କ ପାଇଁ ଦିଲ୍ଲୀରୁ ଯେଉଁ ଏକ ଟଙ୍କା ପଠାଇ ଥାଆନ୍ତି ସେଥିରୁ ମାତ୍ର ୧୫ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚୁଥିବା ବେଳେ ୮୫ ପ୍ରତିଶତ ଅର୍ଥ ବାଟମାରଣା ହୋଇଯାଇଥାଏ। ଭ୍ରଷ୍ଟାଚାର କେବଳ ଆମର ଅର୍ଥନୈତିକ ସ୍ଥିତିକୁ ବିପନ୍ନ କରୁଛଇ ବୋଲି ନୁହେଁ ଏହା ଆମର ସାମାଜିକ ସ୍ଥିତିକୁ ମଧ୍ୟ ବିପନ୍ନ କରିପକାଉଛି।ଏହାକୁ ନଜରରେ ରଖି ଦେଶର ଉଚ୍ଚତମ ନ୍ୟାୟାଳୟ ଏକ ରିଟ୍ ଦରଖାସ୍ତ ସଂଖ୍ୟା -ସିଭିଲ-୧୯୮ / ୨୦୦୧ର ବିଚାର କରି ନିର୍ଦ୍ଦେଶ ଦେଇଛନ୍ତି ଯେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଶ୍ରମଭିତ୍ତିକ ଯୋଜନା ଗୁଡିକର ସାମାଜିକ ସମୀକ୍ଷା କରାଯିବ। ଏହା ଯେଉଁ ଗ୍ରାମପଞ୍ଚାୟତରେ କାର୍ଯ୍ୟ ଚାଲିଥିବ ସେହି ପଞ୍ଚାୟତବାସୀଙ୍କ ଉପସ୍ଥିତରେ କାର୍ଯ୍ୟଟି ଠିକ୍ ଭାବରେ କରାଯାଇଛି କି ନାହିଁ ସେ ବିଷୟରେ ସମୀକ୍ଷା କରାଯିବାପାଇଁ ହୋଇଥିବା ଏକ ବ୍ୟବସ୍ଥା ।

## ସାମାଜିକ ସମୀକ୍ଷା କାହିଁକି ?

ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ମୁତାବକ ଶ୍ରମ ଭିତ୍ତିକ କାର୍ଯ୍ୟ ଓ ଖାଦ୍ୟ ବଦଳରେ କାମ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ଦାୟିତ୍ୱ ଗ୍ରାମସଭା ଉପରେ ନ୍ୟସ୍ତ କରାଯାଇଛି। ଗ୍ରାମସଭା ପ୍ରକଳ୍ପ ବାବଦରେ ମଞ୍ଜୁର ଅର୍ଥର ଅପବ୍ୟୟ ଓ ଅନିୟମିତତା ବିଷୟରେ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇବେ ଓ ଉକ୍ତ ଅଭିଯୋଗ ଉପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡିଶା ଗ୍ରାମପଞ୍ଚାୟତ ଆଇନରେ ସାମାଜିକ ସମୀକ୍ଷା କଥା ନିର୍ଦ୍ଦିଷ୍ଟ ଭାବରେ କିଛି ଉଲ୍ଲେଖ କରାଯାଇନାହିଁ। କିନ୍ତୁ ଏହି ଆଇନର ଧାରା ୫(୩) ରେ ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ନିମନ୍ତେ ଅନୁଦାନ ବିନିଯୋଗ ପ୍ରମାଣପତ୍ର ଗ୍ରାମସଭାଠାରୁ ଆଣିବାପାଇଁ ବ୍ୟବସ୍ଥା ରହିଛି। ତେଣୁ ସରକାରୀ ନିୟମ କରାଯାଇଛି ଯେ ଭାରତ ସରକାରଙ୍କ ଗ୍ରାମ ଉନ୍ନୟନ ମନ୍ତ୍ରାଳୟ ଅର୍ଥରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ ଉନ୍ନୟନ କାର୍ଯ୍ୟ ଓ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟ ନିମନ୍ତେ ସାମାଜିକ ସମୀକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ। ଓଡିଶା ସରକାର ପତ୍ର ସଂଖ୍ୟା ୧୫୧୮୧(୩୦)ଜିଆଇ / ତାରିଖ-୦୩.୦୯.୨୦୦୨ରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏ ବିଷୟରେ ଚିଠି ଲେଖି ଜଣାଇ ସାରିଛନ୍ତି।

## ସାମାଜିକ ସମୀକ୍ଷା ହେବ କିପରି ?

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସାମାଜିକ ସମୀକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ପଲ୍ଲୀସଭା ଆହୁତ କରାଯିବ। ଜିଲ୍ଲାପାଳ ବା ଉପଜିଲ୍ଲାପାଳ ଏଥି ନିମନ୍ତେ ସ୍ୱତନ୍ତ୍ର ପଲ୍ଲୀସଭା ମଧ୍ୟ ଆହୁତ କରିପାରିବେ। ଏଥିପାଇଁ ଏକାଧିକବାର ସ୍ୱତନ୍ତ୍ର ପଲ୍ଲୀସଭା ମଧ୍ୟ କରାଯାଇପାରେ। ଏହି ବୈଠକର କୋରମ ପାଇଁ ସମ୍ପୃକ୍ତ ୱାର୍ଡର ଏକ ଦଶମାଂଶ ଭୋଟର ଉପସ୍ଥିତ ରହିବା ଆବଶ୍ୟକ। ଏଥିରେ ପ୍ରକଳ୍ପଗୁଡିକରେ କାର୍ଯ୍ୟ କରିଥିବା ଶ୍ରମିକ ମାନଙ୍କର ହାଜିରା ଖାତା ବା ମଷ୍ଟର ରୋଲରେ ନାମ ଥିବା ଶ୍ରମିକମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବା ୩୩ ପ୍ରତିଶତ ଉପସ୍ଥିତ ରହିବେ।

## ଗ୍ରାମସଭା/ପଲ୍ଲୀସଭା

ପଞ୍ଚାୟତ ସ୍ତରରେ ଚାଲିଥିବା କୌଣସି ପ୍ରକଳ୍ପରେ କୌଣସି ଅନିୟମିତତା ବା ଅପବ୍ୟୟ ହୋଇଥିଲେ ଗ୍ରାମସଭା ସମ୍ପୃକ୍ତ ବିଭାଗର କର୍ମକର୍ତ୍ତାଙ୍କୁ ଜଣାଇବେ ଓ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ସେହିପରି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଧାରା ୫(୩)ରେ ଥିବା ନିୟମ ମୁତାବକ ଗ୍ରାମସଭା ହିଁ ପ୍ରକଳ୍ପର ବିନିଯୋଗ ପ୍ରମାଣପତ୍ର ଦେବେ ।

**ସ୍ୱତନ୍ତ୍ର ବୈଠକ :**

ଶ୍ରମଭିତ୍ତିକ ପ୍ରକଳ୍ପର ସାମାଜିକ ସମୀକ୍ଷା ପାଇଁ ସ୍ୱତନ୍ତ୍ର ପଲ୍ଲୀସଭା ଡକାଯିବ। ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ମଧ୍ୟ ସ୍ୱତନ୍ତ୍ର ପଲ୍ଲୀସଭା ଡ଼କାଇ ପାରିବେ ଓ ଏହା ଏକାଧିକବାର ଡକାଯାଇପାରେ।

**ବୈଠକ ପାଇଁ ନୋଟିସ :**

ଏଭଳି ବୈଠକ ଡ଼କାଯିବାପାଇଁ ଅନ୍ତତଃ ୧୫ଦିନ ପୂର୍ବରୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୨୧(ବି) ଅନୁଯାୟୀ ନୋଟିସ ଦେବାକୁ ହେବ। ଏଥିପାଇଁ ପ୍ରକଳ୍ପରେ ସମ୍ପୃକ୍ତ କାର୍ଯ୍ୟକାରୀ କର୍ମକର୍ତ୍ତାମାନଙ୍କୁ ମଧ୍ୟ ବୈଠକରେ ଉପସ୍ଥିତ ରହିବାପାଇଁ ନୋଟିସ ଦିଆଯିବ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସମ୍ପାଦକ ଓ ୱାର୍ଡ଼ସଭ୍ୟଙ୍କୁ ମଧ୍ୟ ଏଥିପାଇଁ ନୋଟିସ ଦିଆଯିବ। ନୋଟିସ ପାଇବାର ୧୫ ଦିନ ମଧ୍ୟରେ ପଲ୍ଲୀସଭାର ସଭ୍ୟମାନେ କାର୍ଯ୍ୟକାରୀ ହୋଇ ସାରିଥିବା ତଥା ଚାଲୁ ରହିଥିବା ପ୍ରକଳ୍ପ ବିଷୟରେ ଲିଖିତ ସ୍ପଷ୍ଟୀକରଣ ଲୋଡ଼ିପାରିବେ ବା ଆପତ୍ତି ଅଭିଯୋଗ ଦାଖଲ କରିପାରିବେ।

**କୋରମ :**

ଏପରି ବୈଠକର କୋରମ ନିମନ୍ତେ ଯେଉଁ ୱାର୍ଡ଼ରେ ଚାଲିଥିବା ପ୍ରକଳ୍ପର ସମୀକ୍ଷା ହେଉଥିବ ସେହି ୱାର୍ଡ଼ର ଏକ ଦଶମାଂଶ ଭୋଟର ଉପସ୍ଥିତ ରହିବା ଆବଶ୍ୟକ। ଏହା ସହିତ ଯେଉଁ ପ୍ରକଳ୍ପପାଇଁ ସମୀକ୍ଷା ହେବ ତାର ହାଜିରାଖାତାରେ ନାମ ଥିବା ଶ୍ରମିକଙ୍କ ମଧ୍ୟରୁ ଏକ ତୃତୀୟାଂଶ ମଧ୍ୟ ଉପସ୍ଥିତ ରହିବେ। କୋରମ ନହେଲେ ବୈଠକ ସ୍ଥଗିତ ରହିବ। କିନ୍ତୁ ପରବର୍ତ୍ତୀ ବୈଠକରେ ଆଉ କୋରମର ଆବଶ୍ୟକତା ରହିବ ନାହିଁ।

**ବୈଠକ :**

ଯେଉଁ ପ୍ରକଳ୍ପର ସାମାଜିକ ସମୀକ୍ଷାପାଇଁ ବୈଠକ ଡକାଯାଇଥିବ ସେ ପ୍ରକଳ୍ପ ବିଷୟରେ ଗ୍ରାମପଞ୍ଚାୟତ ସମ୍ପାଦକ କିମ୍ବା ତାଙ୍କ ଅନୁପସ୍ଥିତିରେ ଗ୍ରାମ ପଞ୍ଚାୟତ ଯାହାକୁ ସ୍ଥିର କରିଥିବେ ସେ ଏହି ବୈଠକରେ ଭଲ ଭାବରେ ଉପସ୍ଥିତ ସଦସ୍ୟମାନଙ୍କୁ ସୂଚନା ଦେବେ। ମିଳିଥିବା ଆପତ୍ତି ଅଭିଯୋଗଗୁଡ଼ିକର ଗୋଟିକ ପରେ ଗୋଟିଏ ଶୁଣାଣୀ କରାଯିବ। ପ୍ରକଳ୍ପରେ ସମ୍ପୃକ୍ତ ବେସରକାରୀ ସଦସ୍ୟ ଏବଂ ସରକାରୀ ଅଧିକାରୀ ପ୍ରକଳ୍ପ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇପାରିବେ ବା ତଥ୍ୟ ଉପସ୍ଥାପନା କରିପାରିବେ। ଶୁଣାଣୀ ପରେ ମତୈକ୍ୟ ଭିତ୍ତିରେ ନିଷ୍ପତ୍ତି ନିଆଯିବ। କୌଣସି ବିଷୟକୁ ନେଇ ଦ୍ୱିମତ ପ୍ରକାଶ ପାଇଲେ ତା ଉପରେ ଭୋଟ ମାଧ୍ୟମରେ ନିଷ୍ପତ୍ତି ନିଆଯିବ। ମୌଖିକଭାବେ ମିଳିଥିବା ଆପତ୍ତି ଉପରେ ମଧ୍ୟ ଅନୁରୂପ ଭାବରେ ଶୁଣାଣୀ କରାଯାଇ ନିଷ୍ପତ୍ତି ନିଆଯିବ। ସମ୍ପୃକ୍ତ ପ୍ରକଳ୍ପରେ କୌଣସି ଅନିୟମିତତା ହୋଇନଥିବା ତଥା ସମସ୍ତ କାର୍ଯ୍ୟ ସନ୍ତୋଷଜନକଭାବରେ ହୋଇଥିବା କଥା ପଲ୍ଲୀସଭାରେ ସଂଖ୍ୟାଧିକ ଭୋଟରେ ଗୃହିତ ହେଲେ ଗ୍ରାମପଞ୍ଚାୟତ ଏହା ଉପରେ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିପାରିବେ।

**ଦୂର୍ନୀତି ବା ଅନିୟମିତତା ହୋଇଥିଲେ :**

ଯଦି ପଲ୍ଲୀସଭା କାର୍ଯ୍ୟରେ ଅନିୟମିତତା ବା ଦୂର୍ନୀତି ହୋଇଥିବାର ଜଣାପଡ଼େ ଓ ସେହି ଅନୁଯାୟୀ ପ୍ରସ୍ତାବ ଗୃହୀତ ହୁଏ ତେବେ ଉପଜିଲ୍ଲାପାଳ ଏହାର ତଦନ୍ତ କରିବେ। ତଦନ୍ତ ନିମନ୍ତେ ପଲ୍ଲୀସଭାର ଦୁଇଜଣ ସଦସ୍ୟ ଓ ସମ୍ପୃକ୍ତ କାର୍ଯ୍ୟ ସହିତ ସମ୍ପୃକ୍ତ ନଥିବା ଅନ୍ୟ ବିଭାଗର ଜଣେ ମନୋନୀତ ବୈଷୟିକ କର୍ମଚାରୀ ଉପଜିଲ୍ଲାପାଳଙ୍କୁ ସହାୟତା ଦେବେ। ଉପଜିଲ୍ଲାପାଳ ୩ ମାସ ମଧ୍ୟରେ ତଦନ୍ତ ଶେଷ କରିବେ। ଯଦି ଅଭିଯୋଗରେ ସତ୍ୟତା ଥାଏ ତେବେ ଉକ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତୃଟି ପରିଶୋଧନ ନିମନ୍ତେ ପଠାଯିବ। ଯଦି ଏହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରାନଯାଏ ତେବେ ସମ୍ପୃକ୍ତ ବିଭାଗ ଆଇନ ଅନୁଯାୟୀ ଉପଜିଲ୍ଲାପାଳଙ୍କ ଦ୍ୱାରା ଦର୍ଶାଯାଇଥିବା ଅର୍ଥ ଆଦାୟ ନିମନ୍ତେ ପଦକ୍ଷେପ ନେବେ ଓ ଦଣ୍ଡବିଧି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବେ। ଯଦି ଉପଜିଲ୍ଲାପାଳ ପଲ୍ଲୀସଭା ନିଷ୍ପତ୍ତି ସହିତ ସହମତ ନହୁଅନ୍ତି ତେବେ ତାଙ୍କ ତଦନ୍ତ ବିବରଣୀ ସହିତ ସମସ୍ତ ରେକର୍ଡ ପତ୍ର ପଲ୍ଲୀସଭା ନିକଟରେ ଉପସ୍ଥାପନ କରାଯିବ ଓ ପଲ୍ଲୀସଭା ଚାହିଁଲେ ଉପଜିଲ୍ଲାପାଳଙ୍କ ନିଷ୍ପତ୍ତି ବିରୁଦ୍ଧରେ ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି କରିପାରିବେ। ତେବେ ଏ ବିଷୟରେ ଜିଲ୍ଲାପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ।

❏❏❏

# ପଞ୍ଚାୟତିରାଜ ଓ ମହିଳା

ଦେଶର ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ସୁଦୃଢ କରିବା, କ୍ଷମତାର ବିକେନ୍ଦ୍ରୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଗଣତନ୍ତ୍ର ଓ ସ୍ଥାନୀୟ ପ୍ରଶାସନରେ ମହିଳାମାନେ ଅଧିକ ସଂଖ୍ୟାରେ ଭାଗ ନେଇ ପାରିବା ଦିଗରେ ଦେଶର ୭୩ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ହେଉଛି ଏକ ମାଇଲ ଖୁଣ୍ଟ ସଦୃଶ। ଏହି ଐତିହାସିକ ବ୍ୟବସ୍ଥାଟି ଆସିଯିବାପରେ ମହିଳାମାନଙ୍କ ପାଇଁ ସ୍ୱଶାସନ ବ୍ୟବସ୍ଥାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ଯା ଫଳରେ ଦେଶର ସର୍ବାଙ୍ଗୀନ ବିକାଶ କରିବା ଦିଗରେ ମହିଳାଙ୍କ ଭୂମିକା ପୂର୍ବ ଅପେକ୍ଷା ଅଧିକ ବଢ଼ି ଯାଇଛି। ଆମ ରାଜ୍ୟରେ ମହିଳାଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ଅଧାଅଧି। ଏହା ପାଖାପାଖି ୨ କୋଟି ହେବ। ବିଶେଷକରି ଗ୍ରାମାଞ୍ଚଳ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ମହିଳା। । ଏକ ହିସାବ ମୁତାବକ ଆମ ରାଜ୍ୟରେ ୧୦୦୦ ପୁରୁଷରେ ୯୭୨ ଜଣ ମହିଳା ରହିଛନ୍ତି। ତେବେ ଅନ୍ୟାନ୍ୟ ଦୃଷ୍ଟିରୁ ଆନୁପାତିକ ଭାବରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ କମ। ଆତ୍ମନିଯୁକ୍ତିରେ ମହିଳାଙ୍କ ସଂଖ୍ୟା ହେଉଛି ହେଉଛି ମାତ୍ର ୩୦ ପ୍ରତିଶତ। ବିଧାନସଭା ଓ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ଅତି ସୀମିତ। ସଂସଦରେ ମହିଳା ବିଲ ଗୃହୀତ ହୋଇପାରୁନାହିଁ। ସେଥିପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ହିଁ ମହିଳାଙ୍କପାଇଁ ଏକମାତ୍ର ବିକଳ୍ପଭାବେ ବିବେଚନା କରାଯାଉଛି। ଏହା ଯୋଗୁଁ ସମ୍ପ୍ରତି ୧୦ ଲକ୍ଷ ମହିଳା ସ୍ୱଶାସନ ସହିତ ସମ୍ପୃକ୍ତ ହୋଇପାରିଛନ୍ତି। ଆମ ରାଜ୍ୟର ୨୦୦୨ ମସିହା ଫେବୃଆରୀ ମାସରେ ହୋଇଥିବା ପଞ୍ଚାୟତ ନିର୍ବାଚନ ଓ ୨୦୦୭ ମସିହାରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ସଂଖ୍ୟାକୁ ଦେଖିଲେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କର ପର୍ଯ୍ୟାପ୍ତ ସମ୍ପୃକ୍ତି କଥାଟି ସ୍ପଷ୍ଟ ହୋଇଯାଏ।

ତେବେ ସମ୍ବିଧାନ ସଂଶୋଧନ କରାଯିବାର ପରବର୍ତ୍ତୀ କାଳରେ ମହିଳାମାନଙ୍କୁ ମିଳିଥିବା ସୁବିଧା ସୁଯୋଗକୁ ସେମାନେ ହାତଛଡା କରିନାହାନ୍ତି। ପୂର୍ବରୁ ଘରର ଚାରିକାନ୍ଥ ମଧ୍ୟରେ ରହୁଥିବା ଗ୍ରାମୀଣ ମହିଳାମାନେ ସ୍ୱଶାସନ ବ୍ୟବସ୍ଥାରେ ଭାଗ ନେଇ ନେତୃତ୍ୱ ଦେବାରେ ସକ୍ଷମ ହୋଇ ପାରିଛନ୍ତି। ବିଭିନ୍ନ ସଭାସମିତିର ଆୟୋଜନ ଓ ସେସବୁରେ ଯୋଗଦାନ କରିବାରେ ମହିଳାମାନେ ବହୁ କ୍ଷେତ୍ରରେ ଆଗୁଆ ହେଲେଣି। ଆଦିବାସୀ ବହୁଳ ଅଞ୍ଚଳରେ ମହିଳାମାନେ ମଦମୁକ୍ତି ଅଭିଯାନରେ ସାମିଲ ହୋଇ ବହୁ ସ୍ଥାନରେ ସଫଳ ମଧ୍ୟ ହେଉଛନ୍ତି। ବିଭିନ୍ନ ପଞ୍ଚାୟତିରାଜ ଅନୁଷ୍ଠାନ ବିଶେଷକରି ବ୍ଲକ ଅଫିସ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଦୂର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କେତେଜଣ ସାହସୀ ମହିଳା ପ୍ରତିନିଧି ସମର୍ଥ ହେବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପ୍ରମାଣିତ ହୋଇ ପାରିଛନ୍ତି। ସେହିପରି ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡିକରେ ପୂର୍ବରୁ ହିତାଧିକାରୀ ଚୟନରେ ଯେଉଁ ପକ୍ଷପାତିତା ଓ ଦୂର୍ନୀତି ଦେଖା ଯାଉଥିଲା ତାହାର ଦୃଢ ମୁକାବିଲା କରିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ଅଭିଯାନରେ ଯୋଗଦାନ କରିବା ଓ ଜନସଚେତନତା ସୃଷ୍ଟି କରିବା ଦିଗରେ ମହିଳା ପ୍ରତିନିଧିମାନଙ୍କ ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ।

**ସ୍ଥାନ ସଂରକ୍ଷଣ :**

ପଞ୍ଚାୟତିରାଜର ବିଭିନ୍ନ ସ୍ତରରେ ହେଉଥିବା ପ୍ରତ୍ୟକ୍ଷ ନିର୍ବାଚନରେ ମହିଳାମାନଙ୍କପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି। ୭୩ତମ ସମ୍ବିଧାନ ସଂଶୋଧନ ଆସିବା ପୂର୍ବରୁ ଓଡ଼ିଶାରେ ମହିଳାମାନଙ୍କପାଇଁ ପଞ୍ଚାୟତ ତଥା ଅନ୍ୟାନ୍ୟ ନିର୍ବାଚନରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯିବା ବ୍ୟବସ୍ଥା କରାଯାଇ ସାରିଥିଲା।

**ଓ୍ୱାର୍ଡ ମେମ୍ବର :**

ଗ୍ରାମପଞ୍ଚାୟତର ସମସ୍ତ ଓ୍ୱାର୍ଡ ସଭ୍ୟମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବା ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିଥିବା ସ୍ଥାନ ମଧ୍ୟରୁ ଏକ ତୃତୀୟାଂଶ ସ୍ଥାନ ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନଙ୍କପାଇଁ ସଂରକ୍ଷିତ ହେବ।

**ସରପଞ୍ଚ :**

ରାଜ୍ୟରେ ସମୁଦାୟ ସରପଞ୍ଚମାନଙ୍କ ସଂଖ୍ୟାର ଏକ ତୃତୀୟାଂଶ ସ୍ଥାନ ମହିଳାମାନଙ୍କପାଇଁ ସଂରକ୍ଷିତ ହେବ। ଯେଉଁ ପଞ୍ଚାୟତରେ ସରପଞ୍ଚ ମହିଳା ହୋଇ ନ ଥିବେ ସେଠାରେ ନାଏବ ସରପଞ୍ଚ ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚିତ ହେବାର ଏକ ମାସ ମଧ୍ୟରେ ଉପାଧକ୍ଷଙ୍କ ନିର୍ବାଚନ ହେବ ଓ ସେଥିରେ କେବଳ ମହିଳାମାନେ ପ୍ରାର୍ଥୀ ହେବେ।

**ଜିଲ୍ଲାପରିଷଦ ଅଧକ୍ଷ :**

ଜିଲ୍ଲାପରିଷଦ ଅଧକ୍ଷ ପଦବୀର ଏକ ତୃତୀୟାଂଶ ମହିଳାମାନଙ୍କପାଇଁ ସଂରକ୍ଷିତ ହୋଇ ରହିବ। ଯେଉଁ ଜିଲ୍ଲାରେ ଅଧକ୍ଷ ମହିଳା ହୋଇନଥିବେ ସେଠାରେ ଉପାଧକ୍ଷ ପଦବୀ ନିର୍ବାଚନରେ କେବଳ ମହିଳାମାନେ ପ୍ରାର୍ଥୀ ହୋଇପାରିବେ।

**ନିର୍ବାଚନ ପରର ଭୂମିକା :**

୭୩ତମ ସମ୍ବିଧାନ ସଂଶୋଧନ ପରେ ଖାସ ପଞ୍ଚାୟତିରାଜ ବ୍ୟବସ୍ଥାକୁ ନେଇ ସମ୍ବିଧାନରେ ନୂଆକରି ଏକାଦଶ ଅନୁସୂଚୀକୁ ଯୋଡ଼ାଯାଇଛି। ସେଥିରେ ଗ୍ରାମ୍ୟବିକାଶ ସମ୍ବନ୍ଧିତ ୨୯ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନପାଇଛି। ତା ଭିତରୁ ମହିଳା ପ୍ରତିନିଧିମାନେ ଯେଉଁ ସବୁ ବିଷୟରେ ବିଶେଷ ଭୂମିକା ତୁଲାଇ ପାରିବେ ସେସବୁ ହେଉଛି, କୃଷି, ପଶୁପାଳନ, ସାମାଜିକ ବନୀକରଣ, ଲଘୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ପାନୀୟ ଜଳ, ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ କରିବା, ପ୍ରାଥମିକ ଶିକ୍ଷା, ପାଠାଗାର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପରିବାର କଲ୍ୟାଣ, ମହିଳା ଓ ଶିଶୁବିକାଶ, ସାମାଜିକ କଲ୍ୟାଣ, ଓ ସାର୍ବଜନୀନ ବିତରଣ ପ୍ରଣାଳୀ ଇତ୍ୟାଦି। ମହିଳାମାନଙ୍କୁ ଏହିସବୁ ପାଇଁ କାର୍ଯ୍ୟକ୍ରମଭିତ୍ତିକ ଯୋଜନା ପ୍ରଣୟନ ସକାଶେ ସୁଯୋଗ ଦେବାକୁ ପଲ୍ଲୀସଭା ଓ ଗ୍ରାମସଭାରେ ବ୍ୟବସ୍ଥା କରାଯାଇଛି। ଏହା ଫଳରେ ପଲ୍ଲୀସଭା ଓ ଗ୍ରାମସଭାରେ ନିର୍ବାଚିତ ମହିଳା ପ୍ରତିନିଧି ବା ତାଙ୍କର ପ୍ରତିନିଧିମାନେ ନିଜ କଥାକୁ ଉପସ୍ଥାପିତ କରିବାର ବେଶ ସୁଯୋଗ ପାଇପାରିବେ।

❑❑❑



cysd

sowing the seeds
of change...

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ,
ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧ ୦୧୩
ଦୂରଭାଷ : ୦୬୭୪ - ୨୩୦୧୭୨୫, ୨୩୦୦୭୭୪